# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୩/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, March 13/2025 Page 14 ₹ 7.00

୫୧ଶ ଭାଗ ୧୦୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 109 ମୂଲ୍ୟ ₹୭/-


# ୩ ଗୁଣା ବଢ଼ିଛି ଡିଜିଟାଲ ଆରେଷ୍ଟ

**ଭାରତରେ ସାଇବର ଅପରାଧ କ୍ରମଶଃ ବଢ଼ିବାରେ ଲାଗିଛି। ୨୦୨୨ରୁ ୨୦୨୪ ମଧ୍ୟରେ ଡିଜିଟାଲ ଆରେଷ୍ଟ ସ୍କାମ୍ ଓ ଅନ୍ୟ ସାଇବର କ୍ରାଇମ୍ ୩ ଗୁଣା ବୃଦ୍ଧି ପାଇଛି। ସ୍କାମରମାନେ ଲୋକଙ୍କୁ ଜାଲରେ ଫସାଇ ଠକିନେଇଥିବା ଟଙ୍କାର ପରିମାଣ ୨୧ ଗୁଣା ବୃଦ୍ଧି ପାଇଥିବା କେନ୍ଦ୍ର ସରକାର ବୁଧବାର ସଂସଦକୁ ଅବଗତ କରାଇଛନ୍ତି।**

## ୨୦୨୨-୨୦୨୪: ଲୁଟ୍ ଅର୍ଥ ୨୧ ଗୁଣ ଅଧିକ

ନୂଆଦିଲ୍ଲୀ,୧୨।୩ (ପି.ଟି./ଏଜେନ୍ସି)

ସମୟକ୍ରମେ ଅପରାଧର ପରିଭାଷା ବଦଳିବାରେ ଲାଗିଛି। ଅପରାଧୀମାନେ ଲୋକଙ୍କୁ ଠକିବା ପାଇଁ ନୂଆ ନୂଆ ଉପାୟ ଆପଣାଉଛନ୍ତି। ସମ୍ପ୍ରତି ସ୍କୁଲ ପିଲାଙ୍କଠାରୁ ନେଇ ଗୃହିଣୀ, ସରକାରୀ ଚାକିରିଆ ଓ ବ୍ୟବସାୟୀମାନେ ମୋବାଇଲ ଫୋନ୍ ଓ ଇଣ୍ଟରନେଟ୍ ଉପରେ ଏଭଳି ନିର୍ଭରଶୀଳ ହୋଇଗଲେଣି, ଯେମିତି ଏହାକୁ ବାଦ୍‌ଦେଲେ ଜୀବନଚର୍ଯ୍ୟା ନିରର୍ଥକ ହୋଇଯିବ। ଅନ୍‌ଲାଇନ୍ ଉପକରଣ ଓ ସେବା ଉପରେ କ୍ରମବର୍ଦ୍ଧିଷ୍ଣୁ ନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ସାଇବର ଅପରାଧୀମାନେ ଏହାକୁ ଲୁଟ୍‌ର ମାଧ୍ୟମ କରିଦେଇଛନ୍ତି। ସରକାରୀ ସ୍ତରରେ ସତର୍କତା ବୃଦ୍ଧି ସକାଶେ ଅନେକ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ୟୁଜର୍ସ ସେତେଟା ସଚେତନ ହୋଇପାରୁ ନାହାନ୍ତି। ପରିଣାମସ୍ୱରୂପ ☞ପୃଷ୍ଠା-୪

## ୧ରୁ ରାଜ୍ୟରେ ଆୟୁଷ୍ମାନ ଭାରତ

## ଅସ୍ଥାୟୀ କର୍ମଚାରୀଙ୍କ ଦରମା ପ୍ରାୟ ୨୫% ବୃଦ୍ଧି

ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

## ଦୁଇଟି ବିବାହର କଥା











SHOWROOMS: ODISHA: RENAULT BHUBANESWAR Ph: 8860076082, RENAULT BHUBANESWAR CENTRAL Ph: 7428190232. RENAULT BHAWANIPATNA Ph: 9438395880. RENAULT CUTTACK Ph: 9311772648. RENAULT JEYPORE Ph: 9311596618. RENAULT SAMBALPUR Ph: 8448890323.


ଆସିଛି ପର୍ବ ହୋଲିର
ଆଣିଛି ମନରେ बहार
NEW PACK
ASHOK & CO.- PAN BAHAR LTD.
BAHAR
THE HERITAGE
PAN MASALA
Happy Holi
A quality product from
PAN BAHAR
NO TOBACCO NICOTINE
www.panbahar.in
CHEWING OF PAN MASALA IS INJURIOUS TO HEALTH. NOT FOR MINORS




# ୧ରୁ ରାଜ୍ୟରେ ଆୟୁଷ୍ମାନ୍ ଭାରତ

**ଭୁବନେଶ୍ୱର, ୧୨।୩(ସୁନିତ୍ ମିଶ୍ର)**

ରାଜ୍ୟରେ ଆସନ୍ତା ଏପ୍ରିଲ ୧ରୁ କାର୍ଯ୍ୟକାରୀ ହେବ ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ଏହାସହ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାର ମଧ ସେହିଦିନ ଶୁଭାରମ୍ଭ ହେବ। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଯୋଜନାର ଶୁଭାରମ୍ଭ ପାଇଁ ରାଜ୍ୟର ସମସ୍ତ ୧୪୩୮ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ବ୍ୟାପକ ସଚେତନତା କରାଯିବ।

ସୂଚନାଯୋଗ୍ୟ, ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓଡ଼ିଶାରେ କାର୍ଯ୍ୟକାରୀ ହେବା ପାଇଁ ଗତ ଜାନୁଆରୀ ୧୩ରେ ନୂଆଦିଲ୍ଲୀଠାରେ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହିତ ରାଜ୍ୟ ସରକାରଙ୍କ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ବୈଠକର ତଥ୍ୟ ଅନୁଯାୟୀ ଉଭୟ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧ କୋଟି ୦୩ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ। ବ୍ୟକ୍ତିଗତ ଭାବେ ୩.୪୬ କୋଟିରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ। ଏହି ୨ଟି ଯୋଜନା ଓଡ଼ିଶାରେ ସଂଯୁକ୍ତ ଭାବେ କାର୍ଯ୍ୟକାରୀ କରାଯିବ। ଏହି ୨ ଯୋଜନା ପାଇଁ ପ୍ରତ୍ୟେକ ହିତାଧିକାରୀଙ୍କୁ ଗୋଟିଏ କାର୍ଡ ଯୋଗାଇ ଦିଆଯିବ। ବୟୋବନ୍ଦନା ଯୋଜନାରେ ହିତାଧିକାରୀମାନେ ଅଲଗା ଏକ ସ୍ୱତନ୍ତ୍ର କାର୍ଡ ପାଇବେ। ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ୮୦ ହଜାରରୁ ଅଧିକ ପରିବାର ଉପକୃତ ହେବାକୁ ଥିବାବେଳେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୩୫ ଲକ୍ଷ ୮୪ ହଜାରରୁ ଅଧିକ ପରିବାର ଉପକୃତ ହେବେ। ସେହିପରି ୭୦ ବର୍ଷ ବୟସରୁ ଅଧିକ ବୟସର ଲୋକମାନଙ୍କୁ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାରେ ସାମିଲ କରାଯିବ। ସୂଚନା ଅନୁଯାୟୀ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ୨୩,୧୨,୯୭୯। ତେବେ ଏମାନଙ୍କ ମଧ୍ୟରୁ ପ୍ରାୟ ୧୭ ଲକ୍ଷ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲଥିବାରୁ ଅଧିକ ୬ ଲକ୍ଷ ହିତାଧିକାରୀ ଏହି ଯୋଜନାରେ ଯୋଡ଼ିହେବେ। ପ୍ରତ୍ୟେକ ପୁରୁଷ ହିତାଧିକାରୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବା ବେଳେ ପ୍ରତ୍ୟେକ ମହିଳା ହିତାଧିକାରୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ପ୍ରଦାନ କରାଯିବ। ଗୋଟିଏ ପରିବାରରେ ୭୦ ବର୍ଷରୁ ଅଧିକ ବୟସର ହିତାଧିକାରୀ ଥିଲେ, ପରିବାର ପ୍ରତି ଚିକିତ୍ସା ଖର୍ଚ୍ଚ ସର୍ବାଧିକ ୧୫ ଲକ୍ଷ ଟଙ୍କା ହେବ। ହିତାଧିକାରୀମାନେ ଦେଶର ୨୯ ହଜାରରୁ ଅଧିକ ସରକାରୀ ଓ ପଞ୍ଜୀକୃତ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆୟୁଷ୍ମାନ୍ ଭାରତ ସମ୍ପର୍କିତ ବୈଠକ।

**ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବି ଶୁଭାରମ୍ଭ ହେବ**

# ଏନ୍‌ଏଚ୍‌ଏଆଇ ଢାଞ୍ଚାରେ ହେବ ରାଜ୍ୟ ରାଜପଥ ପ୍ରାଧିକରଣ

## ଭୁବନେଶ୍ୱରରେ ନିର୍ମାଣ ହେବ ଇନର, ଆଉଟର ରିଂରୋଡ୍

**ଭୁବନେଶ୍ୱର, ୧୨।୩(ସୁନିତ୍ ମିଶ୍ର)**

**ନିର୍ମାଣ ବିଭାଗ ଖର୍ଚ୍ଚଦାବି ବିଧାନସଭାରେ ଅନୁମୋଦିତ**

- ଶିଶୁ ଭବନ ଛକଠାରୁ ମ୍ୟୁଜିୟମ ଛକ ପର୍ଯ୍ୟନ୍ତ ହେବ ଆର୍‌ଓବି
- ଏଜି ଛକରେ ଭୂତଳ ରାସ୍ତା ନିର୍ମାଣ ହେବ
- କଳ୍ପନାରୁ ମ୍ୟୁଜିୟମ ଛକ ଯାଏ ହେବ ଆର୍‌ଓବି
- ଓଡ଼ିଶାରେ ହେବ ଇଣ୍ଡିଆନ ରୋଡ୍ କଂଗ୍ରେସ

ଚଳିତ ବର୍ଷ ଓଡ଼ିଶାରେ ଇଣ୍ଡିଆନ ରୋଡ୍ କଂଗ୍ରେସ ହେବ। ସେହିପରି ଏନ୍‌ଏଚ୍‌ଏଆଇ ଢାଞ୍ଚାରେ ରାଜ୍ୟ ରାଜପଥ ପ୍ରାଧିକରଣ ହେବ। ଏହାସହ ଭୁବନେଶ୍ୱର ରାସ୍ତାରେ ଭିଡ଼ ହ୍ରାସ କରାଇବା ଲାଗି ରାଜ୍ୟ ସରକାର କାର୍ଯ୍ୟ କରିବେ। ଏନେଇ କେତେକ ପ୍ରସ୍ତାବ ରହିଛି ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଜୟଦେବ ବିହାରଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ଏଲିଭେଟେଡ୍ କରିଡର ନିର୍ମାଣ କରାଯିବ। ବାରଙ୍ଗଠାରୁ ପଟିଆ ଷ୍ଟେସନ ଛକ, ଏନ୍‌ଏଚ୍-୧୬ ଓ ସୁଆଙ୍ଗ ମୌଜା ଦେଇ ଜଟଣୀକୁ ସଂଯୋଗ କରୁଥିବା କେନାଲ ବନ୍ଧ ରାସ୍ତା(ଦୟା ୱେଷ୍ଟ କେନାଲ ରୋଡ୍)ର ଉନ୍ନତୀକରଣ ହେବ। କଳ୍ପନା ଛକ ଓ ମ୍ୟୁଜିୟମ ଛକଠାରେ ଫ୍ଲାଏଓଭର ନିର୍ମାଣ ହେବ। ଶିଶୁ ଭବନଠାରୁ ମ୍ୟୁଜିୟମ ରାସ୍ତାରେ ଆର୍‌ଓବି ନିର୍ମାଣ କରାଯିବ। ଏଜି ଛକଠାରେ ଭୂତଳ ରାସ୍ତା ନିର୍ମାଣ ହେବ। କଳାରାହାଙ୍ଗଠାରୁ ବରିମୁଣ୍ଡ ଓ ଗୁରୁ କେଳୁଚରଣ ପାର୍କଠାରୁ ଫୁଲନଖରା ପର୍ଯ୍ୟନ୍ତ ଏକ ରାସ୍ତା ହେବ ଏବଂ ଏହା ଉପରେ ଏକ ନୂତନ ରେଳ ଓଭର ବ୍ରିଜ ନିର୍ମାଣ କରାଯିବ। ଭୁବନେଶ୍ୱର ଇନର ଏବଂ ଆଉଟର ରିଂରୋଡ୍ ନିର୍ମାଣ କରାଯିବ। ସେହିପରି ରାଜ୍ୟ ରାଜପଥଗୁଡ଼ିକରେ କ୍ରମାଗତ ଟ୍ରାଫିକ୍ ବୃଦ୍ଧିକୁ ଦୃଷ୍ଟିରେ ରଖି କେତେକ ନିର୍ଦ୍ଦିଷ୍ଟ ରାଜପଥକୁ ୪ ଥାକିଆ କରିବା ଲାଗି ଯୋଜନା କରାଯାଉଛି। ଆସନ୍ତା ୧୫ ଦିନ ଭିତରେ ପୂର୍ତ୍ତ ବିଭାଗ ଏକ ଡ୍ୟାସ୍ ବୋର୍ଡ ଗଠନ କରିବ, ଯେଉଁଥିରେ ପ୍ରକଳ୍ପଗୁଡ଼ିକର ବିସ୍ତୃତ ବିବରଣୀ ସହ ଠିକାଦାରଙ୍କ ତଥ୍ୟ ରଖାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

ବିଧାନସଭାରେ ବୁଧବାର ପୂର୍ତ୍ତ ବିଭାଗ ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ଉତ୍ତର ରଖି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ନେଇ ହୋଇଥିବା ମାମଲାରେ ସରକାର ବିଜୟ ଲାଭ କରିଛନ୍ତି। ଖୁବ୍‌ଶୀଘ୍ର ଏହି ପଦବୀଗୁଡ଼ିକ ଲାଗି ସରକାର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବେ। ଓପିଡବ୍ଲ୍ୟୁଡିର କୋଡ୍ ପରିବର୍ତ୍ତନ କରାଯିବ। ୫ ବର୍ଷରେ ରାଜ୍ୟରେ ମୋଟ୍ ୧୫ ହଜାର କି.ମି.ର ରାସ୍ତା ନିର୍ମାଣ କରାଯିବ। ୨୮୩ଟି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ୫୮ ହଜାର କୋଟି ଟଙ୍କାର ଟେଣ୍ଡର ଲାଗି କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଥିବା ବେଳେ ସେଥି ମଧ୍ୟରୁ ୭୮୦ କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ସଡ଼କ ସାନ୍ଦ୍ରତାରେ ଓଡ଼ିଶା ଅଷ୍ଟମ ସ୍ଥାନରେ ରହିଛି, ଏହାକୁ ଏକ ନମ୍ବରକୁ ଆଣିବା ଲାଗି ଯୋଜନା ରହିଛି। ୪ଟି ବୃହତ୍ ସେତୁ ପ୍ରକଳ୍ପକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ୩୧୯ କୋଟି ଟଙ୍କା ବ୍ୟୟ ଅଟକଳରେ ଭଦ୍ରକ-ଚାନ୍ଦବାଲି ରାସ୍ତାର ଚାନ୍ଦବାଲି ନିକଟରେ ବୈତରଣୀ ନଦୀ ଉପରେ ୨ୟ ସେତୁ ନିର୍ମାଣ କରାଯିବ। କଟକ-ଚାନ୍ଦବାଲି ରାସ୍ତାର ଭାରିଗଦା ଠାରେ ଖରସ୍ରୋତା ନଦୀ ଉପରେ ୨୮୪ କୋଟି ଟଙ୍କା ବ୍ୟୟରେ ୨ୟ ସେତୁ, କଟକ-ଚାନ୍ଦବାଲି ରାସ୍ତାର ପତ୍ରପୁରଠାରେ ବ୍ରାହ୍ମଣୀ ନଦୀ ଉପରେ ୨ୟ ସେତୁ, ପୂଜାରୀପାଲି ଘାଟ-ଜରିମୂଳ ରାସ୍ତାରେ ଝାରସୁଗୁଡା ଏ ବରଗଡ ଜିଲ୍ଲାକୁ ସଂଯୋଗ କରିବା ପାଇଁ ମହାନଦୀ ଉପରେ ୩୫୪ କୋଟିରେ ସେତୁ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ନିର୍ମାଣ ବିଭାଗ ଅଧୀନରେ ୪୧୧୨ କି.ମି. ରାଜ୍ୟ ରାଜପଥ, ୨୬୩୨ କି.ମି. ମୁଖ୍ୟ ଜିଲା ରାସ୍ତା, ୨୨୮୬୬ କି.ମି. ଅନ୍ୟାନ୍ୟ ଜିଲା ରାସ୍ତା, ଏପରିକି ସର୍ବମୋଟ୍ ୨୯୬୧୦ କି.ମି . ରାସ୍ତା ଅଛି। ଏହା ବ୍ୟତୀତ ନିର୍ମାଣ ବିଭାଗ ୫୭୫୩ କି.ମି. ଜାତୀୟ ରାଜପଥର ନିର୍ମାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଅଛି। ନିର୍ମାଣ ବିଭାଗ ଅଧୀନରେ ମୋଟ୍ ୧,୪୧,୯୦,୧୫୧ ବର୍ଗ ମିଟର ପରିମିତ କୋଠାବାଡି ନିର୍ମାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଅଛି। ରାଜ୍ୟର ଦକ୍ଷିଣରୁ ଉତ୍ତରକୁ ସଂଯୋଗ କରୁଥିବା ମୋଟୁଠାରୁ ତିରିଙ୍ଗ ପର୍ଯ୍ୟନ୍ତ ଏକ ସୁଦୀର୍ଘ ୯୬୯ କି.ମି. ନୂତନ ୬ ଥାକିଆ ରାସ୍ତା ନିର୍ମାଣ ପାଇଁ ପରିକଳ୍ପନା କରାଯାଇଛି। ଏଥିଲାଗି ଅନୁମାନିକ ୧୫ ହଜାର କୋଟି ଟଙ୍କାର ଅଟକଳ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୬୦୮୦ କୋଟି ୩୦ ଲକ୍ଷ ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି। ଏଥିରେ ୨୨୦୦ କି.ମି . ରାସ୍ତାର ଉନ୍ନତୀକରଣ, ୪୦ଟି ସେତୁ ଓ ୩ଟି ରୋଡ୍ ଓଭର ବ୍ରିଜ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଯାଇଛି। ସମଲେଇ ମନ୍ଦିରର ଉନ୍ନତୀକରଣ ଲାଗି ୨୦ କୋଟି, ଏକାମ୍ର ଯୋଜନାରେ ୫୦ କୋଟି, ଅବଢ଼ା ଯୋଜନାରେ ୩୪୩.୭୫ କୋଟି ଟଙ୍କାର ବ୍ୟୟ ବରାଦ ରହିଛି। ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ପ୍ରଶାସନିକ ବ୍ୟୟ ବାବଦକୁ ୨୯୯୬ କୋଟି ୬୮ ଲକ୍ଷ ୩୨ ହଜାର ଟଙ୍କା ରଖାଯାଇଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ବରାଦକୁ ୯୪୫୧ କୋଟି ୭୫ ଲକ୍ଷ ଟଙ୍କା ଏହିପରି ସର୍ବମୋଟ୍ ୧୨,୪୪୮ କୋଟି ୪୩ ଲକ୍ଷ ୩୨ ହଜାର ଟଙ୍କାର ଅନୁଦାନକୁ ଗୃହରେ ଗୃହୀତ କରାଯାଇଛି।

## ଗଙ୍ଗୁଆନାଳ ଉପରେ ହେବ ୬ ଲେନ୍ ରାସ୍ତା

**ଭୁବନେଶ୍ୱର, ୧୨।୩(ସୁନିତ୍ ମିଶ୍ର)**

ଭୁବନେଶ୍ୱର ପଳାଶୁଣୀରେ ଦୀର୍ଘବର୍ଷ ଧରି ଦେଖିବାକୁ ମିଳୁଥିବା ଟ୍ରାଫିକ୍ ସମସ୍ୟା ଖୁବ୍‌ଶୀଘ୍ର ଦୂରହେବାକୁ ଯାଉଛି। ଗଙ୍ଗୁଆ ନାଳ ଉପରେ ୬ ଲେନ୍ ବିଶିଷ୍ଟ ରାସ୍ତା ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଏକ ପ୍ରସ୍ତାବକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ମଞ୍ଜୁର କରିଛନ୍ତି।

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବୁଧବାର ଦିଲ୍ଲୀ ଗସ୍ତରେ ଯାଇ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ଗଡ଼କରୀଙ୍କୁ ସାକ୍ଷାତ କରିଛନ୍ତି। ପଳାଶୁଣୀ ଗଙ୍ଗୁଆ ନାଳ ଉପରେ ଥିବା ବ୍ରିଜ୍‌ର ପ୍ରଶସ୍ତୀକରଣ ତଥା ପଳାଶୁଣୀରେ ଟ୍ରାଫିକ୍ ସମସ୍ୟାର ଦୂରୀକରଣ ନେଇ ୬ ଲେନ୍ ବିଶିଷ୍ଟ ରାସ୍ତା ପ୍ରକଳ୍ପରେ ମୋହର ବାଜିଥିବା ସେ ସୂଚନା ଦେଇଛନ୍ତି। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ଗଡକରୀ ଏହି ପ୍ରକଳ୍ପ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଭୁବନେଶ୍ୱର ଏମ୍‌ପିଙ୍କ ପ୍ରସ୍ତାବ ମୁତାବକ ପଳାଶୁଣୀରେ ଥିବା ୪ ଥାକିଆ ରାସ୍ତାକୁ ୬ ଥାକିଆ କରାଯିବ। ବର୍ତ୍ତମାନ ଗଙ୍ଗୁଆ ନାଳ ଉପରେ ୪ ଥାକିଆ ପୋଲ ରାସ୍ତା ଅଛି। ୪ ଥାକିଆ ରାସ୍ତାରେ ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଆଉ ଗୋଟିଏ ଲେଖାଏ ଲେନ୍ ରାସ୍ତା ବାହାର କରାଯିବ। ୨୪୦ ମିଟର ଲମ୍ବ ବିଶିଷ୍ଟ ପୋଲ ଉପରେ ଆଉ ୨ଟି ଅତିରିକ୍ତ ଲେନ୍ ପୋଲ ରାସ୍ତା ନିର୍ମାଣ କରାଯିବା ନେଇ ଭୁବନେଶ୍ୱର ଏମ୍‌ପି ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପକୁ ମଞ୍ଜୁରି ଦେଇଥିବାରୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

# ଅସ୍ଥାୟୀ କର୍ମଚାରୀଙ୍କ ଦରମା ପ୍ରାୟ ୨୫% ବୃଦ୍ଧି

**ଭୁବନେଶ୍ୱର, ୧୨।୩ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ଅସ୍ଥାୟୀ କର୍ମଚାରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ପକ୍ଷରୁ ଏକ ସଂକଳ୍ପ ଜାରି ହୋଇଛି। ଏଥିରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଦର୍ଶାଇଛନ୍ତି ଯେ, ଅର୍ଥ ବିଭାଗର ୨୦୧୨ ସଂକଳ୍ପର ସଂଶୋଧନ ୨୦୧୮ରେ ହୋଇଥିଲା। ସେତେବେଳକୁ ଓଆର୍‌ଏସ୍‌ପି ନିୟମ -୨୦୧୭ ଲାଗୁ ହୋଇସାରିଥିଲା। ମାତ୍ର ଅସ୍ଥାୟୀ କର୍ମଚାରୀଙ୍କ ପକ୍ଷରୁ ଦରମା ବୃଦ୍ଧି ପାଇଁ ହୋଇଆସୁଥିବା ଦାବିକୁ ସରକାର ଯତ୍ନର ସହ ବିଚାରକରି ସେମାନଙ୍କ ମାସିକ ପାରିଶ୍ରମିକ ମୂଳ ଦରମାର ପ୍ରାୟ ୨୫ ପ୍ରତିଶତ ବୃଦ୍ଧି କରିଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଅସ୍ଥାୟୀ କର୍ମଚାରୀ ତାଙ୍କ ପ୍ରଥମ ବର୍ଷରେ ମାସିକ ୮,୦୭୦ ଟଙ୍କା ପାରିଶ୍ରମିକ ପାଉଥିଲେ। ଏବେ ସେମାନେ ୧୦ହଜାର ୯୦ ଟଙ୍କା ମାସିକ ପାଇବେ। ଦ୍ୱିତୀୟ ବର୍ଷର କର୍ମଚାରୀଙ୍କ ପାରିଶ୍ରମିକ ୮,୪୮୦ ଟଙ୍କାରୁ ୧୦ହଜାର ୬୦୦ ଟଙ୍କା କରାଯାଇଛି। ସେହିପରି ତୃତୀୟ ବର୍ଷ ଲାଗି ୧୧,୧୪୦, ଚତୁର୍ଥ ବର୍ଷ ପାଇଁ ୧୧,୭୦୦, ପଞ୍ଚମବର୍ଷ ନିମନ୍ତେ ୧୨,୨୯୦, ଷଷ୍ଠ ବର୍ଷ ଲାଗି ୧୨,୯୧୦, ୭ମ ବର୍ଷ ପାଇଁ ୧୩,୫୬୦, ଅଷ୍ଟମ ବର୍ଷ ପାଇଁ ୧୪,୨୫୦, ୯ମ ବର୍ଷ ଲାଗି ୧୪,୯୬୦, ୧୦ମ ବର୍ଷ ଚାକିରିଆଙ୍କ ପାଇଁ ୧୫, ୭୧୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି କ୍ରମରେ ୧୧ ବର୍ଷ ଲାଗି ୧୬,୫୦୦ ଟଙ୍କା, ୧୨ ବର୍ଷ ପାଇଁ ୧୭,୩୩୦, ୧୩ ବର୍ଷ ଲାଗି ୧୮,୨୦୦, ୧୪ ବର୍ଷ ନିମନ୍ତେ ୧୯,୧୧୦, ୧୫ ବର୍ଷ ଲାଗି ୨୦,୦୭୦, ୧୬ ବର୍ଷ ପାଇଁ ୨୧,୦୯୦, ୧୭ ବର୍ଷ ଲାଗି ୨୨,୧୫୦, ୧୮ ବର୍ଷ ନିମନ୍ତେ ୨୩,୨୬୦, ୧୯ ବର୍ଷ ପାଇଁ ୨୪,୪୩୦, ୨୦ ବର୍ଷ ଲାଗି ୨୫,୬୫୦, ୨୧ ବର୍ଷ ନିମନ୍ତେ ୨୬,୯୪୦, ୨୨ ବର୍ଷ ଲାଗି ୨୮,୨୯୦ ଏବଂ ୨୩ ବର୍ଷର ଚାକିରିଆଙ୍କ ନିମନ୍ତେ ୨୯ହଜାର ୭୧୦ ଟଙ୍କା ପାରିଶ୍ରମିକ ସ୍ଥିର କରାଯାଇଛି।

# ରାଜ୍ୟ ବାହାର ୧୪୨ ଷ୍ଟାର୍ଟଅପ୍‌କୁ ମିଳିଛି ସ୍ୱୀକୃତି

**ଭୁବନେଶ୍ୱର, ୧୨।୩(ରବିନାରାୟଣ ଜେନା)**

ରାଜ୍ୟର ଅନୁନ୍ନତ ଜିଲାର କିଭଳି ବିକାଶ ହେବ ସେଥିପ୍ରତି ପୂର୍ବ ସରକାର ସେତେଟା ଗୁରୁତ୍ୱ ଦେଇନାହାନ୍ତି, ଯେଉଁଥିପାଇଁ ନୂତନ ଉଦ୍ୟୋଗୀ ସୃଷ୍ଟି ହୋଇପାରିନାହାନ୍ତି। ହେଲେ ରାଜ୍ୟ ବାହାରର ୧୪୨ ଷ୍ଟାର୍ଟଅପ୍‌କୁ ଓଡ଼ିଶାରେ ସ୍ୱୀକୃତି ମିଳିଛି ବୋଲି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ତଥ୍ୟରୁ ଜଣାପଡ଼ିଛି। ବିଧାୟିକା ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ମଲ୍ଲିକ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟ ସରକାର ଆଜିସୁଦ୍ଧା ୨୦୯୭ ଷ୍ଟାର୍ଟଅପ୍‌କୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ସେଥିମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୨୭୯ ଷ୍ଟାର୍ଟଅପ୍‌କୁ ସ୍ୱୀକୃତି ମିଳିଥିବାବେଳେ କଟକରେ ୧୪୮, ଗଞ୍ଜାମରେ ୮୯ ଏବଂ ସୁନ୍ଦରଗଡ଼ରେ ୬୯ଟି ଷ୍ଟାର୍ଟଅପ୍ ରହିଛି। ତେବେ ମାଲକାନଗିରିରେ ସର୍ବନିମ୍ନ ଗୋଟିଏ ଷ୍ଟାର୍ଟଅପ୍‌କୁ ସ୍ୱୀକୃତି ମିଳିଥିବାବେଳେ ବୌଦ୍ଧ ଓ କନ୍ଧମାଳରେ ୨ଟି ଲେଖାଏ ଷ୍ଟାର୍ଟଅପ୍ ରହିଛି। ଏହାବାଦ୍ ଅନ୍ୟାନ୍ୟ ଜିଲାରେ ୩ରୁ ୪୩ ପର୍ଯ୍ୟନ୍ତ ଷ୍ଟାର୍ଟଅପ୍ ରହିଛି ବୋଲି ମନ୍ତ୍ରୀ ମଲ୍ଲିକ ଗୃହକୁ ଦର୍ଶାଇଛନ୍ତି।

## ରାଶନକାର୍ଡ ତାଲିକାରୁ ୨୨,୨୯୩ ଅଯୋଗ୍ୟ ବାଦ୍: ମନ୍ତ୍ରୀ

**ଭୁବନେଶ୍ୱର, ୧୨।୩ (ରବିନାରାୟଣ ଜେନା)**

ରାଜ୍ୟରେ ୨୨,୨୯୩ ଅଯୋଗ୍ୟ ରାଶନକାର୍ଡ ଚିହ୍ନଟ ହୋଇଛି। ଯେଉଁଥିରେ ୮୪ହଜାର ୭୫୭ ସଦସ୍ୟ ରହିଥିଲେ। ସେମାନଙ୍କୁ ରାଶନକାର୍ଡ ତାଲିକାରୁ ବାଦ୍ ଦିଆଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବୁଧବାର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୃହକୁ ଦର୍ଶାଇଛନ୍ତି ଯେ, ରାଜ୍ୟରେ ଚିହ୍ନଟ ହୋଇଥିବା ୨୨ହଜାର ୨୯୩ ରାଶନକାର୍ଡ ମଧ୍ୟରୁ କଟକରେ ସର୍ବାଧିକ ୨୫୫୪ ଅଯୋଗ୍ୟ ରାଶନ କାର୍ଡ ଚିହ୍ନଟ ହୋଇଛି। ଯେଉଁଥିରେ ୯୮୨୮ ସଦସ୍ୟ ରହିଥିଲେ। ସେହିପରି ନୟାଗଡ଼ରେ ୧୬୧୮ ଅଯୋଗ୍ୟ ରାଶନକାର୍ଡରେ ୬୧୯୮ ହିତାଧିକାରୀ ରହିଥିବାବେଳେ ଦେବଗଡ଼ରେ ସର୍ବନିମ୍ନ ୧୦୨ ଅଯୋଗ୍ୟ ରାଶନକାର୍ଡରେ ୪୩୭ ସଦସ୍ୟ ଚିହ୍ନଟ ହୋଇଛନ୍ତି।

# ସୁସ୍ଥ କିଡ୍‌ନୀ ପାଇଁ ସଚେତନ ରହିବା ଦରକାର

**ଆଜି ବିଶ୍ୱ କିଡ୍‌ନୀ ଦିବସ**



ପ୍ରତିବର୍ଷ ମାର୍ଚ୍ଚ ୧୩ ତାରିଖରେ ପାଳିତ ହୋଇଥାଏ ବିଶ୍ୱ କିଡ୍‌ନୀ ଦିବସ। କିଡ୍‌ନୀ ବା ବୃକ୍କ କିପରି ସୁସ୍ଥ ରହିବ ସେ ସମ୍ବନ୍ଧରେ ସମସ୍ତଙ୍କୁ ସଚେତନ କରାଇବା ହିଁ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ବର୍ତ୍ତମାନ ବିଶେଷଭାବରେ ଦୀର୍ଘକାଳୀନ କିଡ୍‌ନୀ ରୋଗ ବିଶ୍ୱରେ ଦ୍ରୁତ ପ୍ରସାର ଲାଭ କରୁଥିବାରୁ କିଡ୍‌ନୀର ସ୍ୱାସ୍ଥ୍ୟ ବିଷୟରେ ଆଲୋକପାତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବୃକ୍କ ଅକ୍ଷମତା ବା କିଡ୍‌ନୀ ଫେଲିଓର ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ୍ ଏବଂ ଉଚ୍ଚ ରକ୍ତଚାପ। ଏହାକୁ ମଧ ସୁଗମ କରିଦେଇଛି ପୃଥୁଳତା ଏବଂ ବୟସ ବୃଦ୍ଧି, ପାରିବାରିକ ପ୍ରଭାବ ଏବଂ ଧୂମପାନ।

ଚଳିତବର୍ଷ ବିଶ୍ୱ କିଡ୍‌ନୀ ଦିବସ ଅବସରରେ ଘୋଷିତ ସ୍ଲୋଗାନଟି ହେଉଛି-'ଆପଣଙ୍କ କିଡ୍‌ନୀ ଠିକ୍ ଅଛି ତ ? ଯେତେଶୀଘ୍ର ନିରୂପଣ କର, କିଡ୍‌ନୀକୁ ସୁସ୍ଥ ରଖ'। କିଡ୍‌ନୀ ଦ୍ୱୟ ଆମ ଶରୀରର ଖୁବ୍ ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଅଙ୍ଗ। ଏହା ପ୍ରତିନିୟତ ଶରୀରରୁ ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କରି ରକ୍ତ ପରିଶୋଧନରେ ବ୍ରତୀ। ଶରୀରରେ ଜଳ ଏବଂ ଲବଣ ଅଂଶର ସନ୍ତୁଳନ, ରକ୍ତଚାପ ନିୟନ୍ତ୍ରଣ, ଲୋହିତ ରକ୍ତ କଣିକା ସଂଶ୍ଳେଷଣ ଆଦି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରି ଏହା ଆମକୁ ସୁସ୍ଥ ରଖେ। ଦୀର୍ଘକାଳୀନ କିଡ୍‌ନୀ ରୋଗ ପାଇଁ ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ ଏବଂ ଉଚ୍ଚ ରକ୍ତଚାପ। ଏହା ଧୀରେ ଧୀରେ କିଡ୍‌ନୀକୁ ଅକାମୀ କରିଦିଏ। ଶରୀର ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କିଡ୍‌ନୀ ପକ୍ଷେ ସମ୍ଭବ ହୋଇପାରେ ନାହିଁ। ୟୁରିନାରି ଟ୍ରାକ୍ ଇନ୍‌ଫେକଶନ ବା ମୂତ୍ରମାର୍ଗରେ ଜୀବାଣୁ ସଂକ୍ରମଣକୁ ଚିକିତ୍ସା ନ କଲେ ତାହା କିଡ୍‌ନୀ କାର୍ଯ୍ୟକୁ ଅକ୍ଷମ କରିପକାଏ। ନେଫ୍ରୋଟିକ୍ ସିଣ୍ଡ୍ରୋମରେ ପରିସ୍ରାରେ ନିଷ୍କାସିତ ହୁଏ ବହୁ ପରିମାଣରେ ପ୍ରୋଟିନ। ଫଳରେ ରକ୍ତରେ ଆଲବୁମିନ୍ ନାମକ ପ୍ରୋଟିନ୍‌ର ମାତ୍ରା କମିଯାଏ। ଶରୀରରେ ଜଳ ଜମିଯାଇ ପେଟ, ମୁହଁ, ଗୋଡ଼ ଏବଂ ପାଦ ଫୁଲିଯାଏ। ଡାଇବେଟିକ୍ ନେଫ୍ରୋପାଥିରେ ଡାଇବେଟିସ୍ ଯୋଗୁ କିଡ୍‌ନୀ ନଷ୍ଟ ହୋଇ ଜାତ ହୁଏ କିଡ୍‌ନୀ ଅକ୍ଷମତା ବା କିଡ୍‌ନୀ ଫେଲୁଅର।

କିଡ୍‌ନୀ ରୋଗ ନିବାରଣ ପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାଷିତ ହୋଇଯିବ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ୭-୯ ଘଣ୍ଟା ଶୁଅନ୍ତୁ। କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ନିଜେ ସଚେତନ ରହିବା ସହ ଜନସଚେତନତା ସୃଷ୍ଟି କରନ୍ତୁ। ଏହାର ପ୍ରଚାର ପ୍ରସାର ପାଇଁ ଗଣମାଧ୍ୟମର ସହାୟତା ନିଅନ୍ତୁ। ବିଶ୍ୱ କିଡ୍‌ନୀ ଦିବସ ଅବସରରେ କିଡ୍‌ନୀର ସୁସ୍ଥତାକୁ ଅଗ୍ରାଧିକାର ଦିଅନ୍ତୁ। ନିଜର ଜୀବନଶୈଳୀକୁ ସ୍ୱାସ୍ଥ୍ୟ ଅନୁକୂଳ କରନ୍ତୁ। ମନେରଖନ୍ତୁ, ଆଜିର ସାମାନ୍ୟ ସାବଧାନତା ଆସନ୍ତାକାଲି କିଡ୍‌ନୀକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ,** ଅଭୀପ୍‌ସା,
ସେକ୍ଟର-୬, ସିଡିଏ, କଟକ-୧୪
ମୋ: ୮୩୨୮୯୭୫୧୧୮

# ବିଧାନସଭାରେ ଖବରଦାତାଙ୍କୁ ମୋବାଇଲ ମନା, ପ୍ରତିବାଦ ପରେ କଟକଣା ହଟିଲା

**ଭୁବନେଶ୍ୱର, ୧୨।୩(ରବିନାରାୟଣ ଜେନା)**

ବୁଧବାର ବିଧାନସଭାରେ ଏକ ନୂଆ କଥା ଦେଖିବାକୁ ମିଳିଥିଲା। ଗୃହରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପୂର୍ବାହ୍ନ ସାଢ଼େ ୧୦ଟାରେ ଥିବାରୁ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଭିତରକୁ ପ୍ରବେଶ କରୁଥିଲେ। ଏହି ସମୟରେ ନିରାପତ୍ତା ଅଧିକାରୀମାନେ ମୋବାଇଲ ଫୋନ ସହ ଗୃହକୁ ଯିବାକୁ ଖବରଦାତାଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଖବରଦାତାମାନେ ଏକଜୁଟ୍ ହୋଇ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇ ପ୍ରତିବାଦ କରିଥିଲେ। ଏହି ସମୟରେ ବରିଷ୍ଠ ଖବରଦାତା ଭାଗବତ ତ୍ରିପାଠୀ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ବିଧାନସଭା ପରିସର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କଂଗ୍ରେସ ଓ ପରେ ବିଜେଡି ବିଧାୟକମାନେ ଆନ୍ଦୋଳନସ୍ଥଳରେ ପହଞ୍ଚି ଖବରଦାତାଙ୍କୁ ସମର୍ଥନ ଜଣାଇଥିଲେ। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ ଯେ, ରାଜ୍ୟରେ ଆଉ ଗଣତନ୍ତ୍ର ନାହିଁ। ଆଜିର ଦିନରେ କିଭଳି ନିମିଷକେ ଖବର ମିଳିବ ସେଥିପାଇଁ ମୋବାଇଲର ଗୁରୁତ୍ୱ ବଢ଼ିଯାଇଛି। ଦୀର୍ଘବର୍ଷ ଧରି ଖବରଦାତାମାନେ ପ୍ରଶ୍ନକାଳରେ ମୋବାଇଲ ଧରି ଗୃହ ଭିତରକୁ ଯାଉଥିଲେ। ହେଲେ ସରକାର ନିଜର ଅପାରଗତା ଲୁଚାଇବା ପାଇଁ ଗଣତନ୍ତ୍ରର କଣ୍ଠରୋଧ କରୁଛନ୍ତି। ବିଜେଡି ବିଧାୟକ ଅରୁଣ ସାହୁ କହିଥିଲେ ଯେ, ଗୃହରେ ଆଲୋଚନା ଚାଲିଥିବାବେଳେ ଖବରଦାତାମାନଙ୍କୁ ମୋବାଇଲ ମନା କରିବା ସରକାରଙ୍କ ପାରିବାପଣିଆକୁ ଦର୍ଶାଉଛି। ଆମେ ସରକାରଙ୍କୁ ଚେତାବନୀ ଦେଉଛୁ ଯେ, ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ।

ଶେଷରେ ଆନ୍ଦୋଳନରତ ଖବରଦାତାଙ୍କୁ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ଟଙ୍କଧର ତ୍ରିପାଠୀ ଓ ସରକାରୀ ଦଳ ମୁଖ୍ୟ ସଚେତକ ଭେଟି ବାଚସ୍ପତିଙ୍କ ସହ ଆଲୋଚନା ଲାଗି ନିମନ୍ତ୍ରଣ କରିଥିଲେ। ତଦନୁଯାୟୀ ଗଣମାଧ୍ୟମ ପ୍ରତିନିଧି ଦଳ ବାଚସ୍ପତିଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାର ନିଷ୍ପତ୍ତିକ୍ରମେ ଖବରଦାତାମାନେ ଏଣିକି ଗୃହ ଭିତରକୁ ମୋବାଇଲ ଫୋନ ନେଇପାରିବେ। ମାତ୍ର ଗୃହ ଭିତରେ କୌଣସି ଫଟୋ ଉଠାଇପାରିବେ ନାହିଁ କି ଭିଡିଓ କରିପାରିବେ ନାହିଁ। ସରକାରଙ୍କ ପକ୍ଷରୁ ପ୍ରଶ୍ନକାଳ ସମୟରେ ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ ତା'ର ଫଟୋ ପ୍ରଦାନ କରାଯିବ। ବାଚସ୍ପତିଙ୍କ ସହ ଆଲୋଚନା ପରେ ଖବରଦାତାମାନେ ଧାରଣାରୁ ଓହରିଥିଲେ।


ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଆଲୋଚନାରତ ଖବରଦାତା ଦଳ।

## ଖୁବ୍‌ଶୀଘ୍ର ୩୦ ଦିନିଆ ଶୂନ୍ୟ ଦୁର୍ଘଟଣା ଦିବସ ପାଳିବେ ସରକାର

**ଭୁବନେଶ୍ୱର, ୧୨।୩(ସୁନିତ୍ ମିଶ୍ର)**

ରାଜ୍ୟରେ ଖୁବ୍‌ଶୀଘ୍ର ୩୦ ଦିନିଆ ଶୂନ୍ୟ ଦୁର୍ଘଟଣା ଦିବସ(ଜାଡ୍) ଆରମ୍ଭ ହେବ। ଏହି ପଦବୀ ମହିଳାଙ୍କ ଦ୍ୱାରା ପରିଚାଳିତ ହେବ। ଏନେଇ ଖାରବେଳ ଭବନଠାରେ ବୁଧବାର ବାଣିଜ୍ୟ ଓ ପରିବହନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇଟି ମାଡ୍ରାସ୍‌ର ବିଶେଷଜ୍ଞ ଏହି ଅଭିଯାନକୁ ସୁପରିଚାଳନା ସମ୍ପର୍କିତ ରଣନୀତି ଉପସ୍ଥାପନ କରିଛନ୍ତି। ପ୍ରମୁଖ ଶାସନ ସଚିବ ପାଢ଼ୀ କହିଛନ୍ତି, ଏହି ଅଭିଯାନ ଦୁର୍ଘଟଣା ହ୍ରାସ କରିବା, ଦାୟିତ୍ୱପୂର୍ଣ୍ଣ ଡ୍ରାଇଭିଂ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ଯାତ୍ରୀମାନଙ୍କ ମଧ୍ୟରେ 'ସୁରକ୍ଷା-ପ୍ରଥମେ' ମାନସିକତା ସୃଷ୍ଟି କରିବ। ଓଏସ୍‌ଆର୍‌ଟିସିର ସିଏମ୍‌ଡି ଦୀପ୍ତେଶ କୁମାର ପଟ୍ଟନାୟକ, ପରିବହନ କମିଶନର ଅମିତାଭ ଠାକୁର, ଟ୍ୱିନ୍‌ସିଟି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

**ଆଜିର ମନ୍ତବ୍ୟ**

ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ହିନ୍ଦୀକୁ ପ୍ରୋତ୍ସାହନ ଦେବା ଓ ତାମିଲନାଡୁର ଶୈକ୍ଷିକ ବିକାଶ ସହ ସାଲିସ ପାଇଁ ଉଦ୍ଦିଷ୍ଟ ଏକ ଗୈରିକ ନୀତି। ଏହାକୁ ବିରୋଧ ଜାରି ରହିବ।–**ଏମ୍‌.କେ. ଷ୍ଟାଲିନ୍‌, ତାମିଲନାଡୁ ମୁଖ୍ୟମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡ଼ା ସଂସଦର ବାର୍ଷିକୋତ୍ସବ ଅବସରରେ ସଙ୍ଗୀତ ଓ ନାଟକ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୫ଟା।
- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୯ତମ ବାର୍ଷିକୋତ୍ସବ 'ଜୟଦେବ ସମାରୋହ–୨୦୨୫', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ଡିଆଇଇଟି ପରିସର, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷା ପ୍ଲେ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଗୁରୁଜଙ୍ଗ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ହୋଲିକା ଦହନ ଉତ୍ସବ ଅବସରରେ ଦଣ୍ଡପୂଜା, ସମୟ: ସକାଳ ୯ଟା।
- ବନ୍ଧୁମିଳନ, ସମୟ: ପୂର୍ବାହ୍ନ ୧୦ଟା
- ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ହୋଲିକା ଦହନ ପୂଜା, ସ୍ଥାନ: କୋଶମ୍ବ ନଗର, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଜୁନିୟର ଚାମ୍ପିୟନଶିପ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- ମେଡିକାଲ ଲାବୋରେଟେରୀ ଟେକ୍ନିସିଆନ ଦିବସ, ସ୍ଥାନ: ଗାନ୍ଧି ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଲଉଡ଼ି ଖେଳ ପ୍ରତିଯୋଗିତା, ସ୍ଥାନ: ପାଟଣାମିଶ୍ରପୁର ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ଲଉଡ଼ି ଖେଳ ପ୍ରତିଯୋଗିତା, ସ୍ଥାନ: ଦଧିବାମନପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ରାଧାକୃଷ୍ଣ ମେଳଣ, ସ୍ଥାନ: ଗୋପୀନାଥପୁର ମେଳନ ପଡ଼ିଆ, ବନ୍ତ, ସମୟ: ରାତି ୧୧ଟା।

## ମୟୂରଭଞ୍ଜ

- ଦୋଳ ପୂର୍ଣ୍ଣିମା ଅବସରରେ ଠାକୁରଙ୍କ ମିଳନ ଉତ୍ସବ,ସ୍ଥାନ: ମେଳନ ପଡ଼ିଆ, କରଞ୍ଜିଆ, ସମୟ: ପ୍ରାତଃ ୪ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ମଧୁବନ ୱାର୍ଡ ନଂ. ୯ ବାରିପଦା,ସମୟ:ସକାଳ ୭ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ଅବସରରେ କଳସଯାତ୍ରା,ସ୍ଥାନ:କେନ୍ଦୁସାହି ବାରିପଦା,ସମୟ: ସକାଳ ୮ଟା।
- ବାବା କୃପାନାଥ ମହାଦେବଙ୍କ ୧୬ତମ ବାର୍ଷିକ ଉତ୍ସବ, ସ୍ଥାନ : ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଅଧିବାସ, ସ୍ଥାନ:ହରିପୁର, ବଡ଼ସାହି,ସମୟ:ସନ୍ଧ୍ୟା ୬ଟା।
- ୧୦୦ତମ ହୋଲି ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ରାଟ ମେଲୋଡି, ସ୍ଥାନ: ତାଳପଦା ଦୁର୍ଗାମାଧବ ପଡ଼ିଆ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ନାମ ଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ, ସ୍ଥାନ: ବୁଗୁଡ଼ା ଆଦିପୁର, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- କନ୍ଧମାଳ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

## କେନ୍ଦ୍ରାପଡ଼ା

- ହରିବାସର ଯୁବକ ସଂଘ ପକ୍ଷରୁ ମା'ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଓ ନାମଯଜ୍ଞ, ସ୍ଥାନ: ସୁନିତୀ, ମହାକାଳପଡା, ସମୟ:ସକାଳ ୬ଟା।
- ସାଂସ୍କୃତିକ ପରିଷଦ ପକ୍ଷରୁ ସାଗରବେଳା ମହୋତ୍ସବ, ସ୍ଥାନ:ପେଣ୍ଠ, ରାଜନଗର, ସମୟ: ଅପରାହ୍ନ ୫ଟା।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀଗୁରୁ ମହାରାଜ ମଠ, କଳଦିଆ, ଆଳି, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ମଦନମୋହନଙ୍କ ବାର୍ଷିକ ଉତ୍ସବରେ ଚାଉପଲ୍ଲୀ ମହୋତ୍ସବର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତର ଚାଉପଲ୍ଲୀ, ସମୟ:ସକାଳ ୮ଟା ।
- ବିଶ୍ୱ ଶାନ୍ତି ମହାଯଜ୍ଞ , ସ୍ଥାନ: ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତ କାଦୁଆ ଗଡିଶ୍ୱର ମହାଦେବ ମନ୍ଦିରର ୨ୟ ଦିବସ, ସମୟ:ସକାଳ ୮ଟା ।
- ଭାଗବତ ପାରାୟଣ ଓ ଗୀତା ଯଜ୍ଞର ୭ମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ଜଗନ୍ନାଥ ମନ୍ଦିର, ସମୟ:ସକାଳ ୮ଟା।
- ବିଶ୍ୱଶାନ୍ତି ଯଜ୍ଞ ଅବସରରେ ଗୋପାଳିପଡ଼ାର ନାଟକ ମହିରାବଣ ବଧ , ସ୍ଥାନ: ନୟାଗଡ଼ ବ୍ଲକର ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ:ପୂର୍ବାହ୍ନ ୧୦ଟା।
- କାମ୍ଭୋରୀ ଉତ୍ସବର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଆରସି ହାଇସ୍କୁଲ, ସମୟ:ସନ୍ଧ୍ୟା ୭ଟା।
- ବିଶ୍ୱ ଶାନ୍ତି ଯଜ୍ଞ ଅବସରରେ ନୟାଗଡ଼ର ପୌରାଣିକ ନାଟକ କେଶବ ଭକ୍ତଙ୍କୁ କରୁଛି ଶବ, ସ୍ଥାନ: ନୟାଗଡ଼ ବ୍ଲକର ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ:ରାତି ୧୦ଟା।

## ନବରଙ୍ଗପୁର

- ଷୋହଳ ପ୍ରହର ନାମ ଯଜ୍ଞ, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ ପୂଜାରିଗୁଡ଼ାସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ: ସକାଳ ୬ଟା।
- ସ୍ୱାସ୍ଥ୍ୟମେଳା, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ ପୂଜାରୀଗୁଡ଼ା ପଞ୍ଚାୟତ ଖୁଣ୍ଟିପଦର ଗୋଷ୍ଠୀ ସ୍ୱାସ୍ଥ୍ୟମେଳା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- କୋରାପୁଟ ଡୁଡାର ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ ଟା।
- ରାଧାକୃଷ୍ଣ ମନ୍ଦିର ଦୋଳବିମାନ ସାହି ପରିକ୍ରମା, ସ୍ଥାନ: କୋରାପୁଟ ଗୌତମ ନଗର, ସମୟ: ରାତି ୭ ଟା।

## ସମ୍ବଲପୁର

- ଗୋଲଡେନ କପ କ୍ରିକେଟ ଟୁର୍ନାମେଣ୍ଟ, ହାୱା ମଇଦାନ, ସମୟ : ସକାଳ ୮ଟା।
- ବ୍ଲକସ୍ତରୀୟ ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର, ସ୍ଥାନ : ଧନକଉଡା ହାଇସ୍କୁଲ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଆରଡିସିଙ୍କ ସହ ନିର୍ମାଣ ସାମଗ୍ରୀ ଯୋଗାଣ ସଂଘର ଆଲୋଚନା, ସ୍ଥାନ : ଆରଡିସି କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ନିର୍ମାଣ ସାମଗ୍ରୀ ଯୋଗାଣ ସଂଘର ବୈଠକ, ସ୍ଥାନ: ଆର୍‌ଡିସି କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

ବୈଷୟିକ ତାଲିମ କେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ଅପରାହ୍ଣ ୩ଟା।

## ବରଗଡ଼

- ରାମାୟଣ ପାରାୟଣ,ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଗାଇସିଲେଟ୍,ସମୟ: ସକାଳ ୯ଟା।
- ହୋଲି ମହୋତ୍ସବ, ସ୍ଥାନ: ତପୋବନ, ବରଗଡ଼, ସମୟ:ଅପରାହ୍ନ ୪ଟା।
- ବସନ୍ତ ମିଳନ, ଫାଲଗୁନ ମହୋତ୍ସବ,ସ୍ଥାନ: ଶାନ୍ତି ତପୋବନ ଆଶ୍ରମ, ଚକରକେନ୍ଦ ଛକ, ବରଗଡ଼,ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଓଡ଼ିଆ ଅଧ୍ୟାପକଙ୍କ ବିୟୋଗରେ ସ୍ମୃତି ସଭା, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଫଗୁ ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡା, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ, ସ୍ଥାନ: ତେଲିକୁସୁମ୍ ଗ୍ରାମ, ତିଲେଇବଣି ବ୍ଲକ, ସମୟ: ସକାଳ ୯ଟା।
- ଉଦ୍ୟାନ କୃଷି କର୍ମଶାଳା, ସ୍ଥାନ: କଦଳିପାଲ ଗ୍ରାମ ଛେପିଲିପାଲି, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଡାଇମଣ୍ଡ ସର୍କସ, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ ରୋଡ୍, ସମୟ: ଅପରାହ୍ନ ୧ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ତରଭା ବ୍ଲକ ସରଧାପାଲିରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ଦିବାରାତ୍ର।
- ତରଭା ସହର ହାଟପଦାରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା, ସ୍ଥାନ: ହାଟପଦା ନାମଯଜ୍ଞ, ସମୟ: ଅପରାହ୍ନ ୪ଟା।
- ଦେଶ୍‌ଫାଲ ଲୋକକଳା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ପଡିଆ, ସମୟ: ସନ୍ଧ୍ୟା ୬ଟା।
- ବୀରମହାରାଜପୁର ଫଗୁନ୍ ପୁନି ମହୋତ୍ସବ, ସ୍ଥାନ: ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ବୀରମହାରାଜପୁର ବ୍ଲକ ଚମ୍ପାମାଳ ଦୋଳଯାତ୍ରା ମହୋତ୍ସବ, ସ୍ଥାନ: ଚମ୍ପାମାଳ ଚମ୍ପେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ସିନାପାଲି ବ୍ଲକ ହାତୀବନ୍ଧା ଗାଁ, ସମୟ: ସକାଳ ୭ଟା ୩୦।
- ଦୋଳ ପୂର୍ଣ୍ଣିମା ବା ହୋଲି ଉପଲକ୍ଷେ ହୋଲିକା ଦହନ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ, ସମୟ: ମଧରାତ୍ର ୧୨ଟା।

## ଝାରସୁଗୁଡ଼ା

- ସିକିଲ ସେଲ ରୋଗ ପାଇଁ ସଚେତନତା ବୈଠକ, ସ୍ଥାନ: ଭିକମପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ତାଳପଟିଆ ନାମ ମଣ୍ଡପ, ସମୟ: ସକାଳ ୮ଟା। ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ବେହେରାପାଲି ନାମ ମଣ୍ଡପ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ସୁସ୍ଥ ପାରିବାରିକ ଜୀବନ ଓ ନିରଙ୍କୁଶ କର୍ମସାଧନ ପାଇଁ ଆନୁଷଙ୍ଗିକ ପରିବେଶ ଅନୁକୂଳ ରହିବ। ବନ୍ଧୁଙ୍କ ସାହାଯ୍ୟ ଲାଭ କରି ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିବେ। ପାରିବାରିକ ସମସ୍ୟା ସମାଧାନରେ, ଜମିଜମା ବିବାଦରେ,ପରିବହନଜନିତ ଝଗଡ଼ାରେ ବିଜୟୀ ହେବେ। ସାହିତ୍ୟଚର୍ଚ୍ଚା ଓ ସଚ୍ଚୋଟପଣିଆରୁ ପ୍ରଶଂସିତ ହେବେ।

**ବୃଷ** ସମ୍ପର୍କୀୟଙ୍କ ସହାନୁଭୂତି ଯୋଗୁ ଦୁଃସାଧ କାର୍ଯ୍ୟ ସାଧନ କରିପାରିବେ। କର୍ମକ୍ଷେତ୍ରରେ ଗଠନମୂଳକ କାର୍ଯ୍ୟ, ବ୍ୟବସାୟରେ ସଫଳତା ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଦୀର୍ଘ ଦିନରୁ ରହିଆସିଥିବା ବିବାଦୀୟ ଘଟଣାର ଅବସାନ ଘଟିବ। ଅଭାବ ନ ଥିଲେ ମଧ୍ୟ ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ଉଠିବ।

**ମିଥୁନ** ଆଜି ବନ୍ଧୁଙ୍କ ସହଯୋଗ ଓ ହିତୈଷୀଙ୍କ ପରାମର୍ଶ ପାଇ କାର୍ଯ୍ୟ ସାଧନ କରିବେ। ପରିବାରର ଅନୁରୋଧକ୍ରମେ ଭ୍ରମଣରେ ବାହାରିପାରନ୍ତି। ଉଦ୍ୟୋଗ, ନୂତନ ପ୍ରକଳ୍ପ କିମ୍ବା ବ୍ୟବସାୟରେ ବ୍ୟତିକ୍ରମ ଦେଖାଦେବ। ବହୁତ ଦିନରୁ ଧାର ନେଇଥିବା ଲୋକଟି ଟଙ୍କା ଦେବାର ନାଁ ଧରିବ ନାହିଁ, ଫଳରେ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି।

**କର୍କଟ** ସହକର୍ମୀମାନେ ସହଯୋଗର ହାତ ବଢ଼ାଇପାରନ୍ତି। କିନ୍ତୁ ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍, ଗଣଯୋଗାଯୋଗ କ୍ଷେତ୍ରରୁ ସୁଫଳ ମିଳିବ। କ୍ରୀଡ଼ା, ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ପ୍ରତିଯୋଗିତାର ସମ୍ଭାବନା ରହିଛି।

**ସିଂହ** ଆଜି କର୍ମକ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ସମ୍ମାନଜନକ ପଦବୀ ସାଙ୍ଗକୁ ସମ୍ବର୍ଦ୍ଧିତ ହୋଇପାରନ୍ତି। ପ୍ରଶାସନିକ ସ୍ତରରେ ବିଭିନ୍ନ ଯୋଜନା ସମ୍ପର୍କିତ ଆଲୋଚନା, ଆନୁଷ୍ଠାନିକ କାମର ପ୍ରସ୍ତୁତି ସମ୍ପନ୍ନ କରି ଖୁସି ହେବେ। ଜମିଜମା, ଗାଡ଼ି ମୋଟର ମରାମତି ସକାଶେ ଆଲୋଚନା କରିବେ। ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ।

**କନ୍ୟା** ସୁସ୍ଥମାନସିକତା ଯୋଗୁ ଦିନଟିରେ କାର୍ଯ୍ୟାରମ୍ଭ, ସଭାସମିତି ଓ ବନ୍ଧୁଙ୍କ ସହ ଆଲୋଚନା ସକାରାତ୍ମକ ରହିବ। ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେବ। ସହଯୋଗର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ଯୁକ୍ତିତର୍କର ଆଶ୍ରୟ ନେଇପାରନ୍ତି।

**ତୁଳା** ଦୀର୍ଘଦିନରୁ ପାଉ ନ ଥିବା ଅର୍ଥ କିମ୍ବା ଭବିଷ୍ୟନିଧିରୁ ଟଙ୍କା ପାଇବାର ବିଳମ୍ବ ଯୋଗୁ ବ୍ୟସ୍ତତା ପ୍ରକାଶ କରିବେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବାରୁ ନିର୍ଦ୍ଦିଷ୍ଟ ସମୟରେ କାମଟି ଶେଷ ନ ହୋଇପାରେ। ପରିବାରରେ ଭୁଲ୍ ବୁଝାମଣାଜନିତ ବିତର୍କ ବଢ଼ିବ।

**ବିଛା** ବନ୍ଧୁଗହଣରେ ବହୁ ପ୍ରତୀକ୍ଷିତ କାର୍ଯ୍ୟାରମ୍ଭ କରି ଆତ୍ମତୃପ୍ତି ଅନୁଭବ କରିବେ। ମାଙ୍ଗଳିକ କାର୍ଯ୍ୟ, ଜମିଜମା କ୍ରୟ କିମ୍ବା ଗୃହାରମ୍ଭ, ପ୍ରତିଷ୍ଠାଦି କର୍ମ ସକାଶେ ପ୍ରସ୍ତୁତି ଆରମ୍ଭ କରିବେ। ଉଚ୍ଚବର୍ଗଙ୍କ ସହାୟତା, ପଡ଼ୋଶୀଙ୍କ ଆଦର, ଅଭ୍ୟର୍ଥନା ସାଙ୍ଗକୁ ବିଭିନ୍ନ କ୍ଷେତ୍ରରେ ସଫଳତାର ଝଲକ ଦେଖିପାରିବେ।

**ଧନୁ** ମନର ଅକୁହାକଥା ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲେ ମଧ୍ୟ କର୍ମକ୍ଷେତ୍ରରେ ନିଜକୁ ନିୟନ୍ତ୍ରଣରେ ରଖିପାରିବେ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହୋଇପାରେ। ଆବଶ୍ୟକତା ପୂରଣ ସକାଶେ ଯେକୌଣସି ପ୍ରକାରେ ଅର୍ଥ ସଂଗ୍ରହ କରିପାରନ୍ତି। ସାଂଗଠନିକ କ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ଶ୍ରଦ୍ଧାଭାଜନ ହେବାର ଆଶା ରହିଛି।

**ମକର** ମାନସିକ ସୁସ୍ଥତା ଅଭାବରୁ ଅସ୍ୱାଭାବିକ ଚିନ୍ତାଧାରା କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆଜିର ପ୍ରତ୍ୟୁଷ ଯାତ୍ରା, ପ୍ରଶାସନ, ବନ୍ଧୁ ସମ୍ପର୍କ, ମନୋରଞ୍ଜନ କାର୍ଯ୍ୟକ୍ରମ ଓ ବାଣିଜ୍ୟାଦି ସନ୍ତୋଷଦାୟକ ରହିବ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ବନ୍ଧୁସମ୍ପର୍କ ସ୍ଥାପିତ ହେବ।

**କୁମ୍ଭ** ଆଜି ପାରିବାରିକ ଅନୁରକ୍ତି, ସରକାରୀ ସାହାଯ୍ୟ, ବିଶିଷ୍ଟବ୍ୟକ୍ତିଙ୍କ ପ୍ରତିଶ୍ରୁତି ଆତ୍ମସମ୍ମାନ ବୃଦ୍ଧି କରିବ। ସ୍ଥଗିତକାର୍ଯ୍ୟ, ବିବାଦୀୟ ସ୍ଥିତି, ସହକର୍ମୀଙ୍କ ଅସହଯୋଗ ବଦଳିଯାଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରାଇପାରେ। ସାମାଜିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟା ସୁଧାରି ନେବେ।

**ମୀନ** ବନ୍ଧୁଙ୍କ ସହାୟତାରେ ଟେନସନ୍ କମିଯିବ, ସହଯୋଗ ଭିତ୍ତିରେ କାମ କରି ପ୍ରଶଂସିତ ହେବେ। ବିଶିଷ୍ଟ ବ୍ୟକ୍ତିଙ୍କ ପୃଷ୍ଠପୋଷକତାରେ ଶିଳ୍ପ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦୂରେଇଯିବ। ଭୁଲ୍ ବୁଝାମଣା ହେତୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବ। ପୂର୍ବଭାଦ୍ରପଦ ନକ୍ଷତ୍ର ସକାଶେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିପାରନ୍ତି।

ଆଜି ମାର୍ଚ୍ଚ ୧୩ ତାରିଖ, ବିଶ୍ୱ ବୃକ୍କଦିବସ, ମାସାନ୍ତ, ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ଗୁରୁବାର। ଶ୍ରୀମନ୍ଦିରରେ ରାଜାଗ୍ନି ବା ମେଣ୍ଢାପୋଡି, ଅଦ୍ୟ ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶି ନକ୍ଷତ୍ର–ପୂର୍ବାଫାଲଗୁନୀ/ସିଂହ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୦୬.୦୦ ଗତେ ଘ.୦୭.୩୫ ମଧ୍ୟେ, ଘ.୧୦.୪୫ ଗତେ ଘ.୦୧.୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧.୨୫ ଗତେ ଘ.୦୨.୫୪ ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାଣିଥିଲି କି ?**
**ଅଧେ ସୁନା ଅଧେ ପିତ୍ତଳ ବୋଲି ମୁଁ**
**ନିକିତି ପକାଇ ତୁଳିଥିଲି କି ?**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଉପରେ ଅନ୍ୟକୁ ଉପଦେଶ ଦେଇଥାନ୍ତି। କୌଣସି ବିଷୟରେ ଧାରଣା ନ ଥିଲେ ସୁଦ୍ଧା ନିଜର ମତାମତ ଶୁଣାଇଥାନ୍ତି। ତେବେ କୌଣସି କଥାର ଭିତରେ ନ ପଶି ଉପରେ ଉପରେ ସଫେଇ ଦେବା ଉଚିତ ହୋଇ ନ ଥିବାବେଳେ ବ୍ୟକ୍ତିଙ୍କ ଏପରି ବୟାନ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜଳଜଳା କାଠ ଜଳେ ନାହିଁ**
**ଜଳୁଥିଲେ ଲିଭଇ ନାହିଁ।**

ସାଧାରଣତଃ ଜଳଜଳା କାଠକୁ ଜୁଇ କାଠ ବୋଲି କୁହାଯାଇଥାଏ। ଏହି କାଠ କେବଳ ଶବଦାହ ବେଳେ ଆବଶ୍ୟକ ହେଉଥିବାବେଳେ ଅନ୍ୟ କୌଣସି କାର୍ଯ୍ୟ ପାଇଁ ଏହାକୁ ବ୍ୟବହାର କରିବା ବାରଣ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୭ ମାସର ସର୍ବନିମ୍ନ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

ଭୁବନେଶ୍ୱର,୧୨।୩(ଅନୁରାଧା ମହାରଣା)

୨୦୨୫ ଫେବୃଆରୀରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୭ ମାସର ସର୍ବନିମ୍ନ ସ୍ତରକୁ ଖସିଛି। ୨୦୨୫-୨୬ ଆର୍ଥିକବର୍ଷରେ ରିଟେଲ ଇନ୍‌ଫ୍ଲେଶନ୍ ଆହୁରି କମିପାରେ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଆକଳନ କରାଯାଇଛି। ମୁଦ୍ରାସ୍ଫୀତିରେ ହ୍ରାସ ଘଟିଲେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଦରଦାମ ଖସିବ। ଏଥିରୁ ସାଧାରଣ ଖାଉଟି ଲାଭବାନ ହେବେ। ୨୦୨୫ ଜାନୁଆରୀରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୪.୩୧% ରହିଥିବାବେଳେ ଫେବୃଆରୀରେ ଏହା ୩.୬୧ ପ୍ରତିଶତକୁ ଖସିଆସିଥିବା ବୁଧବାର ଜାରି ସରକାରୀ ତଥ୍ୟରୁ ଜଣାପଡ଼ିଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରରେ ଆକଳନ କରାଯାଇଥିବା ଫେବୃଆରୀ ମାସର ମୁଦ୍ରାସ୍ଫୀତି ହାର ୩.୬୧% ରହିଛି, ଯାହାକି ଜାନୁଆରୀ ତୁଳନାରେ ୦.୬୫ ପ୍ରତିଶତ କମ୍। ମୁଖ୍ୟତଃ ଖାଦ୍ୟ ସାମଗ୍ରୀ ଦର ହ୍ରାସ ଯୋଗୁ ଜୁଲାଇ ପରଠାରୁ ଏହି ହାର ସର୍ବନିମ୍ନ ସ୍ତରକୁ ଆସିଛି। ଫେବୃଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ୨୦୨୩ ମେ' ପରଠାରୁ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହା ଜାନୁଆରୀ ତୁଳନାରେ ୨୨୨ ବେସିସ୍ ପଏଣ୍ଟସ (ବିପିଏସ୍) କମ୍। ପନିପରିବା, ଅଣ୍ଡା, ମାଂସମାଛ, ଡାଲି ଏବଂ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ମୂଲ୍ୟ ହ୍ରାସ ଯୋଗୁ ଏପରି ହୋଇଥିବା କୁହାଯାଉଛି। ଫେବୃଆରୀରେ ତୈଳ ଦରରେ ମଧ ହ୍ରାସ ପରିଲକ୍ଷିତ ହୋଇଛି। ଏଥିଯୋଗୁ ଘରୋଇ ବଜେଟ ଉପରେ ଚାପ କମିଛି। ଫେବୃଆରୀରେ ଇନ୍ଧନ ମୁଦ୍ରାସ୍ଫୀତି ହାର ୧.୩୩% ରହିଥିଲା। ଖୁଚୁରା ମୁଦ୍ରାସ୍ଫୀତିରେ ହ୍ରାସ ଘଟିଲେ ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। ଆର୍‌ବିଆଇ ଅନ୍ୟ ବ୍ୟାଙ୍କଗୁଡ଼ିକୁ ଦେଉଥିବା ଋଣ ଉପରେ ସୁଧ (ରେପୋ ରେଟ) ହ୍ରାସ ପାଇଁ ମଧ ପଥ ଅନୁକୂଳ ହେବ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

# ନୂତନ ପ୍ରଜାତିର ମାଛ ଚିହ୍ନଟ



ବ୍ରହ୍ମପୁର/ଗୋପାଳପୁର,୧୨।୩
(ସୁବାସ ଚନ୍ଦ୍ର ପାଢ଼ୀ/ନବୀନରାଜ ଆଚାରୀ)

ଗୋପାଳପୁରସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର ଏବଂ କେରଳସ୍ଥିତ ନ୍ୟାଶନାଲ ବ୍ୟୁରୋ ଅଫ୍ ଫିସ୍ ଜେନେଟିକ ରିସୋର୍ସେସର ମିଳିତ ସହଯୋଗରେ ନୂତନ ପ୍ରଜାତିର ମାଛ 'ଆରିଅସୋମା ତାମିଲିକମ' ଚିହ୍ନଟ ହୋଇଛି। ଏହି ମାଛ ଆରିଅସୋମା ବଂଶର ଏକ ନୂତନ କୋଚିଆ ପ୍ରଜାତିର। ତାମିଲନାଡୁ ଏବଂ କେରଳ ଉପକୂଳରୁ ଏହାକୁ ଆବିଷ୍କାର କରାଯାଇଥିବାରୁ ତାମିଲ ଭାଷାରେ ଏହାର ନାମକରଣ କରାଯାଇଥିବା ଗୋପାଳପୁର ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ରର ବୈଜ୍ଞାନିକ ଡ. ଅନିଲ ମହାପାତ୍ର କହିଛନ୍ତି। ୨୦୨୧ରେ ଏହି ମାଛକୁ ପ୍ରଥମେ କେରଳସ୍ଥିତ ନ୍ୟାଶନାଲ ବ୍ୟୁରୋ ଅଫ ଫିସ ଜେନେଟିକ ରିସୋର୍ସେସ ସେଣ୍ଟରରେ ପରୀକ୍ଷାନିରୀକ୍ଷା କରାଯାଇଥିଲା। ପରେ ତାହାର ଅଧିକ ତଥ୍ୟ ସଂଗ୍ରହ ପାଇଁ ଗୋପାଳପୁର ଜେଡ୍‌ଏସ୍‌ଆଇକୁ ଅଣାଯାଇଥିଲା। ଏଠାରେ ବୈଜ୍ଞାନିକ ଅନିଲ ମହାପାତ୍ର, ବୈଜ୍ଞାନିକ ଥିପ୍ରାମାଲାଇ ଥାଙ୍ଗାପ୍ପାନପିଲାଇ ଅଜିତ କୁମାର, ସ୍ମୃତି ରେଖା ଆଚାର୍ଯ୍ୟ ଏବଂ ପରମସିଭମ କୋଡେଶ୍ୱରନଙ୍କ ମିଳିତ ସହଯୋଗରେ ଡିଏନଏ ଆଦି ଉପରେ ପରୀକ୍ଷା କରାଯାଇଥିଲା। ମାଛଟି ମାଇଟୋକଣ୍ଡ୍ରିଆଲ ଜିନ୍ କ୍ରମରେ ଶତକଡା ୧୩.୪ ଜେନେଟିକ ଭିନ୍ନତା ରହିଥିବାରୁ ଏହାକୁ ନୂତନ ପ୍ରଜାତିର ମାଛ ଭାବେ ଚିହ୍ନଟ କରାଯାଇଥିଲା। ମାଛର ଲମ୍ବ ୩୦ ସେଣ୍ଟିମିଟର ରହିଛି। ଏହାକୁ କୁକୁଡ଼ା ଖାଦ୍ୟ ଭାବେ ବ୍ୟବହାର କରାଯାଇଥାଏ।

ପ୍ରଥମ ପୃଷ୍ଠାରୁ...

# ୩ ଗୁଣା ବଢ଼ିଛି ଡିଜିଟାଲ ...

ସାଇବର ଅପରାଧୀ ସେମାନଙ୍କୁ ନିଜ ଜାଲରେ ଫସାଇ ବିପୁଳ ଅର୍ଥ ଲୁଟ୍ କରିବାରେ ସକ୍ଷମ ହେଉଛନ୍ତି। ୨୦୨୨ରୁ ୨୦୨୪ ମଧରେ ଏଭଳି ଅପରାଧ ମାମଲା ସଂଖ୍ୟା ୩ ଗୁଣା ବଢ଼ିଛି। ଏପରି କି ଲୁଟ୍ ଅର୍ଥର ପରିମାଣ ୨୧ ଗୁଣା ବୃଦ୍ଧି ପାଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ରାଜ୍ୟ ସଭାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର ଏକ ପ୍ରଶ୍ନର ଉତ୍ତର ଦେଇ ନ୍ୟାଶନାଲ ସାଇବରକ୍ରାଇମ୍ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆର୍‌ପି) ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟର ଅବତାରଣା କରିଛନ୍ତି। ସେ କହିଛନ୍ତି, ଗତ ୨ ବର୍ଷ ମଧରେ ସାଇବର ଅପରାଧ ୩ ଗୁଣା ବଢ଼ିଛି। ୨୦୨୨ରେ ଏଭଳି ୩୯,୯୨୫ ମାମଲା ରୁଜୁ ହୋଇଥିବାବେଳେ ୯୧.୧୪ କୋଟି ଟଙ୍କା ଠକେଇ ହୋଇଥିଲା। ୨୦୨୪ରେ ଏହା ୧,୨୩,୬୭୨କୁ ବୃଦ୍ଧି ପାଇଥିଲା। ଠକେଇ ଟଙ୍କାର ପରିମାଣ ୨୧ ଗୁଣ ବୃଦ୍ଧିପାଇ ୧୯,୩୫.୫୧ କୋଟିରେ ପହଞ୍ଚିଥିଲା। ୨୦୨୫ର ପ୍ରଥମ ୨ ମାସ ଭିତରେ ୧୭,୭୧୮ ମାମଲା ରୁଜୁ ହୋଇଥିବାବେଳେ ଫେବୃଆରୀ ୨୮ ସୁଦ୍ଧା ସାଇବର ଅପରାଧୀ ଲୋକଙ୍କଠାରୁ ୨୧୦.୨୧ କୋଟି ଟଙ୍କା ଲୁଟ୍ କରିଛନ୍ତି। ଏହି ପୋର୍ଟାଲରେ ସାଇବରକ୍ରାଇମ୍ ଘଟଣାଗୁଡ଼ିକ ରିପୋର୍ଟ କରାଯାଉଛି। ସେଗୁଡ଼ିକୁ ମାମଲାରେ ପରବର୍ତ୍ତିତ କରି ପରବର୍ତ୍ତୀ ସମୟରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆଇନ ପ୍ରବର୍ତ୍ତନକାରୀ ଏଜେନ୍ସିଗୁଡ଼ିକ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ନେଉଥିବା ବିଷୟ ସଞ୍ଜୟ କୁମାର ସୂଚନା ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ଇଣ୍ଡିଆନ୍ ସାଇବର କ୍ରାଇମ୍ କୋ-ଅର୍ଡିନେଶନ୍ ସେଣ୍ଟର (୧୪ସି) ତତ୍ପରତା ସହ ୩,୯୬୨ ସ୍କାଇପ୍ ଆଇଡି ଏବଂ ୮୩,୬୮୮ ହ୍ୱାଟ୍ସଆପ୍ ଆକାଉଣ୍ଟ ଚିହ୍ନଟ କରି ସେଗୁଡ଼ିକୁ ବ୍ଲକ୍ କରିଛି। ଏହି ଆଇଡି ଏବଂ ଆକାଉଣ୍ଟଗୁଡ଼ିକୁ ଡିଜିଟାଲ ଆରେଷ୍ଟ ପାଇଁ ବ୍ୟବହାର କରାଯାଉଥିଲା ବୋଲି ମନ୍ତ୍ରୀ କହିଛନ୍ତି। ଅଦ୍ୟାବଧି ୧୩.୩୬ ଲକ୍ଷ ଅଭିଯୋଗ ଉପରେ ୪,୩୮୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଫେରାଇ ଅଣାଯାଇପାରିଛି। ଅନ୍‌ଲାଇନ୍ ସାଇବର ଅଭିଯୋଗ ଦାଖଲ ପାଇଁ ଟୋଲ୍-ଫ୍ରି ହେଲ୍ପଲାଇନ୍ ନମ୍ବର ୧୯୩୦ ଜାରି କରାଯାଇଛି। ଅନ୍‌ଲାଇନ୍ ଠକେଇର ଶିକାର ହେଉଥିବା ଲୋକେ ଏଥିରେ ନିଜ ଅଭିଯୋଗ ଦାଖଲ କରିପାରିବେ ବୋଲି ଉଚ୍ଚ ସଦନରେ ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଡିଜିଟାଲ ଆରେଷ୍ଟ: ଏକ ଚ୍ୟାଲେଞ୍ଜ

ବାସ୍ତବରେ 'ଡିଜିଟାଲ ଆରେଷ୍ଟ' ବୋଲି କିଛି ନାହିଁ। ଲୋକଙ୍କୁ ଲୁଟିବା ପାଇଁ ଏହା ଏକ ମନଗଢ଼ା ଶବ୍ଦ। ସାଇବର ଅପରାଧୀମାନେ ଲୋକଙ୍କ ଦୁର୍ବଳତା, ବ୍ୟକ୍ତିଗତ ଡେଟା, ଅନ୍ତରଙ୍ଗ ବିଷୟ କିମ୍ବା ଏପରି କୌଣସି ସୂଚନା ହାତେଇବାରେ ସକ୍ଷମ ହେଲେ ତାହାକୁ ବ୍ୟବହାର କରି ଶିକାର ଯୋଜନା କରିଥାଆନ୍ତି। ସେମାନେ ଫୋନ୍ କଲ୍ କରି 'ତୁମ ପିଲା ବଳାତ୍କାର କରିଛି, ତାକୁ ଆମେ ଆରେଷ୍ଟ କରିଛୁ। ଏତିକି ଲକ୍ଷ ଟଙ୍କା ଦେଲେ କୋର୍ଟ ଚାଲାଣ ନ କରି ଛାଡ଼ିଦେବୁ' କହି ରାନ୍‌ସମ୍ ଦାବି କରନ୍ତି। ଏପରି କି କ୍ଲୋନ୍ କରାଯାଇଥିବା ପିଲାର ଭଏସ୍ ମଧ ଶୁଣାଇଥାନ୍ତି। ଘର ଲୋକେ ଭୟ ଓ ଲଜ୍ଜାରେ ଅନ୍‌ଲାଇନ୍‌ରେ ଟଙ୍କା ପଇଠ କରିବାକୁ ବାଧ ହୁଅନ୍ତି। ପରେ ପିଲା ଘରକୁ ଫେରିଲେ ସେମାନେ ଜାଣିପାରନ୍ତି ଯେ, ଏହା 'ଡିଜିଟାଲ ଆରେଷ୍ଟ' ଥିଲା। ମିଛଟାରେ ସେମାନେ ଠକେଇରେ ପଡ଼ିଲେ। ସାଇବର ଅପରାଧୀଙ୍କ ଦ୍ୱାରା ପ୍ରଯୁକ୍ତି ଓ କାରିଗରି ବିଜ୍ଞାନ ଅଗ୍ରଗତିର ଦୁରୁପଯୋଗ କିଭଳି ଭାବେ କରାଯାଉଛି, ଏହା ହେଉଛି ତା'ର ଏକ ନମୁନା। ଏଭଳି ଅନେକ ଦୃଷ୍ଟାନ୍ତ ରହିଛି, ଯେଉଁଠି ଫ୍ରଡ୍‌ଷ୍ଟରମାନେ ବୋମାଇଲ ଫୋନ୍ ବିଶେଷକରି ଭିଡିଓ କଲିଂ ଜରିଆରେ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ବିପୁଳ ଅର୍ଥ ଲୁଟିବାରେ ସଫଳ ହେଉଛନ୍ତି। ଏଭଳି ଠକଙ୍କ ଜାଲରେ ନ ପଡ଼ିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଏକାଧିକ ଥର ସତର୍କ କରାଇଛନ୍ତି। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ ଏ ଦିଗରେ ଅନେକ ପଦକ୍ଷେପ ନେଇଛି। ତଥାପି ପ୍ରବର୍ତ୍ତନକାରୀ ଏଜେନ୍ସିଗୁଡ଼ିକ ପାଇଁ ଏହା ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

# ୨୦୨୧–୨୦୨୩: ଓଡ଼ିଶାରେ ୬,୩୬୮ ସାଇବର ଠକେଇ

ଭୁବନେଶ୍ୱର(ସୁନିତ୍ ମିଶ୍ର),୧୨।୩

ଓଡ଼ିଶାରେ ୨୦୨୧, ୨୦୨୨ ଏବଂ ୨୦୨୩ରେ ମୋଟ ୬,୩୬୮ ସାଇବର ଠକେଇ ଅପରାଧ ନେଇ ମାମଲା ରୁଜୁକରାଯାଇଛି। ଏହା ଉପରେ ଅନୁଧ୍ୟାନ କଲେ ସାଇବର ଅପରାଧ ମାମଲା ପ୍ରତିବର୍ଷ ବୃଦ୍ଧି ପାଉଥିବା ନଜରକୁ ଆସିଛି। ୨୦୨୧ରେ ରାଜ୍ୟରେ ମୋଟ୍ ୨,୦୩୭ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୨ରେ ଏହି ସଂଖ୍ୟାରେ ସାମାନ୍ୟ ହ୍ରାସ ଘଟିଥିବା ଲକ୍ଷ୍ୟ କରାଯାଇଛି। ୨୦୨୧ ତୁଳନାରେ ୨୦୨୨ରେ ମାତ୍ର ୫୫ଟି ମାମଲା କମ୍ ହୋଇଛି। ଏହିବର୍ଷ ରାଜ୍ୟରେ ମୋଟ୍ ୧,୯୮୩ଟି ମାମଲା ସାଇବର ଅପରାଧ ନେଇ ରୁଜୁ କରାଯାଇଛି। ହେଲେ ୨୦୨୩ରେ ରାଜ୍ୟରେ ମୋଟ୍ ୨,୩୪୮ଟି ସାଇବର ଆପରାଧିକ ମାମଲା ବିଭିନ୍ନ ଥାନାରେ ରୁଜୁ କରାଯାଇଛି; ଯାହାକି ୨୦୨୧ ତୁଳନାରେ ୩୧୧ ଏବଂ ୨୦୨୨ ତୁଳନାରେ ୩୬୫ଟି ଅଧିକ ମାମଲା ରୁଜୁ ହୋଇଥିବା ବିଧାନସଭାରେ ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ୩ ବର୍ଷ ଭିତରେ ୬,୩୬୮ଟି ସାଇବର ଅପରାଧ ମାମଲାରେ ଗିରଫଦାରି ସଂଖ୍ୟା ବହୁତ କମ୍ ରହିଛି। ୬,୩୬୮ଟି ମାମଲାରେ ମୋଟ ୧୩୮୮ ଜଣଙ୍କୁ ଗିରଫ କରାଯାଇଛି। ୨୦୨୧୧ରେ ୪୨୫, ୨୦୨୨ରେ ୪୪୧ ଏବଂ ୨୦୨୩ରେ ୫୨୨ ଜଣଙ୍କୁ ଏହିସବୁ ମାମଲାଗୁଡିକରେ ଗିରଫ କରାଯାଇଛି। ଆହୁରି ଚିନ୍ତାଜନକ ବିଷୟ ହେଉଛି ପ୍ରତ୍ୟେକ ବର୍ଷ ସାଇବର ଠକେଇରେ ଅଧିକ ପରିମାଣର ଅର୍ଥରାଶି ହଡ଼ପ ହେଉଛି। ୨୦୨୧ରେ ମୋଟ ୪୦ କୋଟି ୩୯ ଲକ୍ଷ ୭୦ ହଜାର ୫୧୪ ଟଙ୍କାର ଅର୍ଥ ରାଶି ଠକେଇ କରାଯାଇଥିବାବେଳେ ୨୦୨୨ରେ ଏହି ରାଶି ୩୭ କୋଟି ୨୮ ଲକ୍ଷ ୯୬ ହଜାର ୯୮୨ ଟଙ୍କା ରହିଛି। ୨୦୨୧ ତୁଳନାରେ ୩ କୋଟି ୧୦ ଲକ୍ଷ ୭୩ ହଜାର ୫୩୨ ଟଙ୍କା କମ୍ ଅର୍ଥ ରାଶି ହଡ଼ପ ହୋଇଛି। ହେଲେ ୨୦୨୩ରେ ମୋଟ୍ ୪୭ କୋଟି ୯୪ ଲକ୍ଷ ୫୦ ହଜାର ୧୭୮ ଟଙ୍କାର ଅର୍ଥ ରାଶି ହଡ଼ପ କରାଯାଇଛି। ଏହା ୨୦୨୨ ତୁଳନାରେ ୧୦ କୋଟି ୬୫ ଲକ୍ଷ ୫୩ ହଜାର ୧୯୬ ଟଙ୍କା ଅଧିକ । ସେହିପରି ୨୦୨୧ ତୁଳନାରେ ୨୦୨୩ରେ ୭ କୋଟି ୫୪ ଲକ୍ଷ ୭୯ ହଜାର ୬୬୪ କୋଟି ଟଙ୍କା ଅଧିକ ହଡ଼ପ ହୋଇଛି।

ପ୍ରତିବର୍ଷ ସାଇବର ଅପରାଧ ବୃଦ୍ଧି ପାଇବାରେ ଲାଗିଥିବାବେଳେ ଏହାକୁ ରୋକିବା ଲାଗି ରାଜ୍ୟ ସରକାର ୨୦୧୩ ଏପ୍ରିଲ ୧ରୁ ପଦକ୍ଷେପ ନେଉଥିବା କଥା ଦର୍ଶାଇଛନ୍ତି। ଏହି ଅପରାଧ ରୋକିବା ସକାଶେ ସରକାର ସାଇବର କ୍ରାଇମ ଶାଖା, ସାଇବର କ୍ରାଇମ ୟୁନିଟ୍ ମଧରେ ଅନେକ ବିଶେଷ ସବ୍ ୟୁନିଟ୍ ପ୍ରତିଷ୍ଠା କରିଥିବା କହୁଛନ୍ତି। କେବଳ ସେତିକି ନୁହେଁ, ସରକାର ବିଧାନସଭା ଉତ୍ତରରେ ଆହୁରି ଦର୍ଶାଇଛନ୍ତି, ସାଇବର ଅପରାଧ ରୋକିବା ଲାଗି ୧୯୩୦ ସାଇବର ଅପରାଧ ହେଲ୍‌ପଲାଇନ, ସୋସିଆଲ ମିଡିଆ ୟୁନିଟ୍, ଶିଶୁ ଓ ମହିଳା ଅନ୍‌ଲାଇନ ଅପବ୍ୟବହାର ମନିଟରିଂ ବିଭାଗ, ସାଇବର ତଦନ୍ତ ବିଭାଗ ଆଦି ଖୋଲିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୪ଟି ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ପୋଲିସ ଥାନା ଭୁବନେଶ୍ୱର ସହରାଞ୍ଚଳ, କଟକ ସହରାଞ୍ଚଳ, କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ଅନୁଗୋଳ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର ଓ କନ୍ଧମାଳଠାରେ ପ୍ରତିଷ୍ଠା ହୋଇଛି। ଏହିଭଳି ବହୁ ମାତ୍ରାରେ ସାଇବର ଅପରାଧ ରୋକିବା ଲାଗି ସରକାର ବ୍ୟବସ୍ଥା ଗ୍ରହଣ କରିଥିବା ବିଷୟରେ ସୂଚନା ଦେଇଥିଲେ ସୁଦ୍ଧା ଏହି ସମ୍ବନ୍ଧୀୟ ଅପରାଧ ସଂଖ୍ୟା ବୃଦ୍ଧି ପାଇଚାଲିବା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସରକାରଙ୍କ ସଚେତନତା ଲୋକଙ୍କ ପାଇଁ ସେତେ ମାତ୍ରାରେ କାମ ଦେଉ ନ ଥିବା ସାଇବର ବିଶେଷଜ୍ଞମାନେ ମଧ ମତ ରଖିବା ଆରମ୍ଭ କରିଛନ୍ତି।

**ପୋଲିସ ହେପାଜତରୁ ଅଭିଯୁକ୍ତ ଖସିଗଲେ**

ଭଦ୍ରକ,(ସନାତନ ରାଉତ): ଭଦ୍ରକ ପୁରୁଣାବଜାର ପୋଲିସ ହେପାଜତରୁ ଜଣେ ଅଭିଯୁକ୍ତ ବୁଧବାର ମଧ୍ୟାହ୍ନରେ ଖସି ଯାଇଛନ୍ତି। ୧୩୮ ଏନ୍‌ଆଇ ଆକ୍ଟରେ ଜାମିନ ହୋଇସାରିଥିବା ଯୁବକଙ୍କୁ ଥାନାର ଜଣେ କନଷ୍ଟେବଲ ଜିଲା କୋର୍ଟକୁ ହାଜର ପାଇଁ ନେଉଥିଲେ। ଓରିଅନ ହୋଟେଲ ନିକଟରେ ବାଇକ୍‌ରୁ ଡେଇଁ ସେ ଫେରାର ହୋଇ ଯାଇଥିବା ଜଣାପଡ଼ିଛି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହୋଟେଲର ସିସି କ୍ୟାମେରା ଯାଞ୍ଚ କରି ଉକ୍ତ ଯୁବକଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ଫେରାର ଯୁବକଙ୍କୁ ଧରିବା ପାଇଁ ପୋଲିସ ଟ୍ରାକିଂ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ତାଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ ସୁଶାନ୍ତ ସାହୁ କହିଛନ୍ତି।

# ମାଂସ ତରକାରି ନ କରିବାରୁ ସ୍ତ୍ରୀଙ୍କୁ ହତ୍ୟା

ମେହବୁବାବାଦ (ତେଲଙ୍ଗାନା),୧୨।୩

ଖାଦ୍ୟ ପ୍ରସ୍ତୁତିକୁ ନେଇ ଅନେକ ସମୟରେ ପରିବାରରେ ବିବାଦ ଦେଖାଦେଇଥାଏ। ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ମଧ୍ୟ ଲାଗେ। ହେଲେ କିଛି ବ୍ୟକ୍ତି ଅଛନ୍ତି ଏଭଳି ଛୋଟ ଛୋଟ ଘଟଣାକୁ ନେଇ ଉତ୍‌କ୍ଷିପ୍ତ ହୋଇ ବଡ଼ ଭୁଲ୍ କରି ବସନ୍ତି। ଏମିତି ଏକ ଘଟଣା ଘଟିଛି ତେଲଙ୍ଗାନା ମେହବୁବାବାଦ ଅଞ୍ଚଳରେ। ମାଂସ ତରକାରି କରିବାକୁ ମନା କରିବାରୁ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତା ହେଉଛନ୍ତି ମାଲୋଥ କଳାବଥି(୩୫)। ମୃତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ଅଭିଯୁକ୍ତ ସ୍ୱାମୀଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

ମୃତାଙ୍କ ମା' କରିଥିବା ଅଭିଯୋଗ ସୂଚନାନୁସାରେ, କଳାବଥି ତାଙ୍କ ସ୍ୱାମୀଙ୍କ ସହ ରୁହନ୍ତି। ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ ଘରୋଇ ସମସ୍ୟାକୁ ନେଇ ପାଟିତୁଣ୍ଡ ହୋଇଥାଏ। ମଙ୍ଗଳବାର ରାତିରେ କଳାବଥିଙ୍କ ସ୍ୱାମୀ ଘରକୁ ମଟନ୍ ଆଣି ରୋଷେଇ କରିବାକୁ ସ୍ତ୍ରୀଙ୍କୁ କହିଥିଲେ। ହେଲେ ରାତିରେ ମଟନ ତରକାରି କରିପାରିବେ ନାହିଁ ବୋଲି କଳାବଥି କହିବା ପରେ ତାଙ୍କ ସ୍ୱାମୀ ରାଗି ଯାଇଥିଲେ। ଉଭୟଙ୍କ ମଧ୍ୟରେ ଉକ୍ତ ଘଟଣାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସ୍ତ୍ରୀଙ୍କ ମୁଣ୍ଡକୁ କାଠଫାଳିଆରେ ବ୍ୟକ୍ତି ଜଣକ ପିଟିଥିଲେ। ଫଳରେ କଳାବଥିଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଖବର ପାଇବାପରେ ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିବା ସହ ଫେରାର ବ୍ୟକ୍ତିଙ୍କୁ ଧରିବା ପାଇଁ ଛାନଭିନ୍ ଆରମ୍ଭ କରିଛି। ଅପରପକ୍ଷରେ ଏଭଳି ଏକ ଛୋଟ ଘଟଣାରେ ଜଣେ ସ୍ୱାମୀ ସ୍ତ୍ରୀଙ୍କୁ ହତ୍ୟା କରିବା ଘଟଣାକୁ ସ୍ଥାନୀୟ ଲୋକମାନେ ବିଶ୍ୱାସ କରିପାରୁ ନାହାନ୍ତି। ସାମାନ୍ୟ କଥାକୁ ନେଇ ଜଘନ୍ୟ ଘଟଣାକୁ ରୋକିବାକୁ ବ୍ୟାପକ ସଚେତନତା ଜରୁରୀ ବୋଲି ମନସ୍ତତ୍ତ୍ୱବିତ୍ କହିଛନ୍ତି। ପୂର୍ବରୁ ମଧ୍ୟ ଏଭଳି ଘଟଣା ବିଭିନ୍ନ ସ୍ଥାନରେ ଘଟିବାର ନଜିର ରହିଛି। ୨୦୨୨ ଜୁଲାଇ ୯ରେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସାଲେଇବେଡ଼ା ଗ୍ରାମରେ ଗିରୀଶ ଦେହୁରୀ ନାମକ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ମଟନ ତରକାରି ରାନ୍ଧିବାକୁ କହିଥିଲେ। ହେଲେ ତରକାରି କରିବାକୁ ସ୍ତ୍ରୀ ମନା କରିବାରୁ ଗିରିଶ ଏକ ଲୁହାରଡ୍‌ରେ ପିଟି ହତ୍ୟା କରିଥିଲେ। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।


ପୋଲିସ ଅଧିକାରୀ ତଦନ୍ତ କରୁଛନ୍ତି।

## ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲା

# ଅନ୍ତରୀଣ ସୁରକ୍ଷା ହଟିଲା, ଅଡୁଆ ବଢ଼ିଲା

**ରାଜା ଚକ୍ର, ୪ ସହଯୋଗୀଙ୍କ ଜାମିନ ଆବେଦନ ଖାରଜ**

କଟକ/କେନ୍ଦୁଝର,୧୨।୩ (କାର୍ତ୍ତିକ ସାହୁ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲାରେ ଜଡ଼ିତ ରାଜା ଚକ୍ର ଓରଫ ସୌମ୍ୟଶଙ୍କର ଚକ୍ର ଓ ତାଙ୍କ ୪ ସହଯୋଗୀଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ହାଇକୋର୍ଟର ବିଚାରପତି ଭି. ନରସିଂହ ମାମଲାର ଶୁଣାଣି କରି ସେମାନଙ୍କୁ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷାକୁ ହଟାଇ ଦେଇଛନ୍ତି। ଫଳରେ ସେମାନଙ୍କ ଗିରଫଦାରୀ ଆଶଙ୍କା ବୃଦ୍ଧି ପାଇଛି। ରାଜା ଚକ୍ରଙ୍କ ସହଯୋଗୀମାନେ ହେଲେ ସୁଧାଂଶୁ ଶେଖର ନାୟକ, ସମୀର କୁମାର ଜେନା, ସଦାଶିବ ସାମଲ ଓ ସୁଶାନ୍ତ ସାମଲ।

ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲା ଅନ୍ତର୍ଗତ ଗନ୍ଧମାର୍ଦ୍ଦନ ଲୋଡ଼ିଂ ଓ ଟ୍ରାନ୍ସପୋର୍ଟିଂ କୋଅପରେଟିଭ୍ ସୋସାଇଟିର ଆର୍ଥିକ ଅନିୟମିତତା ମାମଲାରେ ଜଡିତ ରାଜା ଚକ୍ର ଓ ତାଙ୍କର ୪ ସହଯୋଗୀ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ୩ଟି ପୃଥକ ଆବେଦନ କରିଥିଲେ। ବିଜେଡି ନେତା ରାଜା ଚକ୍ରଙ୍କ ବିରୋଧରେ ୩୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର କରିଥିବା ନେଇ ଅଭିଯୋଗ ରହିଛି। ନିକଟରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ତାଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା। ଏହି ଘଟଣାରେ ଇଓଡବ୍ଲ୍ୟୁ ଗନ୍ଧମାର୍ଦ୍ଦନ ଏଜେନ୍ସିର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ, ସମ୍ପାଦକ ଉତ୍କଳ ଦାସ ପ୍ରମୁଖଙ୍କୁ ଗତ ଫେବୃଆରୀ ୭ ତାରିଖରେ ଗିରଫ କରିଥିଲା। ଉକ୍ତ ସଂସ୍ଥା ୨୦୦୬ ମସିହାରେ ଆଇରନ୍ ଓର୍ ଲୋଡିଂ କରିବା ନିମନ୍ତେ ରେଜିଷ୍ଟ୍ରେଶନ୍ କରିଥିଲା। ୨୦୧୭ ରୁ ୨୦୨୪ ମଧ୍ୟରେ ଏମାନଙ୍କ ବିରୋଧରେ କୋଟି କୋଟି ଟଙ୍କାର ଅର୍ଥ ହେରଫେର କରିଥିବାର ଅଭିଯୋଗ ହୋଇଥିଲା। ଅଭିଯୁକ୍ତମାନେ ଶ୍ରମିକ ଖର୍ଚ୍ଚ, ଇପିଏଫ୍ ଟଙ୍କା, ପାରିପାର୍ଶ୍ୱିକ ବିକାଶ, ଖଣି ଦ୍ୱାରା ପ୍ରଭାବିତ ହୋଇଥିବା ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବା, ଭିତ୍ତିଭୂମିର ବିକାଶ କରିବା ଆଳରେ କୋଟି କୋଟି ଟଙ୍କା ହଡ଼ପ କରିଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ହାଇକୋର୍ଟ ମଙ୍ଗଳବାର ମାମଲାର ଶୁଣାଣି କରି ରାଜା ଚକ୍ର ଓ ଅନ୍ୟମାନଙ୍କ ଜାମିନ ଆବେଦନ ରାୟ ସଂରକ୍ଷିତ ରଖିଥିଲେ।



# ଚରିତ୍ରକୁ ଆକ୍ଷେପରୁ ଘଟିଥିଲା ହତ୍ୟାକାଣ୍ଡ: ଏସ୍‌ପି

**ଘରେ ସ୍ୱାମୀଙ୍କ ମୃତଦେହ ପଡ଼ିଥିବା ବେଳେ ସ୍ତ୍ରୀ ଫେରାର ଘଟଣା**

ପାରଳାଖେମୁଣ୍ଡି,୧୨।୩ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ନଗରମପଲ୍ଲୀ ସାହିରେ ହୋଇଥିବା ହତ୍ୟା ଘଟଣାରେ ମୃତ ଜଗଦୀଶଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ସ୍ତ୍ରୀ ହାରିଙ୍କୁ ଗିରଫ କରି ପାରଳାଖେମୁଣ୍ଡି ପୋଲିସ ମଙ୍ଗଳବାର ସିନ ରିକ୍ରିଏଶନ କରିଥିଲା। ସମସ୍ତ ଦିଗର ତଦନ୍ତ ପରେ ପୋଲିସ ସ୍ତ୍ରୀ ହାରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପରସ୍ପର ପରସ୍ପରର ଚରିତ୍ରକୁ ନେଇ ଆକ୍ଷେପ ପ୍ରତି ଆକ୍ଷେପରୁ ଏପରି ହତ୍ୟାକାଣ୍ଡ ଘଟିଥିବା ଗଜପତି ଏସ୍‌ପି ଯତୀନ୍ଦ୍ର ପଣ୍ଡା ବୁଧବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଜଗଦୀଶ ଓ ହାରି ଉଭୟେ ପ୍ରେମ ବିବାହ କରି କିଛିଦିନ ଗୁଣୁପୁରୁ ନିକଟସ୍ଥ ମାଛକୁଣ୍ଡ ଗ୍ରାମରେ ଜଗଦୀଶଙ୍କ ଘରେ ରହି ଆସୁଥିଲେ। ଗତ ଦୁଇ ମାସ ତଳେ ହାରି ତାଙ୍କୁ ପାରଳାଖେମୁଣ୍ଡିରେ ଚାକିରି ମିଳିବ। ଖୁବଶୀଘ୍ର ତାଙ୍କର ନିଯୁକ୍ତିପତ୍ର ଆସିଯିବ। ଆମେ ପାରଳାଖେମୁଣ୍ଡିଠାରେ ରହିବା ବୋଲି ଜଗଦୀଶଙ୍କୁ କହିଥିଲେ। ସ୍ତ୍ରୀଙ୍କ କଥାରେ ସେ ରାଜି ହୋଇଥିଲେ। ପରେ ଉଭୟେ ପାରଳାଖେମୁଣ୍ଡି ଆସି ନଗରମପଲ୍ଲୀ ସାହିରେ ଏକ ଭଡ଼ା ଘର ନେଇ ରହୁଥିଲେ। କିଛିଦିନ ପରେ ଉଭୟଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇ ପାଟିତୁଣ୍ଡ ଲାଗିଥିଲା। ଗତ ୮ତାରିଖରେ ଉଭୟେ ଉଭୟଙ୍କ ଚରିତ୍ରକୁ ନେଇ ଆକ୍ଷେପ ପ୍ରତି ଆକ୍ଷେପ କରିଥିଲେ। ଏଥିରୁ ଉଭୟଙ୍କ ମଧ୍ୟରେ ମାରପିଟ ପର୍ଯ୍ୟନ୍ତ କଥା ଯାଇଥିଲା। ସ୍ତ୍ରୀ ହାରି ଉତ୍ତ୍ୟକ୍ତ ହୋଇ ଘରେ ଥିବା ପରିବା କଟା ଛୁରି ଆଣି ଜଗଦୀଶଙ୍କୁ ଆକ୍ରମଣ କରିଥିଲେ। ଜଗଦୀଶଙ୍କ ଛାତି ଓ ବେକରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ହାରି ନିଜ ଦୋଷକୁ ଲୁଚାଇବାକୁ ଯାଇ ହତ୍ୟାରେ ବ୍ୟବହୃତ ଛୁରିକୁ ନିଜ ବାଡ଼ିପଟ ନାଳରେ ଫୋପାଡ଼ି ତରତର ହୋଇ ଘରେ ତାଲା ପକାଇ ବ୍ୟାଗ ଧରି ନିଜ ବାପଘରକୁ ଚାଲିଯାଇଥିଲେ। ଦୁଇଦିନ ପରେ ଘରୁ ଦୁର୍ଗନ୍ଧ ବାହାରିବାରୁ ସାହିପଡିଶା ଘର ମାଲିକଙ୍କୁ ଖବର ଦେଇଥିଲେ। ଘର ମାଲିକ ପୋଲିସକୁ ଖବର ଦେବାପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଖବରପାଇ ଜଗଦୀଶଙ୍କ ପରିବାର ଲୋକେ ମଧ୍ୟ ପହଞ୍ଚିଥିଲେ। ତାଙ୍କ ପୁଅକୁ ହତ୍ୟା କରାଯାଇଛି ବୋଲି ଜଗଦୀଶଙ୍କ ମାଆ ଥାନାରେ ଏତଲା ଦେଇ ଅଭିଯୋଗ କରିଥିଲେ। ପୋଲିସ ହାରିଙ୍କୁ ଆଣି ପଚରାଉଚରା କରିବା ସହ ତାଙ୍କୁ ନେଇ ସିନ୍ ରିକ୍ରିଏଶନ କରିଥିଲା। ସମସ୍ତ ପାରିପାର୍ଶ୍ୱିକ ସ୍ଥିତି ଏବଂ ସିନ ରିକ୍ରିଏଶନ ବେଳେ ମିଳିଥିବା ତଥ୍ୟ ଓ ହାରିଙ୍କ ବୟାନକୁ ଆଧାର କରି ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ପି ପଣ୍ଡା କହିଛନ୍ତି।


ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

## ବେକକାଟି ସାଙ୍ଗଙ୍କୁ ହତ୍ୟା, ଅଭିଯୁକ୍ତ ଫେରାର

ବଣାଇଁ/ଟେନ୍‌ସା,୧୨।୩(ପ୍ରଦୀପ ତ୍ରିପାଠୀ/ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିଡିହି ଗ୍ରାମର ଆର୍‌ପି କଲୋନୀରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। କୌଣସି ଏକ କାରଣକୁ ନେଇ ସାଙ୍ଗର ବେକକାଟି ହତ୍ୟା କରାଯାଇଛି। ମୃତକ ଜଣକ ହେଲେ ଗୋବିନ୍ଦ ମୁଣ୍ଡା (୨୧)। ଏହି ଘଟଣା ପରେ ଅଭିଯୁକ୍ତ ଜଣଙ୍କ ଫେରାର ଅଛନ୍ତି।

ପ୍ରକାଶ ଯେ, ତେନ୍ତୁଳିଡିହି ଗ୍ରାମ ଆର୍‌ପି କଲୋନୀରେ ଗୋବିନ୍ଦ ଓ ତାଙ୍କ ସାଙ୍ଗ ରହୁଥିଲେ। ମଙ୍ଗଳବାର କୌଣସି ଏକ କାରଣକୁ ନେଇ ଉଭୟ ସାଙ୍ଗଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସନ୍ଧ୍ୟାରେ ଏହି ଝଗଡ଼ାର ଆପୋସ ବୁଝାମଣା ହେଲା ପରେ ସେମାନେ ନିଜ ନିଜ ଘରକୁ ଯାଇଥିଲେ। ଗୋବିନ୍ଦ ଯାଇ ଶୋଇପଡ଼ିଥିଲେ। କିନ୍ତୁ ତାଙ୍କ ସାଙ୍ଗଙ୍କ ରାଗ ଶାନ୍ତ ହୋଇ ନ ଥିଲା। ଫଳରେ ବିଳମ୍ବିତ ରାତିରେ ଅଭିଯୁକ୍ତ ଜଣକ ଗୋବିନ୍ଦ ଶୋଇଥିବା ଏକ ପରିତ୍ୟକ୍ତ ସ୍କୁଲ ଘର କୋଠରିରେ ପଶି କୌଣସି ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ହତ୍ୟା କରିଥିଲେ। ବୁଧବାର ସକାଳେ ଗ୍ରାମବାସୀ ଗୋବିନ୍ଦଙ୍କ ରକ୍ତାକ୍ତ ମୃତଦେହ କୋଠରିରେ ପଡିଥିବା ଦେଖି ପୋଲିସକୁ ଜଣାଇଥିଲେ। କୋଇଡା ଥାନାଧିକାରୀ ମନୋରଞ୍ଜନ କୁମ୍ଭାର ଏବଂ ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। କୋଇଡ଼ା ଥାନା ପୋଲିସ ନଂ.୪୯/୨୫ରେ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଷ୍ଟିଲ୍‌ସିଟିରେ ଏନ୍‌କାଉଣ୍ଟର, ଲାଖୁଆ ଆହତ

**ବିଭିନ୍ନ ଥାନାରେ ରହିଛି ଆପରାଧିକ ମାମଲା**

ରାଉରକେଲା,୧୨।୩ (ସଙ୍ଗୀତା ଜେନା)

ଝାଡ଼ଖଣ୍ଡ ଓ ଓଡ଼ିଶାରେ ସକ୍ରିୟ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ରାଉରକେଲା ପୋଲିସ ଏନ୍‌କାଉଣ୍ଟର କରିଛି। ଅଭିଯୁକ୍ତଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ସେହେଲେ ଝାଡ଼ଖଣ୍ଡ ପଶ୍ଚିମ ସିଂ ଭୂମ ଆନନ୍ଦପୁରର ବି.ଏସ୍.ଲାଖୁଆ(୩୨)। ଏଥିସହ ପୋଲିସ ଲାଖୁଆଙ୍କ ଜଣେ ସହଯୋଗୀଙ୍କୁ ଅଟକ ରଖିଛି। ସେମାନଙ୍କ ନିକଟରୁ ଗୋଟିଏ ସ୍କର୍ପିଓ( ଗାଡ଼ି (ନଂ. ଜେଏଚ୍‌୦୯-ଏଜି-୮୫୬୭), ୨ଟି ମୋବାଇଲ ଫୋନ୍, ୯ଏମ୍‌ଏମ୍ ଦେଶୀ ପିସ୍ତଲ, ୪ଟି ଖାଲି କାର୍ତ୍ତୁଜ୍ ଜବତ ହୋଇଛି। ଆହତ ଲାଖୁଆଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ବିରୋଧରେ ବିଶ୍ରା ଥାନାରେ ଏକ ମାମଲା(ନଂ. ୧୦୦/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି ବୋଲି ରାଉରକେଲା ପୋଲିସ ମୁଖ୍ୟାଳୟରେ ଆହୂତ ଏକ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ପ୍ରଦାନ କରିଛନ୍ତି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବିଶ୍ରା ଥାନା ଅଞ୍ଚଳରେ ବୁଧବାର ଭୋର ପ୍ରାୟ ୩ଟାରେ ଉଭୟ ଅଭିଯୁକ୍ତ ଲାଖୁଆ ଏବଂ ତାଙ୍କ ଜଣେ ସହଯୋଗୀ ସ୍କର୍ପିଓରେ ବୁଲୁଥିବା ସୂଚନା ମିଳିଥିଲା। ସେମାନଙ୍କୁ ଗିରଫ କରିବା ପାଇଁ ବିଶ୍ରା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ଓ ଅନ୍ୟମାନଙ୍କୁ କୁହାଯାଇଥିଲା। ତୁଲସୀକାନି ପଞ୍ଚାୟତସ୍ଥିତ ପ୍ରସିଦ୍ଧ ଜଳପ୍ରପାତ ଅକ୍ଷୟଶୀଳା ନିକଟରେ ଅଭିଯୁକ୍ତଙ୍କ ସ୍କର୍ପିଓ ଗାଡ଼ିର ପିଛା କରାଯାଇଥିଲା। ସେମାନଙ୍କ ଗାଡ଼ିକୁ ଅଟକାଇ ଉଭୟଙ୍କୁ ଆତ୍ମସମର୍ପଣ କରିବାକୁ କୁହାଯାଇଥିଲା। ହେଲେ ଏହା ନ ଶୁଣି ଲାଖୁଆ ପୋଲିସ ଉପରକୁ ଗୁଳିଚାଳନା କରି ଫେରାର ହେବାକୁ ଉଦ୍ୟମ କରିଥିଲେ। ଏହାର ଜବାବରେ ପୋଲିସ ପକ୍ଷରୁ ୪ରାଉଣ୍ଡ ଗୁଳି ବିନିମୟ କରାଯାଇଥିଲା। ଫଳରେ ଲାଖୁଆଙ୍କ ଡାହାଣ ଗୋଡ଼ରେ ଗୁଳିମାଡ଼ ହୋଇଥିଲା। ଲାଖୁଆଙ୍କ ବିରୋଧରେ ବିଶ୍ରା, ଆନନ୍ଦପୁର, ମନୋହରପୁର ଆଦି ଥାନା ଅଞ୍ଚଳରେ ଡକାୟତି, ଦାଦାବଟି, ହତ୍ୟା, ଅବୈଧ ଅସ୍ତ୍ରଶସ୍ତ୍ର ବହନ କରିବା ଭଳି ୪ଟି ମାମଲା ରୁଜୁ ରହିଛି। ସେହିପରି ତାଙ୍କ ସହଯୋଗୀଙ୍କ ବିରୋଧରେ ବିଶ୍ରା ଓ ଆନନ୍ଦପୁର ଆଦିରେ ଏକାଧିକ ଆପରାଧୀକ ମାମଲା ରହିଛି। ଏପରି କି ଲାଖୁଆ ଏବଂ ତାଙ୍କ ସହଯୋଗୀଙ୍କ ବିରୋଧରେ ରାଉରକେଲା ଜେଏମ୍‌ଏଫ୍‌ସି କୋର୍ଟରେ ଏକ ମାମଲାରେ ପଳାତକ ନୋଟିସ ମଧ୍ୟ ଜାରି ହୋଇଛି। ପୋଲିସ ଲାଖୁଆଙ୍କ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା କରୁଥିବାରୁ ତାଙ୍କ ନାମ କରି ନାହିଁ ସୂଚନାଯୋଗ୍ୟ, ଲାଖୁଆ ଜଣେ ସାର୍ପସୁଟର ବୋଲି ଆଲୋଚନା ହେଉଛି। କିଛିଦିନ ପୂର୍ବେ ସେକ୍ଟର-୪ ଅଞ୍ଚଳରେ ସଙ୍ଗଠିତ ଜଣେ ଠିକାଦାରଙ୍କ ଉପରେ ଗୁଳିମାଡ଼ ଘଟଣାରେ ତାଙ୍କର ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ ପ୍ରମୁଖ ଉପସ୍ଥିତ ଥିଲେ।


ଆହତ ବି.ଏସ୍.ଲାଖୁଆ।

# ଜଳ ଯୋଗାଣ ସଂସ୍ଥାରେ କାମ କରୁଥିବା ଯୁବକଙ୍କୁ ହତ୍ୟା

- ଥାନାରେ ଏତଲା ଦେଲେ ପରିବାର ଲୋକେ
- ମୃତଦେହ ରଖି ରାସ୍ତାରୋକୋ

ରାଜକନିକା,୧୨।୩ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଗୋବିନ୍ଦପୁର ଗାଁରେ ଥିବା ଏକ ଜଳ ଯୋଗାଣ ସଂସ୍ଥାରେ ଅନୈତିକ କାର୍ଯ୍ୟ ହେଉଥିବା ପୁଅ ଜାଣିଥିବାରୁ ତାଙ୍କୁ ଗାଡ଼ି ମଡ଼ାଇ ହତ୍ୟା କରାଯାଇଛି। ଏନେଇ ମୃତକ ଶ୍ରୀକାନ୍ତ ରାଉତ(୨୫)ଙ୍କ ବାପା ରବିନାରାୟଣ ରାଉତ ବୁଧବାର ଥାନାରେ ଉକ୍ତ ସଂସ୍ଥାର ମାଲିକଙ୍କ ନାମରେ ଅଭିଯୋଗ ଆଣିଛନ୍ତି। ଏଥିସହ ନ୍ୟାୟ ଦାବିରେ ବୁଧବାର ରାତିରେ କାଟଣା-ଆୟତନ ରାସ୍ତାର ଖଣ୍ଡେଇତା-ପାଣ୍ଡରୁକୋଲି ଛକରେ ମୃତଦେହକୁ ରଖି ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି। ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ପୋଲିସ ସ୍ଥିତି ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛି। ଖବର ଲେଖାହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଥିଲା।

ଅଭିଯୋଗ ଅନୁଯାୟୀ, ଶ୍ରୀକାନ୍ତ ଗୋବିନ୍ଦପୁର ଗାଁରେ ଥିବା ଏକ ଜଳ ଯୋଗାଣ ସଂସ୍ଥାରେ ପ୍ରାୟ ୧ ବର୍ଷ ହେବ କାମ କରୁଥିଲେ। ଗତ ୧୦ ତାରିଖ ରାତି ପ୍ରାୟ ୮ଟା ୩୦ମିନିଟରେ ପୁଅ ଦୁର୍ଘଟଣାଗ୍ରସ୍ତ ହୋଇଛି। ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ବୋଲି ପରିବାର ଲୋକେ ଖବର ପାଇଥିଲେ। ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବାବେଳକୁ ଶ୍ରୀକାନ୍ତଙ୍କୁ କଟକ ସ୍ଥାନାନ୍ତର ହେଉଥିବା ଦେଖିବାକୁ ପାଇଥିଲେ। କଟକ ବଡ଼ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ରାତିରେ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିଲା। ତେବେ ସଂସ୍ଥାର ମାଲିକ ପାଣ୍ଡରକୋଲି ଗାଁର ପ୍ରଦୀପ କୁମାର ନାୟକ ଓ ପ୍ରଭାତ କୁମାର ନାୟକ ଘଟଣା ରାତିରେ ଶ୍ରୀକାନ୍ତଙ୍କୁ ଘରେ ଛାଡ଼ିଦେବା ବାହାନାରେ ଗାଡ଼ିରେ ବସାଇ ଆଣିଥିଲେ। ରାଜକନିକା ସରକାରୀ ବାଳିକା ବିଦ୍ୟାଳୟ ନିକଟରେ ପୁଅକୁ ଗାଡ଼ିରୁ ଠେଲିଦେଇ ତା' ଉପରେ ଗାଡ଼ି ମଡ଼ାଇ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ରାସ୍ତାରୋକୋ ଖବରପାଇ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲା। ଏତଲା ଆଧାରରେ ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସଞ୍ଜୟ କୁମାର ମଲିକ କହିଛନ୍ତି।


ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

## ବାପା, ଜେଜେମା' ହତ୍ୟାକାରୀ

**ଦ୍ୱିତୀୟ ବିବାହ ପାଇଁ ୨ ନାବାଳକଙ୍କୁ ହତ୍ୟା ଘଟଣା**

ନୟାଗଡ଼,୧୨।୩ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଫତେଗଡ଼ ଥାନା ଧାନଚେଙ୍ଗେଡ଼ା ଗାଁରେ ୨ ନାବାଳକ ଭାଇଙ୍କୁ ବାପା ଓ ଜେଜେମା' ହତ୍ୟା କରିଥିବା ତଦନ୍ତ ବେଳେ ଜଣାପଡ଼ିଥିବା ପୋଲିସ କହିଛି। ବାପା ହତ୍ୟା କରିଥିବାବେଳେ ଜେଜେମା' ଏଥିରେ ସହଯୋଗ କରିଥିଲେ। ହତ୍ୟା ଘଟଣାକୁ ଆତ୍ମହତ୍ୟା ରୂପ ଦେବା ପାଇଁ ବାପା ଓ ଜେଜେମା'ଙ୍କ ଉଦ୍ୟମ ବିଫଳ ହୋଇଛି ଉଭୟ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

ଗତ ସୋମବାର ସକାଳେ ୨ ମୃତଦେହ ଧାନଚେଙ୍ଗେଡା ଗାଁ ପ୍ରକାଶ ମହାନ୍ତିଙ୍କ ଘରର ଶିଡି ରେଲିଂରେ ଝୁଲୁଥିଲା। ପଡ଼ୋଶୀ ଦମ୍ପତି ଉକ୍ତ ନାବାଳକ ଆକାଶ ମହାନ୍ତି(୧୪) ଓ ତାଙ୍କ ସାନଭାଇ ଆଦିତ୍ୟ(୯)ଙ୍କ ମୃତଦେହକୁ ଶିଡି ରେଲିଂରୁ ବାହାର କରି ଡାକ୍ତରଖାନା ପଠାଇବାର ବ୍ୟବସ୍ଥା କରିଥିଲେ। ୨ ପୁଅଙ୍କୁ ହତ୍ୟା କରାଯିବା ନେଇ ଅଜା ଘର ପକ୍ଷରୁ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୬୧/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

# ଭିଜିଲାନ୍ସ ଜାଲରେ ଫରେଷ୍ଟର, ହାତୀ ସ୍କ୍ୱାଡ୍

ପରଜଙ୍ଗ, ୧୨।୩ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ମହାବିରୋଡ଼ ରେଞ୍ଜ୍ ଡିହଡୋଳ ଫରେଷ୍ଟ ସେକ୍ସନର ଫରେଷ୍ଟର ବିଶ୍ୱନାଥ ସୋରେନ ଓ ଟଙ୍କା ଦେବାନେବାରେ ମଧ୍ୟସ୍ଥ ସାଜିଥିବା ଉକ୍ତ ସେକ୍ସନର ହାତୀ ସ୍କ୍ୱାଡ୍ ବାରିହାପୁର ଗ୍ରାମର ସନ୍ଦୀପ ସାହୁଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ମହାବିରୋଡ଼ ରେଞ୍ଜ୍ କୁରୁଡିଆ ଗାଁର ଜେସିବି ମାଲିକ ବଳରାମ ସାହୁଙ୍କଠାରୁ ବକେୟା ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ଗିରଫ କରିଛି। ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ଆମ୍ବପଳାସ ଗାଁ ବରକଟାଠାରେ ଜଙ୍ଗଲ ଜମିରେ ଏକ ପୋଖରୀ ଖୋଳାକୁ କେନ୍ଦ୍ରକରି ୫୦ ହଜାର ଟଙ୍କା ଦାବି କରିଥିଲେ ଫରେଷ୍ଟର। ୨୫ ହଜାର ଟଙ୍କାରେ ଡିଲ୍ ଫାଇନାଲ ହୋଇଥିଲା। ମଙ୍ଗଳବାର ବଳରାମ ଫରେଷ୍ଟର ବିଶ୍ୱନାଥ ସୋରେନଙ୍କୁ ୧୫ ହଜାର ଟଙ୍କା ଦେଇଥିଲେ। ବୁଧବାର ବକେୟା ୧୦ ହଜାର ଟଙ୍କା ହାତୀ ସ୍କ୍ୱାଡ୍ ଜରିଆରେ ଫରେଷ୍ଟର ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ମାଡ଼ି ବସିଥିଲେ। ଡିହଡୋଳ ବନପାଳ କାର୍ଯ୍ୟାଳୟର ବିଶ୍ୱନାଥ ସୋରେନଙ୍କ ପୈତୃକ ବାସଭବନ ବାଟଗାଁସ୍ଥିତ ତାରଣୀପଶି, ଭଡ଼ାଘର ଜିରଡ଼ାମାଳି, ହାତୀ ସ୍କ୍ୱାଡ୍ ସନ୍ଦୀପ ସାହୁଙ୍କ ବାରିହାପୁର ଗ୍ରାମରେ ଥିବା ପୈତୃକ ବାସଭବନରେ ଭିଜିଲାନ୍ସ ବିଭାଗ ଚଢ଼ାଉ ଜାରି ରଖିଛି। ଅନୁଗୋଳ ଓ କଟକ ଦୁର୍ନୀତି ନିବାରଣ ଶାଖା ପକ୍ଷରୁ ମିଳିତ ଚଢ଼ାଉ ହୋଇଥିଲା। ରେଡ୍‌ରେ କଟକ ଦୁର୍ନୀତି ନିବାରଣ ଶାଖାର ଡିଏସ୍‌ପି ବଳରାମ ସାଗର, ଅନୁଗୋଳ ଦୁର୍ନୀତି ନିବାରଣ ଶାଖାର ଡିଏସ୍‌ପି ବିନୋଦ କୁମାର ସାମଲ, ଇନ୍ସପେକ୍ଟର ସରୋଜ କୁମାର ସେଠୀଙ୍କ ସମେତ ଅନ୍ୟ ଅଧିକାରୀ ଏହି ଚଢ଼ାଉ କରିଥିଲେ।


ବିଶ୍ୱନାଥ ସୋରେନ୍ ଓ ସନ୍ଦୀପ ସାହୁ।

## ଜମି ବିକ୍ରି ନାଁରେ ୯୧ ଲକ୍ଷ ଟଙ୍କା ଠକେଇ, ୨ ଭାଇ ଗିରଫ

ଭୁବନେଶ୍ୱର,୧୨।୩ (ସୂର୍ଯ୍ୟକାନ୍ତ ବେହେରା)

ଗାଡ଼କଣ ମୌଜାରେ ପୂର୍ବରୁ ବିକ୍ରି ହୋଇସାରିଥିବା ଜମିକୁ ଜାଲିଆତି କରି ପୁନର୍ବାର ଜଣେ ବ୍ୟକ୍ତିଙ୍କୁ ମିଥ୍ୟା କହି ବିକ୍ରି କରିବା ଅଭିଯୋଗରେ ଦୁଇ ଭାଇ ଗିରଫ ହୋଇଛନ୍ତି। ୯୧ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ମଞ୍ଚେଶ୍ୱର ପୋଲିସ ରଙ୍ଗମାଟିଆ ତଳସାହିର କୃଷ୍ଣ ଚନ୍ଦ୍ର ବେହେରା ଓ ରମେଶ ଚନ୍ଦ୍ର ବେହେରାଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକାମିର ଶିକାର ହୋଇଥିବା ସୁକାନ୍ତ ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ଏହି ପଦକ୍ଷେପ ଗ୍ରହଣ କରିଛି। ଏହି ମାମଲାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବାବେଳେ ସେମାନେ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି।

# ଅବକାରୀ ଟିମ୍‌କୁ ମାଡ଼, ଗାଡ଼ି ଭଙ୍ଗାରୁଜା

**୫ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ**

କବିସୂର୍ଯ୍ୟନଗର/ଛତ୍ରପୁର, ୧୨।୩ (କୃପାସିନ୍ଧୁ ସ୍ୱାଇଁ/ଦିଲ୍ଲିପ ସାମଲ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଆଠଗଡ ପାଟଣା ଗ୍ରାମରେ ଅବକାରୀ ବିଭାଗ କର୍ମଚାରୀଙ୍କୁ ବୁଧବାର ଚୋରା ମଦ ବ୍ୟବସାୟୀ ଆକ୍ରମଣ କରିଛନ୍ତି। ସେମାନେ ଆସିଥିବା ଗାଡିକୁ ଭଙ୍ଗାରୁଜା କରିଛନ୍ତି। ଆକ୍ରମଣରେ କର୍ମଚାରୀ ପବିତ୍ର ସାହୁ, ସ୍ୱାଧୀନ ସାହୁ, ଜନ୍ମେଞ୍ଜୟ ଦାସଙ୍କ ସମେତ ୫ଜଣ କର୍ମଚାରୀ ଆହତ ହୋଇଛନ୍ତି।

ଖବରରୁ ଜଣାପଡିଛି, ଆଠଗଡ ପାଟଣା ଗ୍ରାମରେ ବେଆଇନ ମଦ ବ୍ୟବସାୟ ଚାଲିଥିବା ଖବରପାଇ ଛତ୍ରପୁରର ଅବକାରୀ ବିଭାଗର ଏକ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅବକାରୀ ଟିମ୍‌କୁ ବିରୋଧ କରି କାଠଫାଳିଆ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ସେମାନେ ଆସିଥିବା ଗାଡିର ପଛପଟ କାଚ ବାଡେଇ ଭାଙ୍ଗି ଦେଇଥିଲେ। ଏନେଇ ଏସ୍‌ଆଇ ସୂର୍ଯ୍ୟ ନାରାୟଣ ରଥ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଛନ୍ତି। ଏତଲାରେ ମଣ୍ଟୁ ମହାନ୍ତି ଏବଂ ଅନ୍ୟମାନଙ୍କ ନାମରେ ରହିଛି। ସେମାନଙ୍କ ନାମରେ ନଂ. ୧୯୯/୨୫ରେ ମାମଲା ରୁଜୁ ହୋଇଛି। ଏହାକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣା ସ୍ଥଳରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।


ଆକ୍ରମଣର ଶିକାର ହୋଇଥିବା ଅବକାରୀ କର୍ମଚାରୀ।



ସମସ୍ତ ପ୍ରକାର କାର୍ଯ୍ୟକୁ ଭଲ ଭାବେ ସଂପନ୍ନ କରିବାକୁ ଇଚ୍ଛା କର। ଉନ୍ନତି କରିବାକୁ ପ୍ରୟାସ କର। ଜୀବନରେ ସାଧାରଣ ମଣିଷଠାରୁ କିଛିଟା ଅଧିକ ଭଲ ହେବାକୁ ଆକାଂକ୍ଷା କର। -ଶ୍ରୀମା

-ବରାହ ଦୋଳ, ରାଜାଗ୍ନି ଓ ଓଲକଣା ମେଳନ



# ଦୁଇଟି ବିବାହର କଥା



ଦେବଦତ୍ତ ପଟ୍ଟନାୟକ

ଭାରତରେ ଆମେ ଦୁଇ ପ୍ରକାର ବିବାହ ଦେଖିବାକୁ ପାଉ। ଗୋଟିଏ ବହୁ ଆଡ଼ମ୍ବରରେ ଓ ଅଧିକ ଖର୍ଚ୍ଚରେ କରାଯାଉଥିବାବେଳେ ଅନ୍ୟଟି ସରଳରେ ହୋଇଥାଏ। ବ୍ୟୟବହୁଳ ବିବାହ ବିଶେଷକରି ଶୈବ କିମ୍ବା ବୈଷ୍ଣବ ପନ୍ଥୀ ପରିବାରଗୁଡ଼ିକରେ କରାଯାଉଥିବା ଦେଖାଯାଏ। ଅନ୍ୟପକ୍ଷରେ ସରଳ ବିବାହ ମୁଖ୍ୟତଃ ବୌଦ୍ଧ କିମ୍ବା ଜୈନ ସନ୍ନ୍ୟାସୀଙ୍କ ପଥ ଅନୁସରଣ କରୁଥିବା ଲୋକମାନେ ହିଁ କରିଥାନ୍ତି। ବ୍ୟୟବହୁଳ ତଥା ଭବ୍ୟ ବିବାହ ଆକର୍ଷଣୀୟ ହୋଇଥାଏ। ଏଥିରେ ଶୋଭାଯାତ୍ରା ଓ ପାର୍ଟିର ଆୟୋଜନ କରାଯାଏ। ତାହାପୁଣି ଅନେକ ମାସ ଧରି ଚାଲେ। ସେଥିରେ ନୂଆକରି ସାମ୍ନାକୁ ଆସିଥିବା କିଛି ରୀତିନୀତିକୁ ସାମିଲ କରାଯାଏ। ଏହା ବ୍ୟତୀତ ଏଥିରେ ସେଲିବ୍ରିଟି, ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର, ହଲିଉଡ୍ ଷ୍ଟାର, ପ୍ରତିଷ୍ଠିତ ଖେଳାଳି, ପ୍ରଖ୍ୟାତ ସଙ୍ଗୀତଜ୍ଞ ତଥା ଡ୍ୟାନ୍ସରମାନେ ଯୋଗଦିଅନ୍ତି। ଏହାସହ ଏଭଳି ବିବାହରେ ଅନ୍ତର୍ଜାତୀୟ ପ୍ରତିଷ୍ଠିତ ବ୍ୟବସାୟୀ ଓ ଶକ୍ତିଶାଳୀ ନେତା ଏପରିକି ଆଧ୍ୟାତ୍ମିକ ଗୁରୁମାନେ ଆକର୍ଷଣର କେନ୍ଦ୍ର ପାଲଟିଥାନ୍ତି। ବ୍ୟୟବହୁଳ ବିବାହରେ ପରିବାର ସହ ବନ୍ଧୁ ଓ କର୍ମଚାରୀମାନେ ସମସ୍ତେ ରତ୍ନଖଚିତ ପୋଷାକ ପିନ୍ଧନ୍ତି। ଏମିତିକି ବିବାହରେ ପୁରୁଣା କାର୍, ରଥ, ବିଦେଶୀ ପୋଷାଜୀବ, ପ୍ରାଇଭେଟ୍ ଜେଟ୍ ଦେଖିବାକୁ ମିଳେ। ଏମିତିକା ଭବ୍ୟ ବିବାହର ଉଦ୍ଦେଶ୍ୟ ହେଉଛି ନିଜର ଧନ ଓ ସ୍ଥିତିକୁ ବାହାରକୁ ଦେଖାଇବା ଏବଂ ଅନ୍ୟମାନଙ୍କୁ ନ୍ୟୁନ ମନେକରିବା। ଏଭଳି ବିବାହ ବିଶ୍ୱର ଦୃଷ୍ଟି ଆକର୍ଷଣ କରେ ଏବଂ ଭାରତ ଚମକୁଛି ବୋଲି ସେମାନେ ସ୍ୱୀକାର କରିବାକୁ ବାଧ ହୋଇଥାନ୍ତି।

ବ୍ୟୟବହୁଳ ବିବାହ କରୁଥିବା ଧନୀବ୍ୟକ୍ତିଙ୍କ ସହ ପାଖାପାଖି ସମାନ ଧନଶାଳୀମାନେ ଅନେକ ସମୟରେ ସେମାନଙ୍କ ପରିବାର ଓ ବନ୍ଧୁଙ୍କ ଗହଣରେ ବିବାହକୁ ଅପେକ୍ଷାକୃତ ସରଳରେ, ଶାନ୍ତ, ସୁରୁଚିପୂର୍ଣ୍ଣ ତଥା ଆତ୍ମୀୟତାର ସହ କରିଥାନ୍ତି। କିନ୍ତୁ ଏହି ବିବାହରେ ବଡ଼ଭୋଜିରେ ଅତ୍ୟଧିକ ବ୍ୟୟ କରାଯାଇଥାଏ। ଏହାସହ ଧର୍ମୀୟ କାର୍ଯ୍ୟକ୍ରମ ଆୟୋଜନକରି ବହୁତ ଲୋକଙ୍କୁ ମଧ ଖାଇବାକୁ ଦିଆଯାଏ। ଏଭଳି ବିବାହ ସରଳରେ ହେଲେ ମଧ ଏହା ପଛରେ ଉଦ୍ଦେଶ୍ୟ ରହିଛି। ଉଦାରତା ପ୍ରଦର୍ଶନ କରିବା ସକାଶେ କରାଯାଉଥିବା ଅଧିକ ବ୍ୟୟ ସମାଜରେ ଜଣଙ୍କର ବିଶେଷ ସ୍ଥିତିକୁ ଜଣାଇବାକୁ କରାଯାଇଥାଏ। ବଦାନ୍ୟତା ପ୍ରଦର୍ଶନ



ପାଇଁ କରାଯାଉଥିବା ଏଭଳି ବିବାହ ପଛର ଉଦ୍ଦେଶ୍ୟ ହେଉଛି ସେମାନଙ୍କ ପିଲାମାନଙ୍କ ଭବିଷ୍ୟତ ପାଇଁ ଦୟାଭାବ ହାସଲ କରିବା। ବିବାହରେ ଧନ ଦାନଦେବା ହେଉଛି କେବଳ ଧନର ପୁନଃବଣ୍ଟନ ପଦ୍ଧତି। ଭାରତୀୟମାନେ କର୍ମରେ ବିଶ୍ୱାସ କରନ୍ତି। ସେମାନେ ଭୌତିକ କର୍ମର ଆଧ୍ୟାତ୍ମିକ ଫଳ ଉପରେ ମଧ ବିଶ୍ୱାସ ରଖନ୍ତି। କିନ୍ତୁ ମନେରଖିବାକୁ ହେବ ଯେ, ବିବାହରେ ବିପୁଳ ଅର୍ଥ ନଷ୍ଟକରିବା ଏକପ୍ରକାର କ୍ଷତିକାରକ କର୍ମ। ଏଣୁ ଏହା ପାପ। ଏହି ପାପରୁ ମୁକ୍ତି ପାଇଁ ଅନ୍ୟମାନଙ୍କୁ ଖାଇବାକୁ ଦେବାକୁ ହେବ। ଅନ୍ୟମାନଙ୍କ ପାଇଁ ଖର୍ଚ୍ଚ କରିବାକୁ ହୁଏ ଓ ଅନ୍ୟମାନଙ୍କୁ ଦାନ ଦେଇ ପୁଣ୍ୟ ଅର୍ଜନ କରିବାକୁ ପଡ଼େ।

ଭାରତୀୟ ପୁରାଣରେ ସ୍ୱର୍ଗ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅବଧାରଣା। ଏହା ହେଉଛି ସବୁଠୁ ଆକର୍ଷଣୀୟ ଓ ବିଳାସମୟ ସ୍ଥାନ। ଏଠାରେ ଅପ୍‌ସରାମାନେ ନୃତ୍ୟ କରନ୍ତି, ଗନ୍ଧର୍ବମାନେ ଗାଆନ୍ତି ଏବଂ ସୁରାର ବନ୍ୟା ସୃଷ୍ଟିହୁଏ। ଏହି ସ୍ୱର୍ଗ ହେଉଛି ଇନ୍ଦ୍ରସଭା ଓ ଏଭଳି ଉଚ୍ଚତମ ଭୌତିକ ସ୍ଥିତିକୁ ମଧ ଜଣେ ପାଇପାରିବ। ଋଗ୍‌ବେଦରେ ଇନ୍ଦ୍ରଙ୍କର ପ୍ରଶଂସା କରାଯାଇଛି, ଯିଏ କି ହିଂସା ଓ ଯୁଦ୍ଧ ଦ୍ୱାରା ଏହି ମହତ୍ତ୍ୱପୂର୍ଣ୍ଣ ସ୍ଥିତି ହାସଲ କରିଛନ୍ତି। ହେଲେ ଏବକାର ବିଶ୍ୱର ଧନୀମାନେ ଧନ କେବଳ ନୂତନତ୍ୱ ଓ ଉଦ୍ୟୋଗ ଦ୍ୱାରା ପାଇନାହାନ୍ତି, ବରଂ ଶାସକଙ୍କ ସହଯୋଗରୁ ତାହା ହାସଲ କରିଛନ୍ତି। ଶାସକମାନେ ସେମାନଙ୍କ ଔପଚାରିକ ଭାବେ ଜମି, ପାଣି, ବନ୍ଦର, ବିମାନବନ୍ଦର, ପ୍ରସାରଣ କ୍ଷେତ୍ର, ବ୍ୟାଙ୍କିଙ୍ଗ୍, ଇଣ୍ଟରନେଟ୍, ଭିତ୍ତିଭୂମି ଭଳି ସଂସାଧନକୁ ଲୁଟ୍ କରିବାକୁ ଅନୁମତି ଦେଇଛନ୍ତି। ଏହିଭଳି ଭାବେ ଅର୍ଥବ୍ୟବସ୍ଥା ଗଢିଉଠିଛି ଓ ନିର୍ବାଚନପାଣ୍ଠିଯୋଗାଡ଼କରାଯାଉଛି। ଆଶ୍ଚର୍ଯ୍ୟର କଥା ଯେ, ଭାରତର ପଶ୍ଚିମଭାଗ ତୁଳନାରେ ପୂର୍ବଭାଗରେ ଅଧିକ ଅତି ଧନୀ ରହିଛନ୍ତି।

କେହି ଇନ୍ଦ୍ରଙ୍କୁ ପୂଜା କରନ୍ତି ନାହିଁ। ବୌଦ୍ଧକଳାରେ ବୁଦ୍ଧଙ୍କ ସମ୍ମୁଖରେ ସ୍ୱର୍ଗର ଅଧିପତି ମୁଣ୍ଡ ନୁଆଁଇଥିବା ଦେଖାଯାଏ। ଏଥିରୁ ଅନୁଭବ କରାଯାଏ, କାମନା ହିଁ ଦୁଃଖର କାରଣ। ଜୈନ ଇତିହାସରେ ବର୍ଣ୍ଣନା ରହିଛି ଯେ, ନେମି ବିବାହ କରିବାକୁ ମନା କରିଦେଇଥିଲେ। ସେ ଏକ ବିବାହ ଭୋଜି ପାଇଁ ହତ୍ୟା କରାଯାଉଥିବା ପ୍ରାଣୀଙ୍କ ଆକୁଳ କ୍ରନ୍ଦନ ଶୁଣିବା ପରେ ସନ୍ନ୍ୟାସୀ ହୋଇ ଯାଇଥିଲେ। ଏହା ବ୍ୟତୀତ ଋଷଭ ଦେବଙ୍କ କାହାଣୀ ମଧ ରହିଛି। ଥରେ ଋଷଭ ଦେବ ସ୍ୱର୍ଗର ନିମନ୍ତ୍ରଣ ପାଇ ସେଠାକୁ ଯାଇଥିଲେ। ସେଠାରେ ସେ ଅପ୍‌ସରା ନିରଞ୍ଜନାଙ୍କୁ ମୃତ ଅବସ୍ଥାରେ ଦେଖିବାକୁ ପାଇଥିଲେ ଏବଂ ଇନ୍ଦ୍ର ଅଲୌକିକ ଶକ୍ତି ପ୍ରୟୋଗକରି ତାଙ୍କ ମୃତଦେହ ସ୍ଥାନରେ ଏକ ଅବିକଳ ମୂର୍ତ୍ତି ସୃଷ୍ଟି କରିଥିଲେ। ଏହା ଦେଖି ଋଷଭ ଅନୁଭବ କରିଥିଲେ ଯେ, ସ୍ୱର୍ଗରେ ବି ମୃତ୍ୟୁ ହୁଏ। କିଛି ସ୍ଥାୟୀ ନୁହେଁ, କେହି ବି ଚିରଦିନ ବଞ୍ଚନ୍ତିନି। ଏପରିକି ଯେଉଁମାନଙ୍କର ସବୁକିଛି ଅଛି ସେମାନେ ମଧ ଅମର ନୁହନ୍ତି। ଏଣୁ ମାନବଜାତିକୁ କୌଶଳ, କଳା ଓ ହସ୍ତକଳାର ଶିକ୍ଷା ଦେଇ ଋଷଭ ଦେବ କାନକୁ ଜୟ କରିବାକୁ ସଂଘର୍ଷ କରୁଥିବା ସନ୍ନ୍ୟାସୀମାନଙ୍କ ଦିବ୍ୟପଥରେ ଯାତ୍ରୀ ହେବାକୁ ନିଷ୍ପତ୍ତି ନେଇଥିଲେ। ଦେଖିବାକୁ ଗଲେ ବୈଦିକ ଯୁଗରେ ଗୃହସ୍ଥ ଭୌତିକ ବା ସାଂସାରିକ ଜଗତର ସୁଖରୁ ଦୂରେଇ ରହି ନ ଥିଲେ। ଶକ୍ତିଙ୍କ ଦ୍ୱାରା ଶିବ ପରିଚାଳିତ ହେବା ଏବଂ ଲକ୍ଷ୍ମୀଙ୍କ ପ୍ରତି ଅଧିକ ଧ୍ୟାନ ଦେଉଥିବା ବିଷ୍ଣୁଙ୍କ ଭଳି ଇନ୍ଦ୍ର ବିଷୟାସକ୍ତ ଥିଲେ। ଜଣେ ଗୃହସ୍ଥ ଅର୍ଜନ କରିଥିବା ଧନସମ୍ପତ୍ତିରୁ ବଳକା ଅନ୍ୟମାନଙ୍କୁ ଉଧାର ଦେବା ଓ ସେମାନଙ୍କ ପାଇଁ ଖର୍ଚ୍ଚ କରିବା ଉପରେ ବିଶ୍ୱାସ ରହିଥିଲା ଏବଂ ତାହା ଅନ୍ୟମାନଙ୍କୁ ସେଭଳି କରିବା ଲାଗି ଉତ୍ସାହିତ କରିଆସୁଛି।

ଭାରତରେ ଗରିବ ପରିବାରଗୁଡ଼ିକ ବିବାହ ଓ ଯୌତୁକରେ ଅଧିକ ଖର୍ଚ୍ଚକରି ଋଣଗ୍ରସ୍ତ ହୋଇ ଦେବାଳିଆ ହୋଇଯାଉଛନ୍ତି। ସେମାନଙ୍କ ସମ୍ପର୍କୀୟ, ପଡ଼ୋଶୀ ଓ ପ୍ରତିପକ୍ଷମାନେ କରିଥିବା ବିବାହ ତୁଳନାରେ ଅଧିକ ଭଲ କରିବାକୁ ସେମାନେ ଏଭଳି ବିବାହ ଆୟୋଜନ କରିଥାନ୍ତି। ଏହି ସାମାଜିକ ପ୍ରତିଦ୍ୱନ୍ଦ୍ୱିତା ହିଁ ଋଣର ମୁଖ୍ୟ କାରଣ ଏବଂ ଏହା ପରିବାକୁ କ୍ଷତି ପହଞ୍ଚାଇଥାଏ। ବିବାହ ଜୀବନ ସଂସ୍କାର ମହତ୍ତ୍ୱର ସୂଚକ ବୋଲି ଧନୀମାନେ ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି। କିନ୍ତୁ ଭବ୍ୟ ହେଉ କିମ୍ବା ସରଳ, କୌଣସି ବିବାହ ଉତ୍ସବ କୌଣସି ବୈବାହିକ ସମ୍ପର୍କର ଗୁଣବତ୍ତାର ମାନଦଣ୍ଡ ନୁହେଁ।

–devduttofficial@gmail.com

# କିଏ କାହାକୁ କହିବ



ଚିତ୍ତରଞ୍ଜନ ବେହେରା

ସମାଜର ସଂସ୍କାର ଭିତରେ ବଞ୍ଚିବା ପାଇଁ ମଣିଷ ଚେଷ୍ଟା କରୁଥିବା ବେଳେ କେତେକ କୁସଂସ୍କାର ପ୍ରବେଶ କରି ଜୀବନ ଅସ୍ତବ୍ୟସ୍ତ କରି ଦେଉଛି। ଶାନ୍ତି ଶୃଙ୍ଖଳାରେ ବଞ୍ଚିବା ପରିବର୍ତ୍ତେ ଆମେ ଝଗଡ଼ା ଓ ବିଭେଦ ସୃଷ୍ଟି କରିବାକୁ ଅଗ୍ରସର ହେଉଛୁ; ଯାହା ଗ୍ରହଣୀୟ ନୁହେଁ। କେବେ ଆମେ ଭାବି ନାହିଁ ଯେ ଏହାର ପ୍ରଭାବ ଭବିଷ୍ୟତ ପିଢ଼ି ଉପରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହୁଛି। ଆମ ଚାରିପାଖରେ ଘଟୁଥିବା ଘଟଣା ଓ ସରକାରଙ୍କ ଦ୍ୱାରା ନିଷ୍ପତ୍ତି ନିଆଯାଇଥିବା ବିଭିନ୍ନ ଯୋଜନାର ସୁପ୍ରଭାବ ଓ କୁପ୍ରଭାବ ସମାଜ ଉପରେ ପଡ଼ିଥାଏ। ନିଶାଦ୍ରବ୍ୟ ମଦ ଓ ଗୁଟ୍‌ଖା ଶରୀର ପାଇଁ କ୍ଷତିକାରକ। ବିଭିନ୍ନ ସମୟରେ ସରକାର ଓ ଅନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ମଧ ଏ ବିଷୟରେ ସଚେତନ କରିଥାନ୍ତି। ଏହା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପାଇଁ ଉପଯୁକ୍ତ କାର୍ଯ୍ୟ ହୋଇପାରେ କିନ୍ତୁ ସରକାରଙ୍କ ପାଇଁ ଉପଯୁକ୍ତ ବୋଲି ଭାବିବା ଭୁଲ୍, କାରଣ ସରକାର ଚାହିଁଲେ ଦେଶରୁ କିମ୍ବା ରାଜ୍ୟରୁ ସମ୍ପୂର୍ଣ୍ଣ ନିଶାଦ୍ରବ୍ୟ ଓ ମଦ ବନ୍ଦ କରିପାରିବେ କିନ୍ତୁ କରୁନାହାନ୍ତି। ଏପଟେ ମଦ ଦୋକାନ ଖୋଲିବା, ଗୁଟ୍‌ଖା ବିକିବା ଓ ସେପଟେ ସଚେତନ ପାଇଁ ପଇସା ଖର୍ଚ୍ଚ କରିବା ଠିକ ଲାଗୁନାହିଁ। ଗୁଟ୍‌ଖାକୁ ଭଲ ବୋଲି ଟେଲିଭିଜନରେ ପ୍ରସାରିତ ହୋଇଥାଏ; ଯାହା ହେବାକଥା ନୁହେଁ। ଯେଉଁ ବ୍ୟକ୍ତିମାନେ ଟେଲିଭିଜନକୁ ଦେଖି କିଛି ଶିଖିବା ପାଇଁ ଚାହୁଁଥିବେ ଏହି ବିଜ୍ଞାପନ ତାଙ୍କୁ ଖରାପ ରାସ୍ତାରେ ନେଇଯାଇପାରେ। କାରଣ ବଡ଼ ଅକ୍ଷରରେ ବିଜ୍ଞାପନ ଆଉ ଛୋଟ ଅକ୍ଷରରେ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ଲେଖା ଯାଇଥାଏ। ମଦ ଦୋକାନ ଆଗରେ ସ୍ୱାସ୍ଥ୍ୟ ପାଇଁ ହାନିକାରକ ଲେଖିବା ଓ ସମ୍ପୂର୍ଣ୍ଣ ମଦ ବନ୍ଦ କରିବା ଭିତରୁ କେଉଁଟି ଉପଯୁକ୍ତ ତାହା ସରକାରଙ୍କ ନିଷ୍ପତ୍ତି। ଜନତାଙ୍କ ଦ୍ୱାରା ସରକାର ଗଠନ ହୋଇଥିଲେ ସରକାରଙ୍କ ଦ୍ୱାରା ହିଁ ଜନତା ପରିଚାଳିତ। ଏଣୁ ନିରୀହ ଜନତା କାହାକୁ କହିବେ?

ରାଜନୀତି କ୍ଷେତ୍ରରେ ଦେଖିବାକୁ ଗଲେ ଗଣତାନ୍ତ୍ରିକ ଦେଶରେ ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ନେତୃତ୍ୱ ନେଇଥାନ୍ତି । କିନ୍ତୁ ବର୍ତ୍ତମାନ ଲୋକମାନଙ୍କ ବିଷୟରେ ସଂସଦ, ବିଧାନସଭାରେ ଆଲୋଚନା କରିବା ବଦଳରେ ଦଳୀୟ ନିଷ୍ପତ୍ତି ଆଧାରରେ ଅଧିକ ଆଲୋଚନା କରାଯାଉଛି। କିଛି କ୍ଷେତ୍ରରେ ମହିଳା ପ୍ରାର୍ଥୀ ନାମକୁ ମାତ୍ର ନିର୍ବାଚିତ ପ୍ରତିନିଧି କିନ୍ତୁ ସବୁ କାମ ଗୋଟେ ପୁରୁଷ ଦ୍ୱାରା ହିଁ ହୋଇଥାଏ। ହେଇ ପାରେ ତାଙ୍କ ସାମୀ, ଭାଇ, ବାପା କିମ୍ବା ଜଣେ ଦଳୀୟ କର୍ମୀ। ଏହି କ୍ଷେତ୍ରରେ ଜନତା କ'ଣ କରିବେ?

ଆଜିର ସମାଜରେ ସମ୍ପର୍କ ମୂଲ୍ୟ ଅଧିକ ବୁଝିବା ପରିବର୍ତ୍ତେ ସମ୍ପର୍କର ମାନେ କିଛି ନାହିଁ କହିଲେ କିଛି ଭୁଲ୍ ହେବ ନାହିଁ। ପଇସା ପାଇଁ ଲୋକେ କିଛି ବି କରିବା ପାଇଁ ପ୍ରସ୍ତୁତ। ଧନ ରୋଜଗାର କରିବା ଖରାପ ନୁହେଁ କିନ୍ତୁ ଉପଯୁକ୍ତ କର୍ମ ଓ ଠିକ୍ ମାର୍ଗରେ ଉପାର୍ଜନ ଅତି ସୁନ୍ଦର କଥା। ଆଜିକାଲି ଦୁନିଆରେ ଘର କରିବା, ଭଲ ଦାମୀ ଗାଡ଼ି କିଣିବା, ସୁନା ପିନ୍ଧିବା, ବଡ଼ ସହରରେ ଜୀବନ ବିତେଇବା ଭଳି ଅନେକ ଆଶା ମନରେ ଆସିଥାଏ। ଏହି କାରଣରୁ ଅତି ଉଚ୍ଚ ଶିକ୍ଷିତ ପୁଅ ଝିଅମାନେ ବାହାରେ ରହିବା ପାଇଁ ଅଧିକ ପସନ୍ଦ କରିଥାନ୍ତି। ସମସ୍ତେ ଏହା ଭାବିବା ଆଗରୁ ମୁଁ ଜନ୍ମ ହେଲା ପରେ ମୋତେ ନେଇ ମୋ ବାପା ମା' କ'ଣ ସ୍ୱପ୍ନ ଦେଖିଛନ୍ତି ତାହା ବି ପୂରଣ କରିବା ଗୋଟେ ପୁଅ ତା' ଦାୟିତ୍ୱ ଓ କର୍ତ୍ତବ୍ୟ। ଆଜିକାଲି ଏହା ଦେଖିବାକୁ ମିଳୁନାହିଁ। ସମସ୍ତ ମାତା ପିତା ଚାହାନ୍ତି ମୋ ପୁଅ କିମ୍ବା ଝିଅ ଭଲ ପାଠ ପଢ଼ି ସମ୍ମାନର ସହ ଉଚ୍ଚ ସ୍ଥାନରେ ରହୁ ଏବଂ ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହୋଇ ମୋ ମୁଣ୍ଡ ଉପରକୁ କରୁ କିନ୍ତୁ ଠିକ୍ ସମୟରେ ସେଇ ପୁଅ ନିଜ ମାତାପିତାଙ୍କୁ ଘରେ କିମ୍ବା ଗାଁରେ ରଖି ଦେଇ ସହରକୁ ଯାଇ ନିଜ ମା'ବାପାଙ୍କ କଥା ମନେକରେ ନାହିଁ। ସବୁବେଳେ ନିଜ ପୁଅର ଖୁସି ମନାସୁଥିବା ମା' ବାପା କାହାକୁ ବା କ'ଣ କହିବେ?

ସମାଜରେ ବିଭିନ୍ନ ଲୋକଙ୍କ ବିଭିନ୍ନ ମତ ଅନୁସାରେ କାର୍ଯ୍ୟ ନିର୍ବାହ କରନ୍ତି। ସଚେତନ ବ୍ୟକ୍ତି ଯେତେବେଳେ ଜାତୀୟ ସମ୍ପତ୍ତି ଓ ଜାତୀୟ ଏକତା କଥା କହେ କିମ୍ବା କୌଣସି ଜାତୀୟ ସମ୍ପତ୍ତିକୁ ଠିକ୍ ଭାବରେ ଉପଯୋଗ କରିବା କଥା କହେ କିଛି ବ୍ୟକ୍ତି ବିରୋଧ କରନ୍ତି, ଯାହା ଫଳରେ ସଚେତନ ନାଗରିକଟି କିଛି ନ କହି ନୀରବ ରହିଥାଏ ଓ ମନେ ମନେ ଭାବୁଥାଏ କାହାକୁ କହିବି ? ଏମିତି ମଣିଷ ମନରେ ଅନେକ ପ୍ରଶ୍ନ ଆସିଥାଏ କିନ୍ତୁ ସମାଧାନ ପାଇଁ ରାସ୍ତା ମିଳେ ନାହିଁ।

ମୋ: ୯୪୩୮୭୧୦୩୮୭

## ଏଇ ଭାରତରେ

ନର୍ସ ଚାକିରି କରିବା ସହ ସାପ ଉଦ୍ଧାର କରୁଛନ୍ତି ଛତିଶଗଡ଼ର ଅଜିତା ପାଣ୍ଡେ। ସାପ ଉଦ୍ଧାର ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ଆଣିଦେଇଛି। ଗତ ୧୦ ବର୍ଷ ମଧ୍ୟରେ ସେ ଅନେକ ହଜାର ସାପ ଉଦ୍ଧାର କରିସାରିଲେଣି। ରାୟପୁରବାସୀ ଅଜିତା କୋଭିଡ୍ ସମୟରେ ଅନେକ ଲୋକଙ୍କ ଘରୁ ୯୮୪ ସାପ ଉଦ୍ଧାର କରିଥିଲେ। ୧୮ ବର୍ଷ ବୟସରୁ ଅଜିତା ସାପଧରିବା ଆରମ୍ଭ କରିଥିଲେ, ଯାହାକୁ ସେ ଏବେ ସୁଦ୍ଧା ଜାରି ରଖିଛନ୍ତି। ଲୋକଙ୍କଠାରୁ କଲ୍ ପାଇବା କ୍ଷଣି ସାପ ଧରିବା ଲାଗି ସେ ସେହି ସ୍ଥାନରେ ପହଞ୍ଚିଯାଉଛନ୍ତି। ସାପ ଧରିଲେ ସେ କାହାଠାରୁ ଅର୍ଥ ନିଅନ୍ତିନାହିଁ। ସାପଧରା ଏକ ବିପଜ୍ଜନକ କାର୍ଯ୍ୟ ହୋଇଥିବାରୁ ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗର ଅନୁମତି ଲୋଡ଼ିଥିଲେ ଓ ତାହା ମଧ ସେ ପାଇଛନ୍ତି। ଅଜିତା ଜଙ୍ଗଲ ବିଭାଗ ଅଧିକାରୀ, ପ୍ରାଣୀଙ୍କ ପାଇଁ କାମ କରୁଥିବା ଏନ୍‌ଜିଓ ସହ ଯୋଗାଯୋଗ ରକ୍ଷାକରି ବିଭିନ୍ନ ପ୍ରକାର ସାପଙ୍କ ଆଚରଣ ସମ୍ପର୍କରେ ଜାଣିବାକୁ ସକ୍ଷମ ହୋଇଛନ୍ତି। ଯାହାଫଳରେ ସେ ଏଯାବତ୍ କୌଣସି ବିପଦର ସମ୍ମୁଖୀନ ହୋଇନାହାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୩ ମାର୍ଚ୍ଚ ୧୯୭୬

- କେନ୍ଦ୍ର ଯୋଜନା ରାଷ୍ଟ୍ରମନ୍ତ୍ରୀ ଆଇ.କେ. ଗୁଜରାଲଙ୍କୁ ସୋଭିଏତ ୟୁନିୟନରେ ଭାରତର ରାଷ୍ଟ୍ରଦୂତ ରୂପେ ନିଯୁକ୍ତି ପ୍ରଦାନ।
- ଗୁଜରାଟ ବିଧାନସଭାରେ କଂଗ୍ରେସ ଦଳ ସଂଖ୍ୟାଗରିଷ୍ଠତା ଲାଭ କରିବା ସଙ୍ଗେ ସଙ୍ଗେ ରାଜ୍ୟରେ ଜନତା ସାମ୍ମୁଖ୍ୟ ସରକାରର ପତନ।
- ଲେବାନନରେ ସାମରିକ ବାହିନୀ ସେନାପତି ଜେନେରାଲ ଆହ ଧାବ ରାଷ୍ଟ୍ରପତିଙ୍କୁ କ୍ଷମତାରୁ ଓହରି ଯିବାଲାଗି ଦେଇଥିବା ଚରମପତ୍ରକୁ ରାଷ୍ଟ୍ରପତିଙ୍କ ପ୍ରତ୍ୟାଖ୍ୟାନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | 2 | | | |
| 5 | | | | | | 9 | 1 | |
| | 4 | | 7 | 6 | | | | |
| | 5 | | 9 | | | 7 | | |
| | | | 6 | | | | | |
| 2 | | 8 | | | | | 6 | 1 |
| | 3 | | | | 5 | | | |
| 6 | | | | | | 2 | 9 | |
| 4 | | | | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 4 | 3 | 8 | 1 | 7 | 2 | 5 |
| 1 | 8 | 5 | 2 | 6 | 7 | 3 | 9 | 4 |
| 2 | 3 | 7 | 5 | 4 | 9 | 1 | 6 | 8 |
| 9 | 5 | 8 | 1 | 3 | 2 | 6 | 4 | 7 |
| 7 | 1 | 2 | 6 | 5 | 4 | 8 | 3 | 9 |
| 3 | 4 | 6 | 9 | 7 | 8 | 5 | 1 | 2 |
| 5 | 7 | 1 | 4 | 2 | 6 | 9 | 8 | 3 |
| 4 | 6 | 3 | 8 | 9 | 5 | 2 | 7 | 1 |
| 8 | 2 | 9 | 7 | 1 | 3 | 4 | 5 | 6 |

ଗତକାଲିର ଉତ୍ତର

# ସାକ୍ଷରତା ଓ ସରକାରୀ ସ୍କୁଲ



ଅଞ୍ଜନ ଚାନ୍ଦ

ରାସ୍ତାରେ ଦୁଇଜଣ ଲୋକ ଯାଉଛନ୍ତି। ଜଣେ ସେ ଅଞ୍ଚଳକୁ ନୂଆ ଆସିଛନ୍ତି। ସାଥିରେ ଥିବା ଲୋକଙ୍କୁ ସେ ପଚାରିଲେ – ପାଚେରି ସେପଟେ ଏଇ ସୁନ୍ଦର ଘରଟି କ'ଣ ? ସାଥୀ କହିଲେ – ଏଇଟା ଗୋଟେ ସ୍କୁଲ। ନୂଆଲୋକ ପଚାରିଲେ – ଏଠାରେ ଏତେ ପାଚିରୁଣ୍ଡ କାହିଁକି ? ସାଥୀ କହିଲେ – ପାଚିରୁଣ୍ଡ ଏଠି ଦରକାର। ନ ହେଲେ କେମିତି ଜାଣିବେ ସ୍କୁଲଟା ହେଉଛି ସରକାରୀ ?

ଶିକ୍ଷାର ଉନ୍ନତି ପାଇଁ ଏବେ ସରକାର ବହୁତ କିଛି କରୁଛନ୍ତି। ବିଗତ ବର୍ଷମାନଙ୍କରେ କେତେ ଯୋଜନା ହୋଇଛି। ଯୋଜନାର ସଫଳତା ପାଇବାକୁ ଅନେକ ଉଦ୍ୟମ କରାଯାଇଛି। ତା'ପରେ ପୁଣି ତାକୁ ବଦଳାଇ ନୂଆ ଯୋଜନା, ନୂତନ ନୀତି ପ୍ରଣୟନ ହୋଇଛି। ଶିକ୍ଷା ଓ ପରୀକ୍ଷା ପଦ୍ଧତି ବାରମ୍ବାର ବଦଳୁଛି। ଏହା ବୋଧେ ପରୋକ୍ଷ ଭାବରେ ଦର୍ଶାଉଛି ଯେ ପୂର୍ବ ନୀତିନିୟମରେ କିଛି ତ୍ରୁଟି ରହିଛି। ୨୦୦୧-୦୨ଠାରୁ ଭାରତ ସରକାର ଦେଶରେ ସର୍ବଶିକ୍ଷା ଅଭିଯାନ ଆରମ୍ଭ କଲେ। ସବୁ ପିଲାଙ୍କୁ ବିଦ୍ୟାଳୟକୁ ଆଣିବା ପାଇଁ ବିଭିନ୍ନ ଯୋଜନା କରାଗଲା। ଦଣ୍ଡହୀନ ଅଞ୍ଚଳରେ ଅଣ୍ଡାଭାତ ଖାଇ ପିଲାମାନେ ଆନନ୍ଦରେ ବୁଲିଲେ। ପରୀକ୍ଷା ପାଇଁ ଡର ରହିଲାନାହିଁ। ଖାତାରେ କିଛି ନ ଲେଖିଲେ ବି ଶିକ୍ଷକ ସେମାନଙ୍କୁ ଫେଲ କରିପାରିବେନାହିଁ। ପ୍ରଥମଶ୍ରେଣୀରେ ଯିଏ ବି ପ୍ରବେଶ ନେବ ଆଠବର୍ଷ ପରେ ସେ ପ୍ରାଥମିକ ଶିକ୍ଷା ଶେଷ କରି ନବମ ଶ୍ରେଣୀରେ ପହଞ୍ଚିଯିବ। ପାଞ୍ଚବର୍ଷ ଭିତରେ ଏହି ଯୋଜନାର ସୁଫଳ ମିଳିବ ବୋଲି ଆଶା ଥିଲା। କିନ୍ତୁ ସର୍ବେକ୍ଷଣରୁ ଜଣାଗଲା ଛାତ୍ର ଉପସ୍ଥାନ କିଛି ବଢ଼ିଲେ ବି ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଇଛି। ସେଥିପାଇଁ ପୁଣି ନୂଆ ଯୋଜନା। ନୂଆ ଆୟୋଜନ। ନୂଆ ପ୍ରଶିକ୍ଷଣ। ପୁଣି ପାଞ୍ଚ ବର୍ଷ ଅପେକ୍ଷା। ପୁଣି ସର୍ବେକ୍ଷଣ। ଫଳ ସେଇ ଗୋଟିଏ। ଦଳ ଭିତରେ ଫସିଥିବା ଲୋକ ପରି ପ୍ରାଥମିକ ଶିକ୍ଷା କ୍ରମଶଃ ନିମ୍ନଗାମୀ ହେବାକୁ ଲାଗିଲା। ଅବସ୍ଥାରେ ଉନ୍ନତି ନ ହେବାରୁ ୨୦୧୮ରେ ସର୍ବଶିକ୍ଷା ବଦଳରେ ଆରମ୍ଭ ହେଲା ସମଗ୍ରଶିକ୍ଷା। ପ୍ରାଥମିକ ଶିକ୍ଷା ସହିତ ମାଧ୍ୟମିକ ଶିକ୍ଷା, ପ୍ରାଥମିକ ବିଦ୍ୟାଳୟ ସହିତ ମାଧ୍ୟମିକ ବିଦ୍ୟାଳୟକୁ ମିଶାଇ ସବୁ ପିଲାଙ୍କୁ ଏହି ଯୋଜନା ମାଧ୍ୟମରେ ଉପକୃତ କରିବା ପାଇଁ ଉଦ୍ୟମ ଆରମ୍ଭ ହେଲା। ଅଥଚ ଏଥିରେ ଫଳ ବିପରୀତ ହେଲା। ଉପଯୁକ୍ତ ଭିତ୍ତିଭୂମି ନ ଥାଇ ବିଦ୍ୟାଳୟଗୁଡ଼ିକୁ ମିଶାଇ ଦେବା ଫଳରେ ବହୁ ସ୍ଥାନରେ ବିଶୃଙ୍ଖଳା ଓ ଗଣ୍ଡଗୋଳ ଉପୁଜିଲା। ବିଦ୍ୟାଳୟ ମିଶିଲେ ବି ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକଙ୍କ ମନ ମିଶିଲା ନାହିଁ। ଉଭୟଙ୍କ ଦ୍ୱନ୍ଦ୍ୱ ଭିତରେ ବିଚରା ପ୍ରଧାନଶିକ୍ଷକ ମଚ୍ଛିହେଲେ। ଫଳତଃ ପ୍ରାଥମିକ ସହିତ ମାଧ୍ୟମିକ ଶିକ୍ଷା ନିଜର ଗୁଣ ହରାଇ ବସିଲା। ଏସବୁର ପ୍ରତିକାର ପାଇଁ ବୋଧହୁଏ ଏବେ ନୂତନ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ ହେଉଛି।

ପ୍ରସଙ୍ଗକ୍ରମେ ଏଠାରେ ପୁରୁଣା ଶିକ୍ଷାପଦ୍ଧତି ବିଷୟରେ କିଛି ଆଲୋଚନା କରାଯାଇପାରେ। ସେତେବେଳେ ବିଦ୍ୟାଳୟରେ ଶିକ୍ଷା ଓ ଶାସନ ଉଭୟ ଥିଲା। ଶାସନ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଶାସନ ଦ୍ୱାରା ଶୃଙ୍ଖଳିତ ଛାତ୍ର, ଶିକ୍ଷା ଦ୍ୱାରା ଉପଯୁକ୍ତ ଶିକ୍ଷିତ ହୋଇପାରେ। ସେତେବେଳେ ଶିକ୍ଷକମାନେ ପାଠ ପଢାଇବା ସମୟରେ ମେଧା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ଜ୍ଞାନ ବୃଦ୍ଧି ହିଁ ସେ ସମୟର ଶିକ୍ଷାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା। ପରୀକ୍ଷା ଏକ ସାମୟିକ ଘଟଣା। ପାସ୍ କିମ୍ବା ଫେଲ୍ ତା'ର ଦୁଇଟି ମାତ୍ର ଫଳ। ଯଦି ପିଲାଟିଏ ମାଟ୍ରିକ ପରୀକ୍ଷାରେ ଫାଷ୍ଟ ଡିଭିଜନ ପାଇଯାଏ ତ ତା'ର ସମ୍ମାନ ପାଇଁ ଗାଁରେ ସଭା ଡକାଯାଏ । ପିଲାମାନଙ୍କ ମନରେ ଜିଜ୍ଞାସା ସୃଷ୍ଟି କରିବା



ଶିକ୍ଷାର ଶ୍ରେଷ୍ଠ ପଦ୍ଧତି। ଜିଜ୍ଞାସା ଆସିଲେ ତାହାର ସମାଧାନ ପାଇଁ ମସ୍ତିଷ୍କରେ ଚିନ୍ତନ ପ୍ରକ୍ରିୟା ସୃଷ୍ଟିହୁଏ। ତାହା ଏକ ମାନସିକ ବ୍ୟାୟାମ। ମସ୍ତିଷ୍କକୁ ସୁସ୍ଥ ରଖିବା ସହିତ ନୂତନ ଆବିଷ୍କାର ପାଇଁ ଏହା ପଥ ସୁଗମ କରେ। ଗଛରୁ ଫଳଟି କାହିଁକି ତଳକୁ ଖସିଲା ? ଏମିତି ଏକ ସାଧାରଣ ପ୍ରଶ୍ନ ଓ ସେ ବିଷୟରେ ଗଭୀର ଚିନ୍ତନ ଫଳରେ ଯେଉଁ ଶକ୍ତିର ଆବିଷ୍କାର ହୋଇଥିଲା ତାହା ବିଶ୍ୱର ଜ୍ଞାନବିଜ୍ଞାନ କ୍ଷେତ୍ରରେ ଚହଳ ସୃଷ୍ଟି କରିଥିଲା। ପୂର୍ବରୁ ଶିକ୍ଷକମାନେ ଛାତ୍ରମାନଙ୍କ ମନରେ ଜିଜ୍ଞାସା ବଢାଇବା ପାଇଁ ଉପାୟ କରୁଥିଲେ। ଚିନ୍ତାର ଅବସର ପାଇଁ ଗୃହକାର୍ଯ୍ୟ ଦେଉଥିଲେ। ସେତେବେଳେ ଗୃହକାର୍ଯ୍ୟ କରିବା ପାଇଁ ପିଲାମାନଙ୍କର ଏକମାତ୍ର ସାଧନ ଥିଲା ପାଠ୍ୟପୁସ୍ତକ। ସେହି ପୁସ୍ତକଗତ ବିଷୟକୁ ବାରମ୍ବାର ଅଧ୍ୟୟନ ସହିତ ନିଜ ବୁଦ୍ଧିର ସମନ୍ୱୟରେ ସେମାନେ ଶିକ୍ଷକ ଦେଇଥିବା ପ୍ରଶ୍ନର ସମାଧାନ କରୁଥିଲେ। ବର୍ତ୍ତମାନ ସମୟରେ ମଧ ପିଲାମାନଙ୍କୁ ଗୃହ କାର୍ଯ୍ୟ ଦିଆଯାଉଛି। ଅଥଚ ସେଥିପାଇଁ ସେମାନଙ୍କୁ ଭାବିବାର ଅବସର ଦିଆଯାଉନାହିଁ। ଏକାଧିକ ଟେଷ୍ଟପେପର, ଟିଉଶନ ସାର, ଶିକ୍ଷିତ ମାତାପିତା ଅଥବା ସ୍ମାର୍ଟ ଫୋନ ତୁରନ୍ତ ପ୍ରଶ୍ନର ଉତ୍ତର ଯୋଗାଇ ଦେଉଛନ୍ତି। ଏହାଦ୍ୱାରା ପିଲାମାନଙ୍କର ବୁଦ୍ଧିର ବିକାଶ ଠିକ୍ ହୋଇପାରୁନାହିଁ। ସେମାନେ କ୍ରମଶଃ ପରମୁଖାପେକ୍ଷୀ ହୋଇଯାଉଛନ୍ତି।

କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ଏବେ ଚର୍ଚ୍ଚା ହେଉଛି। ଶିକ୍ଷା କ୍ଷେତ୍ରରେ ଏହାର ପ୍ରୟୋଗ ଆରମ୍ଭ ହୋଇଛି। କିନ୍ତୁ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ଶିକ୍ଷାଦାନ ପାଇଁ ଶିକ୍ଷକଙ୍କ ଉପସ୍ଥିତି ଏକାନ୍ତ ଜରୁରୀ। କିନ୍ତୁ ସରକାରୀ ସ୍କୁଲଗୁଡ଼ିକରେ ଏବେ ବିପରୀତ ଦେଖାଯାଉଛି। ପକ୍କା ଘର, ଉନ୍ନତ ପାଠ୍ୟ ଉପକରଣ, ପାଠ୍ୟପୁସ୍ତକ ସହିତ ପିଲାମାନଙ୍କୁ ଖାଦ୍ୟ ଓ ପୋଷାକ ଯୋଗାଇ ଦିଆଯାଉଛି। ଅଥଚ ପାଠ ପଢାଇବା ପାଇଁ ଶିକ୍ଷକ ନାହାନ୍ତି। ପ୍ରଧାନଶିକ୍ଷକ ନିଯୁକ୍ତି ହେଉନାହିଁ। ଜଣେ ଦି' ଜଣ ଶିକ୍ଷକରେ ସ୍କୁଲ ଚାଲୁଛି। ସେମାନଙ୍କୁ ପାଠପଢା ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିଯୁକ୍ତ କରାଯାଉଛି ଏବଂ ଶେଷରେ କୁହାଯାଉଛି ପିଲାମାନେ କେହି ଦଶମ ପରୀକ୍ଷାରେ ଫେଲ ହେବେନାହିଁ। ଶତ ପ୍ରତିଶତ ପରୀକ୍ଷାଫଳ ସହିତ ଅଧିକାଂଶ ପିଲା ଯେମିତି A1 ହେବେ ସେଥିପାଇଁ ତାଗିଦ କରାଯାଉଛି। ବିଷୟ ଶିକ୍ଷକ ନ ଥାଇ ବର୍ଷଯାକ ପାଠ ପଢ଼ିଥିବା ପିଲାମାନଙ୍କୁ ବର୍ଷଶେଷରେ A1 କରିବା ପାଇଁ ସ୍ୱତନ୍ତ୍ର ଶିକ୍ଷା ଦିଆଯାଉଛି। ଏହିସବୁ ଅସଙ୍ଗତି ପାଇଁ ସଚେତନ ଅଭିଭାବକମାନେ ତାଙ୍କ ପିଲାମାନଙ୍କୁ ସରକାରୀ ସ୍କୁଲରେ ପାଠ ପଢାଇବାକୁ ପସନ୍ଦ କରୁନାହାନ୍ତି ।

ଦେଶରେ ନୂତନ ଶିକ୍ଷାନୀତି ପ୍ରଚଳନ ହେବାକୁ ଯାଉଥିବା ବେଳେ ଏବେ ଏ ବିଷୟରେ ଚିନ୍ତା କରିବାର ସମୟ ଆସିଛି। ଦିନ ଥିଲା, ଯେତେବେଳେ ସବୁଠି ପକ୍କାଘର ନ ଥିଲା; ପର୍ଯ୍ୟାପ୍ତ ପାଠ୍ୟ ଉପକରଣ ନ ଥିଲା, ମାଗଣା ଖାଦ୍ୟ ପୋଷାକ ଦିଆଯାଉ ନ ଥିଲା ସେତେବେଳେ ଉପରଶ୍ରେଣୀର ପିଲାଙ୍କଠାରୁ ପାଠବହି ସଂଗ୍ରହକରି ତଳଶ୍ରେଣୀର ପିଲାମାନେ ପଢୁଥିଲେ। କଳାପଟା, ଚକଖଡ଼ି, ମାନଚିତ୍ର ଏମିତି କେତୋଟି ମାତ୍ର ସାଧନକୁ ନେଇ ଶିକ୍ଷକମାନେ ସରକାରୀ ସ୍କୁଲରେ ପାଠ ପଢ଼ାଉଥିଲେ। ପରୀକ୍ଷାଫଳରେ A1 ନ ହେଲେ ମଧ ଏଇ ସରକାରୀ ସ୍କୁଲରୁ ହିଁ ମେଧାବୀ ଛାତ୍ରମାନେ ବାହାରୁଥିଲେ। ଅଥଚ ଏବେ ଅବସ୍ଥା ଏମିତି ହୋଇଛି ଯେ ଜନସାଧାରଣରେ ଆଲୋଚନା ହେଉଛି – ପାଠ ପଢିବ ଯଦି ପ୍ରାଇଭେଟ ସ୍କୁଲ, ଅଣ୍ଡା ଖାଇବ ଯଦି ସରକାରୀ ସ୍କୁଲକୁ ଯାଅ। ଧନିକ ଅଥବା ସରକାରୀବାବୁମାନଙ୍କ ପିଲାମାନେ କେହି ସରକାରୀ ସ୍କୁଲକୁ ପଢ଼ିବାକୁ ଯାଉନାହାନ୍ତି। ଗରିବ ଓ ନିମ୍ନ ମଧ୍ୟବିତ୍ତଙ୍କ ପିଲାମାନେ ସେଠାକୁ ଯାଇ ସରକାରୀ ସାହାଯ୍ୟ ପାଉଛନ୍ତି ଏବଂ ବହୁପିଲା ଶିକ୍ଷିତ ନ ହୋଇ କେବଳ ସାକ୍ଷର ହେଉଛନ୍ତି। ସୁତରାଂ ଏବେ ସରକାରୀ ସ୍କୁଲଗୁଡ଼ିକ ଦେଶର ସାକ୍ଷରତା ବଢ଼ାଇବାର ଉପଯୁକ୍ତ ମାଧ୍ୟମ ହୋଇଛି।

**ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର**

**ମୋ: ୬୩୭୦୬୬୧୧୪୭**

## ପାଠକ ଶ୍ରେଷ୍ଠ ବିଚାରକ

### ଅନୁଗୋଳରେ ଠାକୁର ଅସୁରକ୍ଷିତ

ମହାଶୟ,

ଅନୁଗୋଳ ସହରସ୍ଥିତ ଶୈଳଶ୍ରୀକ୍ଷେତ୍ର ମନ୍ଦିରରୁ ଦୁର୍ବୃତ୍ତମାନେ ତାଲାଭାଙ୍ଗି ହୁଣ୍ଡିଦାନର ଅର୍ଥ ଏବଂ ୩ ଠାକୁରଙ୍କ ସୁନା ଚିତା ଚୋରି କରି ନେଇଯାଇଛନ୍ତି ବୋଲି ପ୍ରକାଶିତ ଖବରରୁ ଜାଣିବାକୁ ପାଇଲି। ଏହା ଅନୁଗୋଳ ଜନସାଧାରଣଙ୍କୁ ବ୍ୟଥିତ କରିବା ସହ ସେମାନେ ବିଶେଷ ଭାବେ ମର୍ମାହତ। ଅନୁଗୋଳରେ ପୂର୍ବପରି ଆଉ ଶାନ୍ତିମୟ ପରିବେଶ ନାହିଁ। ପରିବାରର ସଦସ୍ୟମାନେ କୌଣସି ଜରୁରୀ କାର୍ଯ୍ୟରେ ବାହାରକୁ ଗଲେ ଚୋରମାନେ ସେମାନଙ୍କ ଅନୁପସ୍ଥିତିର ସୁଯୋଗନେଇ ଦିନ ବେଳେ ମଧ ଚୋରି କରିବାର ଦୃଷ୍ଟାନ୍ତ ରହିଛି। ଏହାକୁ ରୋକିବା ପାଇଁ କିଛି ପଦକ୍ଷେପ ନିଆଯିବା ଦରକାର। ଗୃହ ମାଲିକମାନେ ଭଡା ଦେବା ପୂର୍ବରୁ ସେମାନଙ୍କଠାରୁ ତାଙ୍କ ଅଞ୍ଚଳର ପୋଲିସ ଷ୍ଟେଶନରୁ ଅପରାଧଜନିତ ମାମଲାରେ ଜଡିତ ନ ଥିବାର ପ୍ରମାଣ ପତ୍ର ଦେଖାଇଲେ ହିଁ ତାଙ୍କୁ ରହିବା ପାଇଁ ପ୍ରଶ୍ରୟ ଦେବା ଉଚିତ। ବର୍ତ୍ତମାନ ସିସିଟିଭି କ୍ୟାମେରା ପୋଲିସ ବିଭାଗର ଆଖି ଖୋଲି ଦେଇଛି। ସେମାନେ ଅପରାଧୀମାନଙ୍କୁ ସହଜରେ ଧରିବା ପାଇଁ ସକ୍ଷମ ହୋଇପାରୁଛନ୍ତି। କିନ୍ତୁ ପରିତାପର ବିଷୟ ପ୍ରାୟତଃ ୩ ବର୍ଷରୁ ଅଧିକ ହେବ ମନ୍ଦିରର ସିସିଟିଭି କ୍ୟାମେରା ଅଚଳ ଅବସ୍ଥାରେ ଅଛି। ମନ୍ଦିର ପ୍ରଶାସନ ଜିଲାପାଳଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ସେ ନିଶ୍ଚିତ ଭାବେ ପଦକ୍ଷେପ ନେଇପାରିଥାନ୍ତେ। ତେଣୁ ସରକାର ଅନୁଗୋଳ ସହରର ତଥା ଗ୍ରାମାଞ୍ଚଳର ସମସ୍ୟାଗୁଡ଼ିକ ପ୍ରତି ବିଶେଷ ଧ୍ୟାନଦେବା ଉଚିତ।

**–ସନ୍ତୋଷ କୁମାର ପଟ୍ଟନାୟକ, ଶଙ୍ଖପୁର, ବନ୍ତଲା, ଅନୁଗୋଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଗତେ ଯେହୁ ଯେତିକି ଦୀନ
ସକଳ ସୁଖ-ସୋହାଗ-ହୀନ
ନୟନବାରି କେବଳ ତା'ର ସମ୍ବଳ
ଯେ ଧନେ ଆଜି ଉଠଇ ଭରି ଅମ୍ବର।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୫୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ୫ ଗିରଫ

ଭୁବନେଶ୍ୱର, ୧୨।୩ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରରେ ବ୍ରାଉନ୍‌ସୁଗାର ବେପାର କରୁଥିବା ୫ ଅଭିଯୁକ୍ତଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଅଞ୍ଚଳର ସେକ୍ ଗୁଲାମ ମହମ୍ମଦ, କେନ୍ଦ୍ରାପଡ଼ା ମାର୍ଶାଘାଇ ଥାନା ଅଞ୍ଚଳର ଜ୍ୟୋତି ରଞ୍ଜନ ବେହେରା, ଭଦ୍ରକ ଟାଉନ ଥାନା ଅଞ୍ଚଳର ରୋହିତ ଖାନ୍, ଚନ୍ଦକାର ପିଣ୍ଟୁଆ ପ୍ରଧାନ ଓରଫ କାହ୍ନା, ଲକ୍ଷ୍ମୀସାଗର ଅଞ୍ଚଳର ନିବାସ ଚନ୍ଦ୍ର ଜେନା। ସେମାନଙ୍କଠାରୁ ୫୦ ଗ୍ରାମ ବ୍ରାଉନସୁଗାର, ୫ ମୋବାଇଲ, ୨୦ ହଜାର ଟଙ୍କା, ଅପରାଧରେ ବ୍ୟବହୃତ ଗୋଟିଏ ବୁଲେଟ ଓ କାର ଜବତ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ।

# ହୋଲିରେ ମଦ ପିଇ ବିଶୃଙ୍ଖଳା କଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱରରେ ମୁତୟନ ହେବେ ୨୦ ପ୍ଲାଟୁନ ଫୋର୍ସ**

ଭୁବନେଶ୍ୱର, ୧୨।୩ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ହୋଲି ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ପାଳିବାକୁ କମିଶନରେଟ୍ ପୋଲିସ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ପକ୍ଷରୁ ଏବେଠୁ ସୁରକ୍ଷା କଡ଼ାକଡ଼ି କରାଯାଇଥିବାବେଳେ ହୋଲିରେ ୨୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ। ତେବେ ମଦପିଇ କୌଣସି ବିଶୃଙ୍ଖଳା ସୃଷ୍ଟି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି ଜଗମୋହନ ମୀନା ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଡିସିପି କହିଛନ୍ତି, ହୋଲି ବେଳେ ପୋଲିସ ଟିମ୍‌କୁ ନେଇ ରାସ୍ତା ଉପରେ ରହିବାକୁ ସବୁ ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲୋକମାନେ ନିଶାଗ୍ରସ୍ତ ଅବସ୍ଥାରେ ଜଳ ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯିବା ସହ ଏଥିପ୍ରତି ଅଭିଭାବକମାନେ ସଚେତନ ହେବା ଦରକାର। ହୋଲି ବେଳେ ଗୋଧାଇବା ପାଇଁ ବିଭିନ୍ନ ନଦୀ ଘାଟରେ ଅଘଟଣ ଘଟିଥାଏ। ତେଣୁ ନଦୀ ବୁଡ଼ି ଘଟଣାକୁ ରୋକିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ଏଥିପାଇଁ ଭୁବନେଶ୍ୱରର ବିଭିନ୍ନ ନଦୀର ଘାଟରେ ଓଡ୍ରାଫ୍, ଅଗ୍ନିଶମ ଟିମ୍ ଓ ପୋଲିସ କର୍ମଚାରୀ ମୁତୟନ କରାଯିବ। ସେହିପରି ହୋଲି ଦିନ ସହରରେ ଡ୍ରଙ୍କ୍ ଆଣ୍ଡ୍ ଡ୍ରାଇଭ୍ ବିରୋଧରେ କଡ଼ାକଡ଼ି ଯାଞ୍ଚ କରାଯିବ। ରାସ୍ତା ଉପରେ ଝଗଡ଼ା ଆଦି ଅସାମାଜିକ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯିବ। କୌଣସି ରାସ୍ତା ଉପରେ ଝଗଡ଼ା କିମ୍ବା ଉତ୍ପାତ କଲେ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କଡ଼ା ଚେତାବନୀ ଦେଇଛନ୍ତି। ସେହିପରି ଅପରାଧୀଙ୍କୁ ନଜରରେ ରଖି ହୋଲିର ଗୋଟିଏ ଦିନ ପୂର୍ବରୁ ସବୁ ହୋଟେଲକୁ ଯାଞ୍ଚ କରାଯିବ। ଏପରିକି ସହରରେ ବେଆଇନ ମଦ ବିକ୍ରି ହେଉଥିବା ସ୍ଥାନକୁ ଚିହ୍ନଟ କରାଯାଇ ବିଭିନ୍ନ ଥାନା ପକ୍ଷରୁ ଚଢ଼ାଉ କରାଯିବ। ଅନ୍ୟପକ୍ଷରେ ହୋଲି ପରେ ଦୋଳ ମେଳଣକୁ ଶୃଙ୍ଖଳାରେ ସାରିବାକୁ ମଧ୍ୟ ଡିସିପି ଗୁରୁତ୍ୱାରୋପ କରିବା ସହ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।


ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ବୁଧବାର ରଥଖଳାରେ ବିଧିବଦ୍ଧଭାବେ ରଥ କାଠ ଅନୁକୂଳ କରାଯାଉଛି। (ଫଟୋ: ସୁବାସ ଚନ୍ଦ୍ର ପ୍ରଧାନ)

# ଝାଡ଼ଖଣ୍ଡରୁ ଅଭିଯୁକ୍ତ ଗିରଫ

**ଉପମୁଖ୍ୟମନ୍ତ୍ରୀଙ୍କୁ ସୋସିଆଲ ମିଡିଆରେ ଅଶ୍ଳୀଳ ଭାଷା ପ୍ରୟୋଗ ଘଟଣା**

ପୁରୀ, ୧୨।୩ (ଅଜିତ୍ କୁମାର ମହାନ୍ତି)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସୋସିଆଲ ମିଡିଆରେ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ ଫଟୋ ଏଡିଟିଂ କରି ଶ୍ରଦ୍ଧାଞ୍ଜଳି ଦେବା ଘଟଣାରେ ବୁଧବାର ଅଭିଯୁକ୍ତ ବାଲେଶ୍ୱର ଜିଲାର ମନୋଜ ନାୟକଙ୍କୁ ପୁରୀ ସାଇବର ଥାନା ପୋଲିସ ଝାଡ଼ଖଣ୍ଡରୁ ଗିରଫ କରିଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଗତ ୭ତାରିଖରେ ମନୋଜ ତାଙ୍କ ଫେସବୁକ୍ ଆକାଉଣ୍ଟରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ଅସଭ୍ୟ ଭାଷା ପ୍ରୟୋଗ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାହାକୁ ସୋସିଆଲ ମିଡିଆରେ ବହୁ ମାତ୍ରରେ ଶେୟାର କରାଯାଇଥିଲା। ଏହାକୁ ବିରୋଧକରି ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପୁରୀ ସାଇବର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ସାଇବର ଥାନା ପୋଲିସ ଦଫା ୨୯୪, ୩୩୬ (୨) (୩) (୪), ୩୪୦ (୨), ୩୫୬ (୨), ୩ (୫) ବିଏନ୍‌ଏସ୍, ଏବଂ ୬୭/୬୭ (ଏ) ଆଇଟି ଆକ୍ଟରେ ଏକ କେସ୍ (ନଂ. ୯/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସାଇବର ଥାନା ଆଇଆଇସି ସଂଘମିତ୍ରା ନାୟକ ଏହି ଘଟଣାର ତଦନ୍ତ କରିଥିଲେ। ଅଭିଯୁକ୍ତ ଜଣକ ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ଡିମିରିଗୁଆ ଗ୍ରାମର ମନୋଜ କୁମାର ନାୟକ ବୋଲି ଜଣାପଡ଼ିଥିଲା। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସାଇବର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗଠନ କରାଯାଇଥିଲା। ଏହି ସ୍ୱତନ୍ତ୍ର ଟିମ୍ ପ୍ରଥମେ ବାଲେଶ୍ୱରକୁ ଯାଇଥିଲେ ମଧ୍ୟ ଅଭିଯୁକ୍ତ ଖବର ପାଇ ଫେରାର ହୋଇଯାଇଥିଲେ। ପରେ ପୋଲିସ ଟିମ୍ ସାଇବର ସେଲ୍ ସାହାଯ୍ୟ ନେଇ ଅଭିଯୁକ୍ତ ମନୋଜ ଝାଡ଼ଖଣ୍ଡରେ ଥିବା ଖବର ପାଇ ତାଙ୍କୁ ସେଠାରୁ କାବୁ କରିଥିଲା।


ଲାବଣ୍ୟ ଥିଏଟର ପକ୍ଷରୁ ବୁଧବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ପଞ୍ଚମବେଦ ନାଟକ ମହୋତ୍ସବରେ ପରିବେଷିତ ନାଟକ 'ଭକ୍ତରାମ ଦାଶ'ର ଏକ ଦୃଶ୍ୟ।

# ହାଇୱା ଧକ୍କାରେ ଭାଇ ମୃତ, ଭଉଣୀ ଗୁରୁତର

କଟକ, ୧୨।୩ (କାର୍ତ୍ତିକ ସାହୁ)



ଏକ ଦ୍ରୁତଗାମୀ ହାଇୱା ଧକ୍କାରେ ଘଟଣାସ୍ଥଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ସହ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳାଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ଓ ଗୁରୁତର ଆହତ ଭାଇ ଭଉଣୀ ହେବେ ବୋଲି ସୂଚନା ମିଳିଛି। କଟକ ନୂଆବଜାର ଗୋଶାଳା ରାସ୍ତାରେ ବୁଧବାର ରାତି ପ୍ରାୟ ୯ଟାରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାରମ୍ବାର ଏହି ସ୍ଥାନରେ ଦୁର୍ଘଟଣା ଘଟୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ଶତାଧିକ ଲୋକ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକୋ କରିଥିଲେ। ମଧୁପାଟଣା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଛି। ମୃତକଙ୍କ ନାମ ସଂଗ୍ରାମ ଓ ଗୁରୁତର ମହିଳାଙ୍କ ନାମ ଜଣାପଡ଼ି ନ ଥିବା ବେଳେ ସେମାନଙ୍କ ଘର ଢେଙ୍କାନାଳ ଅଞ୍ଚଳରେ ବୋଲି କୁହାଯାଉଛି।

ସୂଚନାନୁସାରେ, ଗୋଟିଏ ସ୍କୁଟିରେ ଏହି ଭଉଣୀ ଭାଇ ବସି ନୂଆବଜାର ଆଡ଼କୁ ଯିବା ନିମନ୍ତେ ମୁଖ୍ୟ ରାସ୍ତା ସଂଲଗ୍ନ ସର୍ଭିସ ରୋଡରେ ଆସି ଗୋଶାଳା ସମ୍ମୁଖ ଓଭରବ୍ରିଜ ଉପରକୁ ଚଢୁଥିଲେ। ଏହି ସମୟରେ ହଠାତ୍ ବିପରୀତ ଦିଗରୁ ଆସୁଥିବା ଦ୍ରୁତଗାମୀ ହାଇୱା ଭାରସାମ୍ୟ ହରାଇ ସ୍କୁଟିକୁ ଧକ୍କା ଦେଇ କିଛି ବାଟ ଘୋଷାଡ଼ି ନେଇ ବ୍ରିଜ ସୁରକ୍ଷା ବାଡ଼ା ଉପରକୁ ଚଢ଼ିଯାଇଥିଲା। ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ହାଇୱା ଚକା ତଳେ ଜଣେ ମହିଳାଙ୍କ ଚିତ୍କାର ଶୁଣି ଲୋକେ ବହୁ କଷ୍ଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଏକ ଗାଡ଼ିରେ ମେଡିକାଲ ପଠାଯାଇଥିଲା। ତାଙ୍କର ଡାହାଣ ଗୋଡ଼ ନଷ୍ଟ ହୋଇଯାଇଛି। ଅପରପକ୍ଷେ ସ୍କୁଟି ଚାଳକ ଟ୍ରକ ଚକା ତଳେ ଚାପି ହୋଇରହିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ଯୁବପିଢ଼ିଙ୍କ ପ୍ରୟାସରେ ବିକଶିତ ହେବ ଭାରତ

**୪ର୍ଥ 'କୃଷ୍ଣଚନ୍ଦ୍ର ରାୟ ସ୍ମାରକୀ ବକ୍ତୃତାମାଳା'**

ଭୁବନେଶ୍ୱର, ୧୨।୩ (ସୌମ୍ୟରଞ୍ଜନ ରାଉତ)

ରାଷ୍ଟ୍ରୀୟ ପୁନଃନିର୍ମାଣକୁ ଜୀବନର ବ୍ରତ କରି ସମାଜ ପାଇଁ ନିଜକୁ ସମର୍ପିତ କରିଥିଲେ ସମାଜ ସୁଧାରକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରଚାରକ ଏବଂ ଏବିଭିପି ଓଡ଼ିଶାର ପୂର୍ବତନ ପ୍ରଦେଶ ସଂଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ରାୟ। ତାଙ୍କ ସ୍ମୃତିରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରଠାରେ ବୁଧବାର ଅନୁଷ୍ଠିତ ୪ର୍ଥ କୃଷ୍ଣଚନ୍ଦ୍ର ରାୟ ସ୍ମାରକୀ ବକ୍ତୃତା ମାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ହରିବାବୁ କମ୍ଭମପାଟି ଏହା କହିଛନ୍ତି। ବକ୍ତା ଭାବେ ରାଷ୍ଟ୍ରୀୟ ମଜଦୁର ସଂଘର ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ସୁରେନ୍ଦ୍ରନ ଉପସ୍ଥିତ ରହି କୃଷ୍ଣଚନ୍ଦ୍ରଙ୍କ ସମାଜ ପାଇଁ ଅବଦାନ ଉପରେ ଆଲୋକପାତ କରିବା ସହ ଯୁବ ପିଢ଼ିଙ୍କ ପ୍ରୟାସରେ ଭାରତ ବିକଶିତ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀ ପରିଷଦର ନୂତନ ଓ ପୁରାତନ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ଏବିଭିପିର ପୂର୍ବତନ ରାଜ୍ୟ ସମ୍ପାଦକ ସୌମେନ୍ଦ୍ର ଜେନା ଓ ଏବିଭିପିର ରାଜ୍ୟ ସଭାପତି ଗାର୍ଗୀ ବାନାର୍ଜୀ ମଞ୍ଚ ସଞ୍ଚାଳନ କରିଥିଲେ। ଓଡିଶା ପୂର୍ବର ରାଜ୍ୟ ସମ୍ପାଦିକା ଦିପ୍ତୀମୟୀ ପ୍ରତିହାରୀ ଧନ୍ୟବାଦ ଦେଇଥିଲେ।


ବକ୍ତୃତାମାଳାରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସିସେଲ୍ସର ଭିକ୍ଟୋରିଆ ପୋର୍ଟରେ ଆଇସିଜିଏସ୍ ସକ୍ଷମ



ଭୁବନେଶ୍ୱର, ୧୨।୩ (ଅନୁରାଧା ମହାରଣା)

ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜିଏସ୍)ର ଅଫ୍‌ସୋର୍ ପାଟ୍ରୋଲିଂ ଜାହାଜ 'ସକ୍ଷମ' ସିସେଲ୍ସ ଦେଶକୁ ୩ଦିନିଆ ଗସ୍ତିକ ଭାଗୀଦାରିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଯାତ୍ରାରେ ମିଳିତ ପ୍ରଶିକ୍ଷଣ ଏବଂ କ୍ରୀଡ଼ା ଇଭେଣ୍ଟ ସମେତ ବିଭିନ୍ନ ବୃତ୍ତିଗତ ଆଲୋଚନା କରାଯିବ। ଏହି ଅବସରରେ ଭାରତର ପ୍ରଚାର ଅଭିଯାନ ପରିପ୍ରେକ୍ଷୀରେ ନ୍ୟାଶନାଲ କ୍ୟାଡେଟ କର୍ପସ (ଏନ୍‌ସିସି)ର କ୍ୟାଡେଟ୍‌ମାନେ ଏକ ୱାକାଥନ ଏବଂ ସମୁଦ୍ରକୂଳ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହା ପରିବେଶ ରକ୍ଷଣାବେକ୍ଷଣ ଏବଂ ସାମୁଦ୍ରିକ ସଂରକ୍ଷଣ ଉଦ୍ଦେଶ୍ୟରେ ଭାରତ ସରକାରଙ୍କ 'ପୁନୀତ ସାଗର ଅଭିଯାନ'ରେ ଯୋଗଦାନ କରିବ। ଏହାବ୍ୟତୀତ ଆଇସିଜିଏସ୍ ସକ୍ଷମ ଚଳିତ ଭାରତୀୟ ତଟରକ୍ଷୀ ବାହିନୀ–ଆସାମ ରାଇଫଲ୍ସ ଅନୁବନ୍ଧନ କାର୍ଯ୍ୟକ୍ରମରେ ଆସାମ ରାଇଫଲ୍ସରୁ ୧୦ଜଣ ଯବାନଙ୍କୁ ନିୟୋଜିତ କରିଛି। ଏହି ପଦକ୍ଷେପ ଆସାମ ରାଇଫଲ୍ସ ଯବାନମାନଙ୍କୁ ସାମୁଦ୍ରିକ ଅଭିଯାନରେ ଅବଗତ କରାଇବା ସହିତ ୨ ବାହିନୀ ମଧ୍ୟରେ ବନ୍ଧୁତା ଏବଂ ଜ୍ଞାନ ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ଭୁବନେଶ୍ୱର, ୧୨।୩ (ଅନୁରାଧା ମହାରଣା)

ଜଗନ୍ନାଥ ନଗରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୯ମ ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ନେତା ଜଗନ୍ନାଥ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୈରାଗୀ ଚରଣ ନାୟକ, ରବୀନ୍ଦ୍ର ନାଥ ପ୍ରଧାନ, ସ୍ୱର୍ଣ୍ଣଲତା ମହାନ୍ତି, ଅଞ୍ଜନ କୁମାର ଦେବତା, ଡ. ପୀତବାସ ତ୍ରିପାଠୀ, ଯଶୋବନ୍ତ ସାହୁ ଏବଂ ଲକ୍ଷ୍ମୀପ୍ରଭା ଶତପଥୀ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



ଭୁବନେଶ୍ୱର, ୧୨।୩ (ସୁଚିସ୍ମିତା ସାହୁ)

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ବାପୁଜୀ ସରକାରୀ ଉ.ପ୍ରା. ବିଦ୍ୟାଳୟ ଗାଡ଼କଣ କ୍ଲଷ୍ଟରସ୍ତରୀୟ ଦୁଇଦିବସୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କର୍ମଶାଳା ସରକାରୀ ପ୍ରାଥମିକ ବିଦ୍ୟାଳୟ ନୀଳାଦ୍ରିବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ଟି ବିଦ୍ୟାଳୟର ପ୍ରାୟ ୩୦ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାରେ ୫ଜଣ ପ୍ରଶିକ୍ଷକଙ୍କ ସହାୟତାରେ ପ୍ରଥମ ଶ୍ରେଣୀରୁ ଅଷ୍ଟମଶ୍ରେଣୀ ଅନ୍ତର୍ଗତ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଥିଲା। ସିଆର୍‌ସିସି ରବିନାରାୟଣ ଦାସ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁପ୍ରିୟା ପରମଗୁରୁ ସହଯୋଗ କରିଥିଲେ।

# ମହୁମାଛି ପାଳନକାରୀଙ୍କ ଜୀବିକା ସୁଦୃଢ଼ ହେବ

ଖୋର୍ଦ୍ଧା, ୧୨।୩ (ପ୍ରଭାତ ପାଣିଗ୍ରାହୀ)

ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ (କେଭିଆଇସି) ରାଜ୍ୟ କାର୍ଯ୍ୟାଳୟରେ ମହୁମାଛି ବିଷ ନିଷ୍କାସନ ଏବଂ ମହୁମାଛି ପରାଗ ସଂଗ୍ରହ ଉପରେ ଏକ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଅଧୀନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଓଡ଼ିଶାରେ ତାଲିମ ପ୍ରଦାନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଜିଲାରୁ ୧୯ଜଣ ପ୍ରଗତିଶୀଳ ମହୁମାଛି ଚାଷୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହାର ଲକ୍ଷ୍ୟ ଥିଲା ମହୁମାଛି ବିଷ ନିଷ୍କାସନ ଏବଂ ମହୁମାଛି ପରାଗ ସଂଗ୍ରହରେ ସେମାନଙ୍କୁ ବିଶେଷ ଦକ୍ଷତା ପ୍ରଦାନ କରିବା। ସ୍ୱାସ୍ଥ୍ୟ, ଔଷଧ ଶିଳ୍ପରେ ଉଚ୍ଚ ବାଣିଜ୍ୟିକ ମୂଲ୍ୟ ସହିତ ଆଧୁନିକ ଏବଂ ବୈଜ୍ଞାନିକ ମହୁମାଛି ଚାଷ ଅଭ୍ୟାସ ପାଇଁ ଏହି ଦକ୍ଷତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ତାଲିମ କାର୍ଯ୍ୟକ୍ରମ ଡ.ବିକାଶ ପାତ୍ରଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା। କେଭିଆଇସି ରାଜ୍ୟ କାର୍ଯ୍ୟାଳୟ ନିର୍ଦ୍ଦେଶକ ସୁବାସ ଛେତ୍ରୀଙ୍କ ମତରେ, ମହୁମାଛି ବିଷ ନିଷ୍କାସନ ଉପରେ ତାଲିମ ପ୍ରଦାନ କରିବାର ଧାରଣା ଓଡ଼ିଶାରେ ନୂତନ ଥିଲା। ଆମେ ଏହି ପଦକ୍ଷେପ ନେଇଥିବାରୁ ଗର୍ବିତ। ଏହି କାର୍ଯ୍ୟକ୍ରମର ସଫଳତା ରାଜ୍ୟରେ ମହୁମାଛି ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତାର ପ୍ରମାଣ। ଏହି ତାଲିମ କାର୍ଯ୍ୟକ୍ରମ ଓଡ଼ିଶାର ମହୁମାଛି ପାଳନକାରୀଙ୍କ ଜୀବିକାକୁ ସୁଦୃଢ଼ କରିବ ଏବଂ ବିଶ୍ୱ ମାନଚିତ୍ରରେ ରାଜ୍ୟର ମହୁମାଛି ଚାଷ ଶିଳ୍ପକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।

# ଆକର୍ଷଣ ସାଜିଲା ଛାତ୍ରୀଛାତ୍ରଙ୍କ ବାଦ୍ୟ ବିଚିତ୍ରା


ସମାରୋହରେ ଉତ୍କଳ ସଂଗୀତ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସିତାର, ବଂଶୀ, ବେହେଲା ବାଦନ କରୁଛନ୍ତି।

**ଜୟଦେବ ସମାରୋହ**

ଭୁବନେଶ୍ୱର, ୧୨।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ମଣ୍ଡପରେ ଚାଲିଥିବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ–୨୦୨୫'ର ବୁଧବାର ଥିଲା ତୃତୀୟ ଦିବସ। ମୁଖ୍ୟ ଅତିଥି ଭାବେ ବଂଶୀ ବାଦକ ପ୍ରଫେସର ମୋହିନୀ ମୋହନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟ ଓ କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କୃତ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଯୋଗଦେଇଥିଲେ। ପରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାଦ୍ୟ ବିଚିତ୍ରା ବଂଶୀ, ସୀତାର ଓ ବେହେଲା ପରିବେଷଣ ସନ୍ଧ୍ୟାର ଆକର୍ଷଣ ସାଜିଥିଲା। ଏହାର ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଶ୍ରୀନିବାସ ଶତପଥୀ। ଗୁରୁ ପଙ୍କଜ କୁମାର ପ୍ରଧାନ ଏକକ ଓଡିଶୀ ନୃତ୍ୟ 'ସାଖୀ ଗୋପୀ ନାଥ' ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହାର ଗୀତ ରଚନା ନବ କିଶୋର ମିଶ୍ର, ସଙ୍ଗୀତ ରଚନା ଗୁରୁ ବିଜୟ କୁମାର ଜେନା, ନୃତ୍ୟ ରଚନା ପଦ୍ମଶ୍ରୀ ଅରୁଣା ମହାନ୍ତି ଦେଇଥିଲେ। ମଧୁମିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

# ବୁଣାକାରଙ୍କ ବିକାଶ ପାଇଁ ବୟନିକା ସମର୍ପିତ

**୩୮ତମ ବାର୍ଷିକ ସାଧାରଣ ସଭା**

ଭୁବନେଶ୍ୱର, ୧୨।୩ (ସୁଚିସ୍ମିତା ସାହୁ)



କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ଗୁହା ପୁନମ ତାପସ କୁମାରଙ୍କ ସହ ଅନ୍ୟମାନେ।

ଓଡିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ (ବୟନିକା)ର ୩୮ତମ ବାର୍ଷିକ ସାଧାରଣ ବୁଧବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର୍ସ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଯୋଗଦେଇ କହିଲେ, ବୁଣାକାରଙ୍କ ଆର୍ଥିକ ବିକାଶ ପାଇଁ ବୟନିକା ସମ୍ପୂର୍ଣ୍ଣ ସମର୍ପିତ ଓ ପ୍ରତିଶ୍ରୁତିବଦ୍ଧ। ବୟନ ଶିଳ୍ପ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ ଯୋଗଦେଇ ବୁଣାକାରଙ୍କ ଆର୍ଥିକ ସମୃଦ୍ଧି ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ ଯୋଜନା ଓ ପଦକ୍ଷେପ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଗ୍ରାହକଙ୍କ ରୁଚିକୁ ପ୍ରାଥମିକତା ଦେଇ ନୂଆ ନୂଆ ଡିଜାଇନର ଲୁଗା ବୁଣିବା ପାଇଁ ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ କହିଥିଲେ। ଅଧିକ ବ୍ୟବସାୟ ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୟନ ଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦୀ ଅବଗତ କରିଥିଲେ। ସମିତି ସଭାପତି ପ୍ରକାଶ ଚନ୍ଦ୍ର ମେହେର ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ପରିଚାଳନା ପରିଷଦ ସଭ୍ୟ ଶ୍ରୀଧର ବେହେରା ଓ ଶେଷ କୁମାର ମେହେର ବୟନିକାର ଆଭିମୁଖ୍ୟ ବିଷୟରେ କହିଥିଲେ। ବୁଣାକାରଙ୍କ ଜୀବନ–ଜୀବିକାରେ ଉନ୍ନତି ସହ ବ୍ୟବସାୟିକ ରଣନୀତି, ଅଧିକ ଷ୍ଟୋର୍ ଖୋଲିବା, ଡିଜାଇନର୍ ବଜାର, ରପ୍ତାନିରେ ବୃଦ୍ଧି ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଆଗାମୀ ବର୍ଷ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଖସଡା ପ୍ରସ୍ତୁତ କରିବାକୁ ମତ ପ୍ରକାଶ ପାଇଥିଲା। ବୟନିକାର ସାଧାରଣ ପରିଚାଳକ ତଥା ସମ୍ପାଦକ ଡକ୍ଟର ସୁଷମା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା ପରିଷଦର କର୍ମକର୍ତ୍ତା ଓ ସଭ୍ୟସଭ୍ୟା, ୨୭୧ଟି ସଭ୍ୟ ସମିତିର ପ୍ରତିନିଧି ଯୋଗଦେଇଥିଲେ।

## ସଂକ୍ଷେପରେ

### ସିରିଜ୍ ଦୁର୍ଘଟଣା: କାର୍ ଚାଳକ ଅଟକ

ବାଘମାରୀ, ୧୨।୩(ମିହିର ରଞ୍ଜନ ମହାପାତ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସାରୁଆ ଉଚ୍ଚବିଦ୍ୟାଳୟ ନିକଟରେ ସିରିଜ୍ ଦୁର୍ଘଟଣା ଘଟିଛି। ଏଥିରେ ସମ୍ପୃକ୍ତି ନେଇ ଜଣେ କାର୍ ଚାଳକଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସମ୍ବଲପୁର ଅଞ୍ଚଳର ଏକ ପରିବାର ପୁରୀ ଅଭିମୁଖେ ଯାଉଥିଲେ। ଅପରାହ୍ନ ୩ଟାରେ ସାରୁଆ ଉଚ୍ଚ ବିଦ୍ୟାଳୟ ନିକଟରେ କାରଟି ଭାରସାମ୍ୟ ହରାଇ ବରଗାଡିର ସମ୍ମୁଖପଟୁ ଧକ୍କା ଦେଇଥିଲା। ବରଗାଡିଟି ଜାରକା ଅଞ୍ଚଳରୁ ନୟାଗଡ଼ ଅଭିମୁଖେ ଯାଉଥିଲା। ଦୁର୍ଘଟଣାରେ ବରଗାଡିର ୩ଟି ଚକ ଫାଟି ଯାଇଥିବା ବେଳେ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ତେବେ ବର ସାମାନ୍ୟ ଆହତ ହୋଇଥିଲା। ପରେ କାରଟି ଏକ ପିକଅପ ଭ୍ୟାନକୁ ଧକ୍କା ଦେଇଥିଲା। ଶେଷରେ ଏକ ଆଇଚର ଟ୍ରକକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣାଗ୍ରସ୍ତ କାରରୁ ଲୋକଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣା ଫଳରେ ରାସ୍ତା ଜାମ ହୋଇଥିଲା। ବାଘମାରୀ ପୋଲିସ ପହଞ୍ଚି ଗାଡିଗୁଡିକୁ ସ୍ଥାନାନ୍ତର କରିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ଘଟାଇଥିବା କାର ଚାଳକଙ୍କ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି।

### ଦେଶୀମଦ ଜବତ, ୨ ଗିରଫ

ବାଲୁଗାଁ/ବାଣପୁର, ୧୨।୩
(ସଂଗ୍ରାମ ପାଇକରାୟ/ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଏବଂ ବାଲୁଗାଁ ଅବକାରୀ ବିଭାଗ ମିଳିତ ଭାବେ ବୁଧବାର ପୃଥକ୍ ଭାବେ ବାଲୁଗାଁ, ବାଣପୁର ଏବଂ ନାରୁଣୀ ଥାନା ଅଞ୍ଚଳରେ ଚଢ଼ାଉ କରିଥିଲେ। ଦୁଇଟି ସ୍ଥାନରୁ ମୋଟ ୧୨୪ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି। ଏହି କାରବାରରେ ସମ୍ପୃକ୍ତ ୨ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ମୋବାଇଲ ଟିମ୍ ନାରୁଣୀ ଥାନା ଅଧୀନ ଗୋଡ଼ିଝର ଗ୍ରାମର ସଞ୍ଜୟ ଜେନାଙ୍କ ଘରୁ ୨୦ ଲିଟର ମଦ ଜବତ କରିଥିବା ବେଳେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ବାଣପୁର ଥାନା ଝିଣ୍ଟିକାପଲ୍ଲୀ ଛକ ନିକଟରୁ ୧୦୪ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ସମ୍ପୃକ୍ତ ବ୍ୟବସାୟୀ ପ୍ରତାପ ଗ୍ରାମର ହରି ନାୟକଙ୍କୁ ଗିରଫ କରିଥିଲେ। ଖୋର୍ଦ୍ଧା ମୋବାଇଲ ଟିମ୍ ପକ୍ଷରୁ କେଶ ନଂ.୨୬୭/୨୫ ଏବଂ ବାଲୁଗାଁ ଅବକାରୀ ବିଭାଗ କେଶ ନଂ.୧୭୨/୨୫ ରେ ଦୁଇଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି । ଏହି ଚଢ଼ାଉରେ ଏଏସ୍ଆଇ ସଞ୍ଜୟ କୁମାର ସୁବୁଦ୍ଧି, ଆଶିଷ ପ୍ରଧାନ, ରଞ୍ଜିତ ପଟେଲ, ସୁନିତା ମହାରଣା, ସ୍ୱପ୍ନାରାଣୀ ବେହେରା ଏବଂ କାଳୁ ପ୍ରଧାନ ସାମିଲ ହୋଇଥିଲେ।

### ପାଲା ବାୟକ ପ୍ରଫୁଲ୍ଲଙ୍କ ସ୍ମୃତିଚାରଣ

ବେଗୁନିଆ, ୧୨।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ତଣ୍ଡାଳ ଗ୍ରାମର ପାଲା ବାୟକ ପ୍ରଫୁଲ୍ଲ ପ୍ରଧାନଙ୍କ ଏକଦଶାହ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମା'ବରୁଣେଇ ମଣ୍ଡଳ ପାଲା କଳାକାର ପରିଷଦ ସଭାପତି ଶ୍ୟାମ ସୁନ୍ଦର ତ୍ରିପାଠୀଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ମିହିର କୁମାର ଆଚାର୍ଯ୍ୟଙ୍କ ସଂଯୋଜନାରେ ଉପସଭାପତି ପ୍ରଫୁଲ୍ଲ ଦାଶ, ମୁରଲୀଧର ବେହେରା, ସଦାଶିବ ବରାଳ, ବସନ୍ତ ଦାସ, ଚନ୍ଦ୍ରଶେଖର ମହାରଣା, ଦିଲୀପ ବଳିଆରସିଂହ, ପ୍ରମୋଦ ପାଲଟାସିଂହ, ରମେଶ ଚନ୍ଦ୍ର ପଲେଇ, ଜୟକୃଷ୍ଣ ମହାପାତ୍ର, ବ୍ରଜବନ୍ଧୁ ବେହେରା, ବିଶ୍ୱନାଥ ପଣ୍ଡା, ନବଘନ ମହାପାତ୍ର, ଅଶୋକ ପାତ୍ର, ଅଶୋକ ବେହେରା, ହରିହର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଶେଷରେ ଶିବ ପ୍ରସାଦ ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଏସ୍‌ପି ଅଫିସ ଘେରାଉ

**ଯୁବକଙ୍କୁ ଟେକିନେଇ ମାଡ଼ମାରି ଜଙ୍ଗଲରେ ଫିଙ୍ଗିଦେବା ଘଟଣା**

- ଆହତଙ୍କୁ ହୁଇଲ୍ ଚେୟାରରେ ବସାଇ ପ୍ରତିବାଦ
- ମାମଲା ସତ୍ତ୍ୱେ ପୋଲିସ ନୀରବ

ଖୋର୍ଦ୍ଧା, ୧୨।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅଧୀନ ଛତ୍ରମା ଗ୍ରାମର ସୁବ୍ରତ ସୁନ୍ଦରାୟଙ୍କୁ ନନ୍ଦପୁର ଗ୍ରାମର କେତେଜଣ ଯୁବକ ବନ୍ଧୁକ ଓ ଭୁଜାଲି ଦେଖାଇ ଅପହରଣ ପରେ ମରଣାନ୍ତକ ଆକ୍ରମଣ କରି ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଗୁରୁତର ଅବସ୍ଥାରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଏନେଇ ସୁବ୍ରତଙ୍କ ମା'ଙ୍କ ଅଭିଯୋଗକ୍ରମେ ସଦର ପୋଲିସ ଏକ ମାମଲା(ନଂ.୬୬/୨୫) ରୁଜୁ କରିଛି। ତେବେ ଘଟଣାକୁ ୪ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ନୀରବ ବସିଛି। ବୁଧବାର ଅଭିଯୁକ୍ତଙ୍କ ଗିରଫ ଦାବିରେ ଛତ୍ରମା ଗ୍ରାମର ଶତାଧିକ ଲୋକ ସୁବ୍ରତଙ୍କୁ ହୁଇଲ୍ ଚେୟାରରେ ବସାଇ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ଏସ୍‌ପି ସାଗରିକା ନାଥଙ୍କୁ ଭେଟି ଉକ୍ତ ଦିନ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେବା ସହ ହୋହଲ୍ଲା କରିଥିଲେ। ରାଜନୈତିକ ଚାପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରି ନୀରବ ବସିଛି ବୋଲି ଅଭିଯୋଗ ଆଣିଥିଲେ। ତେବେ ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି। ଅଭିଯୋଗ ମୁତାବକ, ଗତ ୭ ତାରିଖରେ ନନ୍ଦପୁର ଗ୍ରାମର ବିବାହ ଶୋଭାଯାତ୍ରା ଛତ୍ରମା ଗ୍ରାମକୁ ଯାଇଥିଲା। ଏହି ସମୟରେ ସୁବ୍ରତଙ୍କ ସହ ନନ୍ଦପୁର ଗ୍ରାମର କେତେଜଣ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଏନେଇ ସୁବ୍ରତ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏହାକୁ ଗୁରୁତ୍ୱ ଦେଇ ନ ଥିଲା। ଆପୋସ ସମାଧାନ ଲାଗି କହି ଛାଡିଦେଇଥିଲା। ଗତ ରବିବାର ସନ୍ଧ୍ୟାରେ ଭଦ୍ରଲୋକଙ୍କ ଉପସ୍ଥିତିରେ ନନ୍ଦପୁର ପଞ୍ଚାୟତର ହୁଡା ମହାଦେବ ମନ୍ଦିରଠାରେ ସମାଧାନ ଲାଗି ବୈଠକ ଚାଲିଥିବା ବେଳେ ନନ୍ଦପୁରର କେତେଜଣ ଯୁବକ ଛତ୍ରମା ଗ୍ରାମରେ ପହଞ୍ଚି ଏକ କାର୍‌ରେ ସୁବ୍ରତଙ୍କୁ ଅପହରଣ କରିନେଇଥିଲେ। ଅଟ୍ରୁଗୁଳ ନିକଟ ଏକ ଜଙ୍ଗଲରୁ ସୁବ୍ରତଙ୍କୁ ମୁମୂର୍ଷୁ ଅବସ୍ଥାରେ ପୋଲିସ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ଅନ୍ୟପଟେ ଆକ୍ରମଣକାରୀ ନନ୍ଦପୁର ଗ୍ରାମର ଜଣେ ପ୍ରଭାବଶାଳୀ ନେତାଙ୍କ ଅଧୀନରେ କାମ କରୁଥିବା ବେଳେ ସେ ଜଣେ ବିଧାୟକଙ୍କ ଛତ୍ରଛାୟା ତଳେ ରହିଥିବାରୁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନି ବୋଲି କେତେଜଣ ଗ୍ରାମବାସୀ ଗଣମାଧ୍ୟମରେ କହିଛନ୍ତି। ନନ୍ଦପୁର ଗ୍ରାମର ଏହା ନୂଆ ଘଟଣା ନୁହେଁ। ଆଗରୁ ମଧ୍ୟ ଏକାଧିକ ଘଟଣାରେ ପୋଲିସର ନୀରବତାକୁ ନେଇ ପ୍ରଶ୍ନ ଉଠିଛି। ପୂର୍ବରୁ ଏହି ଗ୍ରାମରେ କେତେଜଣ ପୋଲିସ ଉପରକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଠାରେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ବନ୍ଧୁକ, ମାରଣାସ୍ତ୍ର ଦେଖାଇ ଅନ୍ୟଙ୍କୁ ଭୟଭୀତ କରିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି ବୋଲି ଅଭିଯୋଗ ହୋଇଛି। ତେବେ ପୋଲିସ କାହିଁକି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନି ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ସ୍ୱଚ୍ଛତାର ପରିଚୟ ଦେଉ ବୋଲି ଛତ୍ରମା ଗ୍ରାମବାସୀ ଗଣମାଧ୍ୟମରେ କହିଛନ୍ତି।


ଏସ୍‌ପି ସାଗରିକା ନାଥ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର କର୍ମକର୍ତ୍ତା।

ଖୋର୍ଦ୍ଧା, ୧୨।୩(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ନିଷ୍ପତ୍ତି ଅନୁସାରେ ଖୋର୍ଦ୍ଧା ଜିଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟତଃ ବିଭିନ୍ନ ବିଭାଗର ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ତଥା ସମସ୍ତ ପ୍ରକାର ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରିବା ଦାବି କରିଛନ୍ତି। ଦାବିଗୁଡିକ ସମାଧାନ ନିମନ୍ତେ ପୂର୍ବତନ ଏବଂ ନୂତନ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ଆସନ୍ତା ୧୭ରୁ ୨୧ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିବେ। ଉକ୍ତ ସମୟ ମଧ୍ୟରେ ଯଦି ସରକାର ଦାବିଗୁଡିକୁ ପୂରଣ ନ କରନ୍ତି, ତେବେ ଆସନ୍ତା ୨୪ ତାରିଖରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବା ନିମନ୍ତେ ରାଜ୍ୟ ସଂଘ ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା କାର୍ଯ୍ୟକାରୀ ସଭାପତି ସୌଭାଗ୍ୟ ଶତପଥୀ, କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ଶିବ ନାରାୟଣ ସ୍ୱାଇଁ, ସଚିବ ରଶ୍ମିତ କୁମାର ଏବଂ ବିଭିନ୍ନ ବିଭାଗର ନେତୃବୃନ୍ଦ ଉପସ୍ଥିତ ଥିଲେ।

# ୧୯ରେ ଅଯୋଧ୍ୟା-ବାରାଣସୀ ଯିବେ ବରିଷ୍ଠ ନାଗରିକ


ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀ।

**୨ୟ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ସମନ୍ୱୟ ବୈଠକ**

ଖୋର୍ଦ୍ଧା, ୧୨।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପାଳଙ୍କ ଓସ୍ୱାନ ସମ୍ମିଳନୀ କକ୍ଷରେ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ସମନ୍ୱୟ ବୈଠକ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଯୋଧ୍ୟା-ବାରାଣସୀ ଅଭିମୁଖେ ଯାତ୍ରା ସମ୍ପର୍କରେ ଆଲୋଚନା କରାଯାଇଛି। ଆସନ୍ତା ୧୯ତାରିଖରେ ଖୋର୍ଦ୍ଧା ଜିଲାର ୧୬୯ ତୀର୍ଥଯାତ୍ରୀ ସହ ୫ଜଣ ସୁରକ୍ଷା ସେବା ଅଧିକାରୀଙ୍କୁ ନେଇ କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ଢେଙ୍କାନାଳକୁ ନେଇ ୬ଟି ଜିଲାର ୭୭୫ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଭୁବନେଶ୍ୱର ରେଳ ଷ୍ଟେଶନରୁ ଯାତ୍ରା ଆରମ୍ଭ କରିବେ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ଅଞ୍ଜନ କୁମାର ବାରିକ ସୂଚନା ଦେଇଛନ୍ତି। ଏଥିନିମନ୍ତେ ୬ଟି ଜିଲାର ୨୫ଜଣ ସୁରକ୍ଷା ସେବା ଅଧିକାରୀ ତୀର୍ଥଯାତ୍ରୀଙ୍କ ଯତ୍ନ ନେବା ନିମନ୍ତେ ନିଯୁକ୍ତ କରାଯାଇଛି। ଏହି ୬ଜିଲାର ସମସ୍ତ ତୀର୍ଥଯାତ୍ରୀ ଭୁବନେଶ୍ୱର ସଦର ମହକୁମାରେ ୧୮ତାରିଖରେ ପହଞ୍ଚି ରାତ୍ରିଯାପନ କରିବେ। ୧୯ ତାରିଖରେ ଭୁବନେଶ୍ୱର ରେଳ ଷ୍ଟେଶନରୁ ଅଯୋଧ୍ୟା-ବାରାଣସୀ ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ଏହି ଉପଲକ୍ଷେ ଜିଲାପାଳ ଚଞ୍ଚଳ ରାଣା ସୁରକ୍ଷା ସେବାଧିକାରୀଙ୍କ ଦାୟିତ୍ୱ ୧୮ତାରିଖରେ ସାମୟିକ ରହଣିସ୍ଥଳରେ ସେମାନଙ୍କର ବିଭିନ୍ନ ସେବା ସମ୍ବନ୍ଧରେ ଗୁରୁତ୍ୱାରୋପ କରିବା ସହ ସମ୍ପୃକ୍ତ ଅଧିକାରୀମାନେ ନିଷ୍ଠାର ସହ ଦାୟିତ୍ୱ ସମ୍ପାଦନା କରି ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାକୁ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଭୁବନେଶ୍ୱର ଉପଜିଲାପାଳ ଡ. ମନୋରଞ୍ଜନ ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଶିକ୍ଷଣ ସାମଗ୍ରୀ ବିକାଶ କର୍ମଶାଳା

ଖୋର୍ଦ୍ଧା, ୧୨।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ମୁକ୍ତାପୁର ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନରେ ଥିବା ମହାମାୟା ସରକାରୀ ଉଚ୍ଚ ବିଦ୍ୟାପୀଠରେ ଶିକ୍ଷଣ ସାମଗ୍ରୀ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜିକା ପୂର୍ଣ୍ଣଲକ୍ଷ୍ମୀ ମହାରଣାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ମୁକ୍ତାପୁର ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନରେ ଥିବା ୮ ବିଦ୍ୟାଳୟର ୧୬ଜଣ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଶାଳାରେ ଯୋଗଦେଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପଣ୍ଡା କର୍ମଶାଳାରେ ସାମଗ୍ରୀଗୁଡ଼ିକ ପ୍ରସ୍ତୁତି ସମୟରେ ପରିଦର୍ଶନ କରିଥିଲେ। ଅନିତା ମହାପାତ୍ର, ନୃସିଂହମଣି ବେହେରା, ସୂର୍ଯ୍ୟକାନ୍ତୀ ଦାସ, ଅଞ୍ଜଳି ବେହେରା, ରାଜେଶ୍ୱରୀ ସାହୁ, ବିଜୟ ସାହୁ, ସନ୍ଧ୍ୟାରାଣୀ ସାହୁ, ବିଭୁଜ୍ୟୋତି ପଟ୍ଟନାୟକ, ସୁନିତା ମହାରଣା, ପ୍ରଣତି ବରାଳ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁକାନ୍ତ ସେଠୀ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଚିଲିକାରେ ୨ ପ୍ରଜାତିର ୧୭୪ ଡଲ୍‌ଫିନ୍

ବାଲୁଗାଁ, ୧୨।୩(ସଂଗ୍ରାମ ପାଇକରାୟ)

ଚିଲିକାରେ ହୋଇଥିବା ଡଲ୍‌ଫିନ ଗଣନା ରିପୋର୍ଟ ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରକାଶ ପାଇଛି। ଓଡ଼ିଶାରେ ୫ ପ୍ରଜାତିର ମୋଟ ୭୧୦ଟି ଡଲ୍‌ଫିନ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ଚିଲିକାରେ ଇରାୱାଡି ପ୍ରଜାତିର ୧୫୯ ଏବଂ ହମ୍ପବ୍ୟାକ ପ୍ରଜାତିର ୧୫ଟି ଏପରି ମୋଟ ୧୭୪ଟି ଡଲ୍‌ଫିନ ଅଛନ୍ତି । ଚଳିତ ବର୍ଷ ଇରାୱାଡି ପ୍ରଜାତିର ଡଲ୍‌ଫିନଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗତ ଜାନୁଆରୀ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ବାଲୁଗାଁ ଏବଂ ସାତପଡ଼ା ରେଞ୍ଜ ଅଧୀନ ଚିଲିକାରେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏହି ଡଲ୍‌ଫିନ ଗଣନା ହୋଇଥିଲା। ସାତପଡ଼ାରେ ୮ ଏବଂ ବାଲୁଗାଁରେ ୧୦ ଏପରି ମୋଟ ୧୮ଟି ଟିମ୍ ଏହି ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ। ୨୦୨୩ ମସିହାରେ ଚିଲିକାରେ ବଟଲ ନୋଜ ପ୍ରଜାତିର ଡଲ୍‌ଫିନ ୧୯ଟି ଦେଖାଯାଇଥିବା ବେଳେ ଚଳିତବର୍ଷ ଗୋଟିଏ ହେଲେ ଦେଖିବାକୁ ମିଳିନାହିଁ । ତେବେ ଚଳିତବର୍ଷ ହମ୍ପବ୍ୟାକ ପ୍ରଜାତିର ୧୫ଟି ଡଲ୍‌ଫିନ ଚିଲିକାରେ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଇରାୱାଡି ପ୍ରଜାତିର ଡଲ୍‌ଫିନ କ୍ରମାଗତ ଚିଲିକାରେ ବୃଦ୍ଧି ପାଇଛି। ୨୦୧୯ରେ ୧୧୩ ଇରାୱାଡି ପ୍ରଜାତିର ଡଲ୍‌ଫିନ ଦେଖାଯାଇଥିବା ବେଳେ ୨୦୨୦ରେ ୧୪୬, ୨୦୨୧ରେ ୧୫୬କୁ ବୃଦ୍ଧି ପାଇଥିବା ବେଳେ ୨୦୨୩ରେ ୧୫୪କୁ ଖସି ଆସିଥିଲା। ୨୦୨୫ରେ ଏହି ସଂଖ୍ୟା ୧୫୯କୁ ବୃଦ୍ଧି ପାଇଛି। ସୂଚନାଥାଉ କି, ପ୍ରତିକୂଳ ପାଗ ଯୋଗୁ ଚିଲିକାରେ ଡଲ୍‌ଫିନ ଗଣନାରେ ବାଧା ଉପୁଜିବାରୁ ୨୦୨୨ ଏବଂ ୨୦୨୪ରେ ବିଭାଗ ପକ୍ଷରୁ ଗଣନା ରିପୋର୍ଟ ପ୍ରକାଶ ପାଇ ନ ଥିଲା।

# ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା, ୧୨।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ଜଟଣୀ ବ୍ଲକ ଅଧୀନ ତରାବୋଇସ୍ଥିତ ସ୍କିଲ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଟ୍ୟୁଟର ଅଡିଟୋରିୟମରେ ବୁଧବାର ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳ ମହିଳାମାନଙ୍କ ଲୁକ୍କାୟିତ ଦକ୍ଷତା ଲୋକଲୋଚନକୁ ଆଣିବା ସହ ସେମାନଙ୍କର ବାର୍ଷିକ ଆୟ ୧ଲକ୍ଷ ଟଙ୍କାରୁ ଅଧିକ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଜିଲାରେ ପୋଟେନସିଆଲ ଲକ୍ଷପତି ଦିଦି, ଯାହାଙ୍କ ଆୟ ୩୦-୪୦ ହଜାରରୁ ଲକ୍ଷେ ଟଙ୍କା ତଳକୁ ରହିଛି ସେହି ମା'ମାନଙ୍କ ସଂଖ୍ୟା ୫୮ହଜାର ବୋଲି ଚିହ୍ନଟ କରାଯାଇଛି। ସେହିପରି ବାର୍ଷିକ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଯେଉଁ ମା'ମାନଙ୍କ ରୋଜଗାର ଅଛି ସେମାନଙ୍କ ସଂଖ୍ୟା ୨୧ରୁ ଊର୍ଦ୍ଧ୍ୱ ବୋଲି ଜଣାପଡିଛି। ଏହି କର୍ମଶାଳାରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ କସ୍ତୁରୀ ବାଳା ଜେନା, ଖୋର୍ଦ୍ଧା ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷିରାବ୍ଧି ତନୟା ସାହୁ, ଟାଙ୍ଗୀ ଏବଂ ଜଟଣୀ ବିଡିଓ ଉପସ୍ଥିତ ଥିଲେ। ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ଆସିଷ୍ଟାଣ୍ଟ ଡିରେକ୍ଟର ସ୍ମିତା ମହାନ୍ତିଙ୍କ ସମେତ ବାଣପୁର, ଚିଲିକା, ଜଟଣୀ, ବୋଲଗଡ଼ ଓ ବେଗୁନିଆ ବ୍ଲକର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ ଏବଂ ଏହି ବ୍ଲକର ଲକ୍ଷପତି ଦିଦିମାନେ ଉପସ୍ଥିତ ଥିଲେ। ଓଡ଼ିଶା ଜୀବିକା ମିଶନ, ଜିଲା ପ୍ରକଳ୍ପ ପରିଚାଳିକା ପ୍ରେମସି ନାୟକ କର୍ମଶାଳାର ମୂଳ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ସେହିପରି ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସାହୁ ବିଭିନ୍ନ ଜୀବିକାଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା କିପରି ସ୍ୱାବଲମ୍ବୀ ହୋଇପାରିବେ ଆଲୋଚନା କରିଥିଲେ। ସୋଭାଗିନି ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

### ପ୍ରଶିକ୍ଷଣ ନେଲେ ୨୦ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

ବେଗୁନିଆ, ୧୨।୩(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ଗୋଷ୍ଠୀ ଦିବ୍ୟାଙ୍ଗ ସାଧନକେନ୍ଦ୍ର ପରିସରରେ ଚାଲିଥିବା ଦିବ୍ୟାଙ୍ଗ ପିଲାଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆଇନା ପକ୍ଷରୁ ଆୟୋଜିତ ଉକ୍ତ ଶିବିର ଗତ ୬ତାରିଖରୁ ଆରମ୍ଭ ହୋଇଥିଲା। ଏହି ଶିବିରରେ ଦିବ୍ୟାଙ୍ଗ ପିଲାଙ୍କ ଭୌତିକ ଚିକିତ୍ସା ଏବଂ ବାକ୍ ପ୍ରଶିକ୍ଷଣ ଦିଆଯାଇଥିଲା। ୧୦ଜଣ ଶାରୀରିକ ଅକ୍ଷମତା ଏବଂ ୧୦ଜଣ ଶ୍ରବଣ କଥନ ଅକ୍ଷମତା ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯାଇଛି। ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଫିଜିଓଥେରାପି ଓ ସ୍ପିଚଥେରାପି କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଅଧ୍ୟକ୍ଷତାରେ କୈଳାସ ଚନ୍ଦ୍ର ସେଠୀ, ରଞ୍ଜିତା ବେଉରା, ରଶ୍ମିତା ସାହୁ, କେଶବ ନାୟକ, ଆଲୋକ ସ୍ୱାଇଁ, ଶୁଭସ୍ମିତା ବିଶ୍ୱାଳ, ଲିପ୍ସା ସାମନ୍ତରାୟ, ମୋନାଲି ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ମା'ବାଉତୀ କ୍ରିକେଟ୍ କ୍ଲବ୍ କୁରାଢ଼ମଲ୍ଲ ଚାମ୍ପିୟନ

ଖୋର୍ଦ୍ଧା, ୧୨।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅଧୀନ କୁରାଢ଼ମଲ୍ଲଠାରେ ଚାଲିଥିବା ରୀତା ଟିଙ୍କିନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ମା'ବାଉତୀ କ୍ରିକେଟ କ୍ଲବ କୁରାଢ଼ମଲ୍ଲ ଟିମ୍ ଚାମ୍ପିୟନ ହୋଇଛି। ବୁଧବାର ଫାଇନାଲ ମ୍ୟାଚ୍ ଆୟୋଜକ ମା'ବାଉତୀ କ୍ରିକେଟ କ୍ଲବ କୁରାଢ଼ମଲ୍ଲ ଏବଂ ଷ୍ଟାର ଇଲେଭେନ ସାରୁଆ ମଧ୍ୟରେ ହୋଇଥିଲା। ଟସ୍ ଜିତି ମା' ବାଉତୀ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ୮ ଉଇକେଟ ବିନିମୟରେ ୧୫୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ତିରୁପତି ସାମନ୍ତରାୟ ୩୧ରନ କରିଥିଲେ। ଜବାବରେ ଷ୍ଟାର ଇଲେଭେନ ଟିମ୍ ୧୪ ଓଭରରେ ୬ ଉଇକେଟ ବିନିମୟରେ ୧୪୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମର ତିରୁପତି ସାମନ୍ତରାୟ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଝଜ ସାମନ୍ତରାୟ ଏବଂ ଶ୍ରଦ୍ଧାନନ୍ଦ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ରଞ୍ଜନ ନାୟକ ଏବଂ ପ୍ରଭୁ ପ୍ରିତମ ସାମନ୍ତରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆଶୁତୋଷ ମହାପାତ୍ର ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। କୁରାଢ଼ମଲ୍ଲ ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ସାମନ୍ତରାୟ, ସାମାଜିକ କର୍ମୀ ଗୋପୀନାଥ ମହାରଥୀ, କମଲ କୁମାର ଜଗଦ୍ଦେବ, ବୈକୁଣ୍ଠ ସାମନ୍ତରାୟ, ପ୍ରକାଶ ପରିଡ଼ା, ସନ୍ତୋଷ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଏଂ ରନର୍ସଅପ୍ ଟିମକୁ ପୁରସ୍କାର ପ୍ରଦାନ କରିଥିଲେ।

# 'ନମ୍ରତା ହେଉଛି ବିଦ୍ୟାର୍ଥୀଙ୍କ ଅଳଙ୍କାର'

ବୋଲଗଡ଼, ୧୨।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଶଙ୍କରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ବାସୁଦେବ ଦାସଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ରିଗେଡିୟର ଡା.ପ୍ରଫୁଲ୍ଲ କୁମାର ସାହୁ ଯୋଗଦେଇ ନମ୍ରତା ହେଉଛି ବିଦ୍ୟାର୍ଥୀଙ୍କ ଅଳଙ୍କାର ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ଶିକ୍ଷାବିତ୍ କାଳିଚରଣ ଜୟସିଂହ ଯୋଗଦେଇ ବିଦ୍ୟା ଅଧ୍ୟୟନ ଦ୍ୱାରା ଜ୍ଞାନର ବିକାଶ ହୋଇଥାଏ କହିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ମାଧବ ଚନ୍ଦ୍ର ପଣ୍ଡା, ସରପଞ୍ଚ ପ୍ରମୋଦ ରାଉତରାୟ, ସାମାଜିକକର୍ମୀ ସୁଶାନ୍ତ କୁମାର ପାଇକରାୟ, ଶ୍ୟାମ ସୁନ୍ଦର ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ନିରଞ୍ଜନ ପ୍ରଧାନ, ପରିଚାଳନା କମିଟି ସଭାପତି ସତ୍ୟ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୧୫୫ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କମିଟିର ସଭ୍ୟାସଭ୍ୟ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଞ୍ଜନ କୁମାର ଜୟସିଂହ ଧନ୍ୟବାଦ ଦେଇଥିଲେ।



ଶଙ୍କରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ଭଙ୍ଗାଘରେ ବିତୁଛି ଜୀବନ

**ଗୃହ ଯୋଗାଇ ଦେବାକୁ ନିବେଦନ**

ନିରାକାରପୁର, ୧୨।୩
(ମାନସ ଚନ୍ଦ୍ର ପଟ୍ଟନାୟକ)

ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ଉଦ୍ଦେଶ୍ୟରେ ବାସହୀନ ପରିବାରଙ୍କୁ ବିଭିନ୍ନ ଯୋଜନାରେ ସରକାରୀ ଆବାସ ଯୋଜନା ଯୋଗାଇ ଦିଆଯାଉଛି, ହେଲେ ପଞ୍ଚାୟତସ୍ତରରେ କଳୁଷିତ ରାଜନୀତି ପାଇଁ ଯୋଜନାଗୁଡ଼ିକ ନିମ୍ନସ୍ତରରେ କାର୍ଯ୍ୟକ୍ଷମ ହୋଇପାରୁନି। ଏଭଳି ଦୁରବସ୍ଥା ଦେଖିବାକୁ ମିଳିଛି ରମାମଣି, ମନୋରମା ଓ ରଞ୍ଜିତାଙ୍କ ଭଳି ବାସହୀନ ପରିବାର କ୍ଷେତ୍ରରେ।

ସୂଚନାନୁଯାୟୀ, ନିରାକାରପୁର ପଞ୍ଚାୟତ ଅଧୀନସ୍ଥ ଲେବୁଲକ୍ରସିଂ ନିକଟରେ ରେଲ୍‌ୱେର ପରିତ୍ୟକ୍ତ ଜାଗାରେ ଏକ ପଲିଥିନ ଘେରା ଜରି ତଳେ ମୁଣ୍ଡ ଗୁଞ୍ଜିଛନ୍ତି ରମାମଣୀ ଦେଇ।



ବୟସର ଅପରାହ୍ନରେ ପହଞ୍ଚିଥିଲେ ସୁଦ୍ଧା ପେଟ ଚାଖଣ୍ଡେ ପାଇଁ ସ୍ଥାନୀୟ ଚା, ଜଳଖିଆ, ହୋଟେଲ ଆଦିରେ ପାଣି ଦେଇ ପେଟ ପୋଷୁଛନ୍ତି। ଏବେ ଗଳଗଣ୍ଡ ରୋଗରେ ପୀଡ଼ିତ ହୋଇଥିଲେ ସୁଦ୍ଧା ବଞ୍ଚିବା ପାଇଁ ଏବେ ତାଙ୍କର ଜୀବନ ଦୁର୍ବିସହ ହୋଇପଡ଼ିଛି। ତଥାପି ମୁଣ୍ଡ ଗୁଞ୍ଜିବା ପାଇଁ ପଞ୍ଚାୟତଠାରୁ ଆରମ୍ଭକରି ବ୍ଲକ ପର୍ଯ୍ୟନ୍ତ ଧାଇଁ ଧାଇଁ ଥକି ପଡ଼ିଥିଲେ ସୁଦ୍ଧା ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଫଳରେ ପେଟରୁ କାଟି ବଳକା ଅର୍ଥରେ ପଲିଥିନ କିଣି ମୁଣ୍ଡ ଗୁଞ୍ଜିଥିବା ସେ ଅଭିଯୋଗ କରିଛନ୍ତି।

ଅନୁରୂପ ଭାବେ ଡିଆ ପଞ୍ଚାୟତ ଅଧୀନ ୮ନଂ. ୱାର୍ଡ ଭୋଇସାହି ଗ୍ରାମର ମନୋରମା ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ ତାଙ୍କର ସ୍ୱାମୀ ଜଣେ ଦିନ ମଜୁରିଆ। ଯେତିକି ରୋଜଗାର କରୁଛନ୍ତି, ସେଥିରେ ଚାରିପ୍ରାଣୀ କୁଟୁମ୍ବଙ୍କ ପେଟକୁ ଅଣ୍ଟୁନି। ଆର୍ଥିକସ୍ଥିତି ଖରାପ ଯୋଗୁ ଘର ମରାମତି ହୋଇପାରୁ ନାହିଁ। ଫଳରେ ବାଧ୍ୟ ହୋଇ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଥିବା ସେ ଅଭିଯୋଗ କରିଛନ୍ତି।

ଉକ୍ତ ଗ୍ରାମର ରଞ୍ଜିତା ମହାନ୍ତିଙ୍କ ଅବସ୍ଥା ମଧ୍ୟ ଏକାଭଳି। ଗତ ଫନି ବାତ୍ୟାରେ ଘର ଭାଙ୍ଗି ଯାଇଥିଲେ ସୁଦ୍ଧା ପଞ୍ଚାୟତସ୍ତରରେ ହୀନ ରାଜନୀତି ପାଇଁ ସେ ମଧ୍ୟ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସରକାର ଗୃହ ଯୋଗାଇଦେବାକୁ ବାସହୀନମାନେ ପ୍ରଶାସନକୁ ନିବେଦନ କରିଛନ୍ତି।

**ଟ୍ରେନ ଶୌଚାଳୟରୁ ଗଳିତ ମୃତଦେହ ଜବତ**

କଟକ,(କାର୍ତ୍ତିକ ସାହୁ): ପୁରୀ-ଭଦ୍ରକ ମେମୁ ଟ୍ରେନ ଶୌଚାଳୟ ମଧ୍ୟରୁ ଏକ ଗଳିତ ମୃତଦେହକୁ ବୁଧବାର ରେଲୱେ ପୋଲିସ ଜବତ କରିଛି। ମୃତକ ହେଉଛି ରେଲୱେର ଟ୍ରାକ୍ ମ୍ୟାନେଜର ଭାବେ କାର୍ଯ୍ୟରତ ପୁରୀ ସତ୍ୟବାଦୀର ଧର୍ତ୍ତି ବେହେରା(୪୫)। ସେ ଶୌଚାଳୟ ଯାଇଥିବାବେଳେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। କଟକ ଜିଆରପି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଆଜି ଶ୍ରୀମନ୍ଦିର ଦୋଳବେଦିରେ ଅଗ୍ନି ଉତ୍ସବ




୧୨।୩।୨୦୨୫

| ୫,୫୭,୩୫୪ ଟଙ୍କା | |
|---|---|
| ସୁନା | ୩.୪୦୦ ଗ୍ରାମ୍ |
| ରୁପା | ୪୭ ଗ୍ରାମ୍ |

ପୁରୀ,୧୨।୩(ଅଜିତ କୁମାର ମହାନ୍ତି)

ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଗୁରୁବାର ଦୋଳବେଦିରେ ମହାପ୍ରଭୁଙ୍କ ଅଗ୍ନି ଉତ୍ସବ ବା ମେଣ୍ଢାପୋଡ଼ି ନୀତି ସମ୍ପନ୍ନ ହେବ। ସେହିପରି ଶୁକ୍ରବାର ଦୋଳବେଦିରେ ଦୋଳପୂର୍ଣ୍ଣିମା ନୀତି ଅନୁଷ୍ଠିତ ହେବ। ଅଗ୍ନି ଉତ୍ସବ ବା ମେଣ୍ଢାପୋଡ଼ି ନୀତି ଅବସରରେ ଠାକୁରଙ୍କ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ।

ପୂର୍ବରୁ ଅନୁଷ୍ଠିତ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ମେଣ୍ଢାପୋଡ଼ି ନୀତି ନିର୍ଘଣ୍ଟ ଅନୁମୋଦିତ ହୋଇସାରିଛି। ୧୩ ତାରିଖ ଭୋର ୩ ଟାରେ ଶ୍ରୀମନ୍ଦିର ଦ୍ୱାରଫିଟା ହୋଇ ୩.୩୦ରେ ଭିତର ଶୋଧ ୪ଟାରେ ମଙ୍ଗଳ ଆରତି, ୪ଟା ୧୫ରେ ମଇଲମ, ୪ଟା ୪୦ରେ ତଡ଼ପ ଲାଗି, ୫ଟା ୩୦ରେ ଅବକାଶ, ୬ଟାରେ ରୋଷହୋମ, ବେଶ ଶେଷ ୬ଟା ୩୦ ହୋଇ ୬ଟା ୩୦ରେ ସୂର୍ଯ୍ୟପୂଜା, ୭ରେ ଦ୍ୱାରପାଳ ପୂଜା, ୭ଟା ୩୦ରେ ଗୋପାଳବଲ୍ଲଭ, ୯ ସକାଳଧୂପ ୯ଟାରେ (କେବଳ କୋଠଭୋଗ), ମଇଲମ ଓ ବେଶ ୯ଟା ୩୦ରୁ ୧୦ଟା, ଗୁରୁବାର ମାଜଣା ୯ଟା ୩୦ , ଭୋଗମଣ୍ଡପ ଉଠିବ ୮ଟା ୩୦ରୁ ୧୦ଟା ୩୦, ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ) ୧୧ଟାରୁ ୧୨ଟା ୩୦, ଦ୍ୱିତୀୟ ଭୋଗମଣ୍ଡପ ୧୨ଟା ୧୫ରୁ ୧ଟା୪୫, ମଇଲମ ୨ଟା, ମେକାପ ସର୍ବାଙ୍ଗ ୨ଟା ୩୦, ଲକ୍ଷ୍ମୀ ସରସ୍ୱତୀ ବେହେରଣକୁ ବିଜେ ୨ଟା ୪୦, ଚାଚେରୀ ବେଶ ୩ଟା ୪୦, ଚାଚେରୀ ଭୋଗ ଓ ଦକ୍ଷିଣ ଘର ଭୋଗ ୫ଟା, ଘଣ୍ଟ, ଛତା ଫଗୁ ସର୍ବାଙ୍ଗ ୫ଟା ୩୦, ବନ୍ଦାପନା ଓ ରାଜନୀତି ୫ଟା ୪୫, ମହାଲକ୍ଷ୍ମୀ ମନ୍ଦିରକୁ ବିଜେ ଓ ସନ୍ଧ୍ୟା ଆଳତି ୬ଟା, ମହାଲକ୍ଷ୍ମୀ ମନ୍ଦିରରେ ନୀତି ଶେଷ ୭ଟା, ଠାକୁର ଦୋଳବେଦିକୁ ବିଜେ ୭ଟା ୧୫, ସନ୍ଧ୍ୟାଧୂପ ୬ଟା ୪୫ରୁ ୮ଟା, ଦୋଳବେଦିରୁ ଠାକୁର ଶ୍ରୀମନ୍ଦିର ବାହୁଡ଼ା ବିଜେ ୯ଟା ୧୫, ମଇଲମ ଓ ଚନ୍ଦନ ଲାଗି ରାତି ୧୦ଟା, ବଡ଼ସିଂହାର ବେଶ ୧୧ଟା, ବଡ଼ ସିଂହାର ଭୋଗ ୧୧.୪୫ ଏବଂ ରାତ୍ର ପହୁଡ଼ ରାତି ୧୨ଟା ସମ୍ପନ୍ନ ହେବା ନେଇ ନୀତି ଚୂଡ଼ାନ୍ତ କରାଯାଇଛି।

## ଦୋଳପୂର୍ଣ୍ଣିମା ପାଇଁ ସଜେଇ ହେଉଛି ଦୋଳବେଦି

ପୁରୀ,୧୨।୩(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଦୋଳଯାତ୍ରା ଅନ୍ୟତମ। ଏହି ଦିନ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ସୁନାବେଶ ଅନୁଷ୍ଠିତ ହୋଇଥାଏ। ଏଥିସହ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ମଣି ବିମାନରେ ଦୋଳବେଦିକୁ ବିଜେ କରିବା ସହ ଭକ୍ତଙ୍କ ସହିତ ଅବିର ଓ ଫଗୁ ଖେଳିବେ। ଆସନ୍ତା ୧୪ ତାରିଖ ଦୋଳପୂର୍ଣ୍ଣିମା ଥିବାରୁ ଏନେଇ ଦୋଳବେଦିକୁ ସୁସଜ୍ଜିତ କରାଯାଇ ଚାନ୍ଦୁଆ ମରାମତି କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଅପରପକ୍ଷେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଓ ଶେଡ୍ ସମେତ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବ୍ୟବସ୍ଥା ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଦୋଳପୂର୍ଣ୍ଣମୀ ନୀତିନିର୍ଘଣ୍ଟ ଛତିଶା ନିଯୋଗ ବୈଠକରେ ଚୂଡ଼ାନ୍ତ ହୋଇଛି। ମନ୍ଦିର ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି। ଭକ୍ତମାନେ ଅତି ଆନନ୍ଦଉଲ୍ଲାସରେ ଦୋଳ ପୂର୍ଣ୍ଣମୀକୁ ପାଳନ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏନେଇ ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର କହିଛନ୍ତି, ଦୋଳପୂର୍ଣ୍ଣମୀରେ ଦୋଳବେଦିରେ ସମୁଦାୟ ୧୯ଟି ଚାନ୍ଦୁଆ ଲାଗି ହୋଇଥାଏ। ନବକଳେବର ବର୍ଷ ଚାନ୍ଦୁଆ ନୂଆ ତିଆରି ହୋଇଥାଏ। କିନ୍ତୁ ଦୋଳପୂର୍ଣ୍ଣିମା ପୂର୍ବରୁ ସମସ୍ତ ଚାନ୍ଦୁଆର ମରାମତି କାର୍ଯ୍ୟ କରାଯାଇଥାଏ। ସମସ୍ତ ଚାନ୍ଦୁଆର ମରାମତି ଶେଷହୋଇ ବର୍ତ୍ତମାନ ଚାନ୍ଦୁଆ ଲାଗିହେବ ବୋଲି ମହାପାତ୍ର କହିଛନ୍ତି। ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି, ଆସନ୍ତା ୧୩ ତାରିଖରେ ମେଣ୍ଢାପୋଡ଼ି ନୀତି ଅନୁଷ୍ଠିତ ହେବାକୁ ଥିବାବେଳେ ୧୪ ତାରିଖରେ ଦୋଳପୂର୍ଣ୍ଣିମା ନୀତି ହେବ। ଠାକୁର ୨ ଦିନ ଦୋଳବେଦିକୁ ଆସି ନୀତି ସମ୍ପାଦନ କରିବେ। ସେଥିପାଇଁ ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି। ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନାଭିକଟା ମଣ୍ଡପର ରଙ୍ଗକାର୍ଯ୍ୟ ଶେଷ ହୋଇଛି। ୧୩ ତାରିଖରେ ଭୋଇସେବକ ଆସି ଚାନ୍ଦୁଆ ବାନ୍ଧିବେ ବୋଲି ମେକାପ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପିସିଆର୍ ଭ୍ୟାନ୍ ଧକ୍କାରେ ୨ ଗୁରୁତର

ନିମାପଡ଼ା,୧୨।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ତହସିଲ ଅଫିସ ଛକଠାରେ ବୁଧବାର ଅପରାହ୍ନରେ ନିମାପଡ଼ା ପିସିଆର୍ ଭ୍ୟାନ(ଓଡି ୦୫୧-୭୩୩୪) ଧକ୍କାରେ ବାଇକ୍ (ଓଆର୍ ୧୩ ଇ ୨୧୮୩)ରେ ଯାଉଥିବା ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ଥାନା ଅଧୀନ ରଚିଲୋ ପଞ୍ଚାୟତର ବରୁଣିଚକ ଗ୍ରାମର ବିଜୟ କୁମାର ମହାନ୍ତି(୪୨) ଓ ନାଗବସ୍ତ ଗ୍ରାମର ସରୋଜ କୁମାର ନାୟକ(୪୮)। ଆହତ ଦ୍ୱୟଙ୍କୁ ପିସିଆର୍ ଭ୍ୟାନ ଯୋଗେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆହତ ଦ୍ୱୟଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇ ଅବସ୍ଥା ଗୁରୁତର ହୋଇପଡ଼ିଥିବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଆଇଆଇସି ବାମଦେବ ସ୍ୱାଇଁ ପ୍ରମୁଖ ମେଡିକାଲରେ ପହଞ୍ଚି ଆହତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ବିଦ୍ୟୁତ୍ ମିଟର ରିଡିଂ କର୍ମଚାରୀ ଓ ତାଙ୍କ ସହଯୋଗୀ କାର୍ଯ୍ୟ ସାରି ବାଇକ୍‌ରେ ଘରକୁ ଯାଉଥିବାବେଳେ ଥାନା ପଟୁ ଯାଉଥିବା ପିସିଆର୍ ଭ୍ୟାନ ବାଇକ୍‌କୁ ଧକ୍କା ଦେଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଜଣାପଡ଼ିଛି। ରିପୋର୍ଟ ଲେଖାଯିବା ବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ସଞ୍ଜିତ ପାଇଲେ ଶ୍ରେଷ୍ଠ କୃଷି ଉଦ୍ୟୋଗୀ ସମ୍ମାନ

ପିପିଲି,୧୨।୩(ଦୁର୍ଗାମାଧବ ମିଶ୍ର)

ଭୁବନେଶ୍ୱରସ୍ଥିତ ଉତ୍କଳ ଚାମ୍ବର ଅଫ୍ କମର୍ସ ଏବଂ ମାରୁତି ମିଡ଼ିଆ ଦ୍ୱାରା ଚାଲିଥିବା ଦୁଇ ଦିନିଆ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସମସ୍ତ ଜିଲାରୁ ବିଭିନ୍ନ କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରାୟ ଦୁଇ ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। କୃଷିକ୍ଷେତ୍ରରେ ଓଡ଼ିଶା ପାଇଁ ଅବଦାନ ଥିବା ଓଡ଼ିଶାର ସାତଜଣ ସଫଳ କୃଷି ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ପୁରୀ ଜିଲାରୁ ମାତ୍ର ଜଣେ ପିପିଲିର କୃଷି ଉଦ୍ୟୋଗୀ ସଂଜିତ ମହାନ୍ତିଙ୍କୁ ଛତୁଚାଷ ଏଂ ଛତୁ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେଇ ପ୍ରାୟ ଦଶହଜାର ଚାଷୀଙ୍କୁ ସ୍ୱାବଲମ୍ବୀ କରାଇ ଓଡ଼ିଶା କୃଷିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିବାରୁ 'ଉତ୍କଳ ଚାମ୍ବର ଅଫ୍ କମର୍ସ' ଓଡ଼ିଶା ପକ୍ଷରୁ ୨୦୨୫ ବର୍ଷ ପାଇଁ ଶ୍ରେଷ୍ଠ କୃଷି ଉଦ୍ୟୋଗୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉତ୍କଳ ଚାମ୍ବର ଅଫ୍ କମର୍ସର ଅଧ୍ୟକ୍ଷ ପ୍ରଦୀପ ମହାନ୍ତି, ନିର୍ଦ୍ଦେଶକ କମଳାକାନ୍ତ ମହାନ୍ତି ଏବଂ ମାରୁତି ମିଡ଼ିଆର ମୁଖ୍ୟ ମନୋଜ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।



ପୁରୀ ଶ୍ରୀଲୋକନାଥ ପୀଠସ୍ଥିତ ଥାନପତି ଆଶ୍ରମ ପକ୍ଷରୁ ଅନୁଷ୍ଠିତ ସାମୂହିକ ବ୍ରତୋପନୟନ । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଭୁବନେଶ୍ୱରକୁ ହରାଇ ରାଉରକେଲା ସେମିରେ



ଜଣେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି ।

**ରାଜ୍ୟସ୍ତରୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଗୋପ,୧୨।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଦ୍ୱିତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର ସ୍ମାଟନ କ୍ଲବକୁ ୫ ଉଇକେଟରେ ହରାଇ ରାଉରକେଲାର ଆର୍.ଏସ୍. ସ୍ପୋର୍ଟସ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଭୁବନେଶ୍ୱର ସ୍ମାଟନ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବେଳେ ନିର୍ଦ୍ଧାରିତ ୨୫ ଓଭରରୁ ମାତ୍ର ୧୬.୩ ଓଭର ଖେଳି ୭୪ ରନ୍ କରିଥିଲା। ଏହାର ଜବାବରେ ରାଉରକେଲାର ଆର୍.ଏସ୍. ସ୍ପୋର୍ଟସ କ୍ଲବ ବ୍ୟାଟିଂକରି ୫ ଉଇକେଟ ହରାଇ ୭୬ ରନ୍ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌କୁ ଦେବେନ୍ଦ୍ର କୁମାର ମିଶ୍ର, ପ୍ରମୋଦ କୁମାର ସିହ୍ନା ପରିଚାଳନା କରିଥିବା ବେଳେ ବିଜୟୀ ଦଳର ଶ୍ରଦ୍ଧାଗିରି ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇ ଅତିଥି ଭାବେ ଯୋଗଦେଇଥିବା ବରେଶ କୁମାର ସେନାପତି ଟ୍ରଫି ପ୍ରଦାନ କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ରାଉରକେଲାର ଆର୍.ଏସ୍. ସ୍ପୋର୍ଟସ୍ ସହିତ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ଶୁଭେନ୍ଦୁ କୁମାର ପୃଷ୍ଟି, ସୁବାସ ସେନାପତି, କାମାକ୍ଷା ପ୍ରସାଦ ଦଳବେହେରା, ଦୀପକ କୁମାର ସ୍ୱାଇଁ, ବୈଲୋଚନ ସାହୁ ପ୍ରମୁଖ ସୂଚନା ଦେଇଛନ୍ତି।

## ସୁରକ୍ଷା ବାହିନୀରେ ନବନିଯୁକ୍ତ ଯୁବବର୍ଗଙ୍କୁ ଶୁଭେଚ୍ଛା ଜ୍ଞାପନ

ପୁରୀ,୧୨।୩(ଅଜିତ୍ କୁମାର ମହାନ୍ତି)

ଆୟୁଷ୍ ଆଥ୍‌ଲେଟିକ୍ସର ନିଷ୍ଠା ଓ ପ୍ରତିବଦ୍ଧତା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ। ସେମାନଙ୍କ ପରିଶ୍ରମର ଫଳ ସ୍ୱରୂପ ଚଳିତବର୍ଷ ୧୦ ଜଣ ଆଥ୍‌ଲେଟ ସରକାରୀ ଚାକିରିରେ ନିଯୁକ୍ତି ପାଇପାରିଛନ୍ତି। ଏହା ଏକ ସୁନ୍ଦର ପଦକ୍ଷେପ ଓ ଅନୁକରଣୀୟ ବୋଲି ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କହିଛନ୍ତି। ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରାସ୍ତା ପୂଜାପଣ୍ଡା କନଭେନଶନଠାରେ ଆୟୁଷ ଆଥ୍‌ଲେଟିକସ୍ ଅନୁଷ୍ଠାନ ପକ୍ଷରୁ ବୁଧବାର ସୁରକ୍ଷା ବାହିନୀରେ ନବନିଯୁକ୍ତ ଯୁବବର୍ଗଙ୍କୁ ଶୁଭେଚ୍ଛା ଜ୍ଞାପନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ସୂଚନାଯୋଗ୍ୟ, ଆୟୁଷ ଆଥ୍‌ଲେଟିକସ୍‌ର ପ୍ରତିଷ୍ଠାତା ରଶ୍ମିରଞ୍ଜନ ପାତ୍ରଙ୍କ ତତ୍ତ୍ୱାବଧାନରେ କେତେଜଣ ଯୁବକ ଦୈନିକ ପ୍ରତ୍ୟୁଷରୁ ପୁରୀ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ବିଭିନ୍ନ ଶାରୀରିକ ବ୍ୟାୟାମ କରିବା ସହ ପ୍ରଶିକ୍ଷଣ ନେଇଥାନ୍ତି। ଏହିଭଳି ପ୍ରଶିକ୍ଷିତମାନେ ବିଭିନ୍ନ ପ୍ରତିଯୋଗିତା ଓ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ପୂର୍ବରୁ ୫ଟି ବ୍ୟାଚରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପିଲା ସରକାରୀ ଚାକିରି କରୁଥିବାବେଳେ ଚଳିତବର୍ଷ ମାନସ କୁମାର ସ୍ୱାଇଁ, ଚନ୍ଦ୍ରକାନ୍ତ ବେହେରା, ଚନ୍ଦନ ପ୍ରଧାନ, ଅମିତ କୁମାର ଜେନା, ରାକେଶ କୁମାର ବେହେରା, ବିଦ୍ୟାଧର ବେହେରା, ସୁନିଲ କୁମାର ସାହୁ, ରୁଦ୍ରପ୍ରସାଦ ସାହୁ ସଫଳ ହୋଇ ଶୁଭେଚ୍ଛା ପତ୍ର ଗ୍ରହଣ କରିଥିଲେ। ଏହି ମହତ୍ କାର୍ଯ୍ୟ ଦ୍ୱାରା ବିପଥଗାମୀ ହେଉଥିବା ପିଲାମାନେ ଭଲ ବାଟକୁ ଆସିବା ସହ କର୍ମ ନିଯୁକ୍ତି ପାଇଁ ଚେଷ୍ଟିତ ହେବେ ବୋଲି ସେଠୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସେବାୟତ ତଥା କ୍ରୀଡ଼ାବିତ୍ କୃପାସିନ୍ଧୁ ପୂଜାପଣ୍ଡା, ବେଲଦଳ ସରପଞ୍ଚ ବିପିନ ଦାସ, ବିଚିତ୍ର ପ୍ରଧାନ, ଜିତେନ୍ଦ୍ର ପରିଡ଼ା, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିବା ସହ ଯୁବବର୍ଗଙ୍କୁ ଏହା ନୂଆ ଦିଶା ଦେଖାଇବ ବୋଲି ଆଶା କରିଥିଲେ।

# ଝାଡ଼ଖଣ୍ଡରୁ ଅଭିଯୁକ୍ତ ଗିରଫ

ପୁରୀ,୧୨।୩(ଅଜିତ୍ କୁମାର ମହାନ୍ତି)

**ଉପମୁଖ୍ୟମନ୍ତ୍ରୀଙ୍କୁ ସୋସିଆଲ ମିଡିଆରେ ଅଶ୍ଳୀଳ ଭାଷା ପ୍ରୟୋଗ ଘଟଣା**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସୋସିଆଲ ମିଡିଆରେ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ ଫଟୋ ଏଡିଟିଂ କରି ଶ୍ରଦ୍ଧାଞ୍ଜଳି ଦେବା ଘଟଣାରେ ବୁଧବାର ଅଭିଯୁକ୍ତ ବାଲେଶ୍ୱର ଜିଲାର ମନୋଜ ନାୟକଙ୍କୁ ପୁରୀ ସାଇବର ଥାନା ପୋଲିସ ଝାଡ଼ଖଣ୍ଡରୁ ଗିରଫ କରିଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଗତ ୭ତାରିଖରେ ମନୋଜ ତାଙ୍କ ଫେସବୁକ୍ ଆକାଉଣ୍ଟରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ଅସଭ୍ୟ ଭାଷା ପ୍ରୟୋଗ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାହାକୁ ସୋସିଆଲ ମିଡିଆରେ ବହୁ ମାତ୍ରରେ ଶେୟାର କରାଯାଇଥିଲା। ଏହାକୁ ବିରୋଧକରି ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ପୁରୀ ସାଇବର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ସାଇବର ଥାନା ପୋଲିସ ଦଫା ୨୯୪, ୩୩୬ (୨) (୩) (୪), ୩୪୦ (୨), ୩୫୬ (୨), ୩ (୫) ବିଏନ୍‌ଏସ୍, ଏବଂ ୬୭/୬୭ (ଏ) ଆଇଟି ଆକ୍ଟରେ ଏକ କେସ୍ (ନଂ. ୯/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସାଇବର ଥାନା ଆଇଆଇସି ସଂଘମିତ୍ରା ନାୟକ ଏହି ଘଟଣାର ତଦନ୍ତ କରିଥିଲେ। ଅଭିଯୁକ୍ତ ଜଣକ ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ଡିମିରିଚୁଆ ଗ୍ରାମର ମନୋଜ କୁମାର ନାୟକ ବୋଲି ଜଣାପଡ଼ିଥିଲା। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସାଇବର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗଠନ କରାଯାଇଥିଲା। ଏହି ସ୍ୱତନ୍ତ୍ର ଟିମ୍ ପ୍ରଥମେ ବାଲେଶ୍ୱରକୁ ଯାଇଥିଲେ ମଧ୍ୟ ଅଭିଯୁକ୍ତ ଖବର ପାଇ ଫେରାର ହୋଇଯାଇଥିଲେ। ପରେ ପୋଲିସ ଟିମ୍ ସାଇବର ସେଲ୍ ସାହାଯ୍ୟ ନେଇ ଅଭିଯୁକ୍ତ ମନୋଜ ଝାଡ଼ଖଣ୍ଡରେ ଥିବା ଖବର ପାଇ ତାଙ୍କୁ ସେଠାରୁ କାବୁ କରିଥିଲା।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ବିକ୍ଷୋଭ




ବିଭିନ୍ନ ଦାବିନେଇ ଆଉଟ୍ ସୋର୍ସିଂ କର୍ମଚାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି ।

ପୁରୀ,୧୨।୩(ଅଜିତ୍ କୁମାର ମହାନ୍ତି)

ଠିକା କର୍ମଚାରୀମାନେ ଶୋଷିତ ହେଉଥିବା ଅଭିଯୋଗ କରି ପୁରୀ ଜିଲା ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସମସ୍ୟାର ସମାଧାନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଉନାହିଁ। ସରକାରୀ ଦପ୍ତରରେ ଖାଲିପଡ଼ିଥିବା ପଦବୀରେ ନିଯୁକ୍ତି ନ କରି ଏଜେନ୍ସି ମାଧ୍ୟମରେ ଠିକା ଭାବେ କାମରେ ଲଗାଇ କର୍ମଚାରୀଙ୍କୁ ଶୋଷଣ କରାଯାଉଛି। ୧୦/୧୫ ବର୍ଷ ଧରି କର୍ମଚାରୀମାନେ ଆଉଟ୍‌ସୋର୍ସିଂ ଭାବେ କାମ କଲାପରେ ମଧ୍ୟ ସରକାର ସେମାନଙ୍କୁ ସ୍ଥାୟୀ କରୁନାହାନ୍ତି। ସ୍ୱାସ୍ଥ୍ୟ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ହଜାର ହଜାର ପଦବୀ ଖାଲିପଡ଼ିଛି। ଏହି ପରିପ୍ରେକ୍ଷୀରେ ମେଡିକାଲ ଠିକା କର୍ମଚାରୀ ସଂଘ ସଭାପତି ତଥା ଜିଲା ଆଉଟ୍‌ସୋର୍ସିଂ ସଂଘର ଉପଦେଷ୍ଟା ସିଆଇଟିୟୁ ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁ ଯୋଗଦେଇ କହିଛନ୍ତି, ଆଉଟ୍‌ସୋର୍ସିଂ ଏକ ଘୃଣ୍ୟ ପ୍ରଥା, ତାକୁ ଉଚ୍ଛେଦ ନ କରି ଶିକ୍ଷିତ ବେକାରଙ୍କୁ ୧୦ରୁ ୧୨ ହଜାର ଟଙ୍କାରେ ସରକାର ଖଟାଉଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୧୭ରୁ ଜିଲାର ସମସ୍ତ ଅଫିସ୍‌ରେ କର୍ମଚାରୀମାନେ କର୍ମକ୍ଷେତ୍ରରେ କଳାବ୍ୟାଜ୍ ପିନ୍ଧିବେ। ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ୨୪ରୁ ହରତାଳ ହେବ ବୋଲି ରାୟଗୁରୁ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୀପକ ପାଣି, ବିଶ୍ୱ ରଞ୍ଜନ, ଅନିଲ ସୁବୁଦ୍ଧି, ତ୍ରିନାଥ ଭୋଇ, ମଧୁ ସାହୁ, ଦୀପକ ମହାନ୍ତି, ଅଭିମନ୍ୟୁ ସାହୁ, ଦୀପକ ଗୋଚ୍ଛାୟତ, ବିଶ୍ୱଜିତ୍ ସେଠୀ, ଶଙ୍କର ବେହେରା ପ୍ରମୁଖଙ୍କ ସମେତ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।

# ଷଣ୍ଢ ଆକ୍ରମଣରେ ମହିଳା ମୃତ

ପିପିଲି,୧୨।୩(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲିରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଷଣ୍ଢ ଆକ୍ରମଣରେ ଜଣେ ମହିଳା ମୃତ୍ୟୁବରଣ କରିଥିବାବେଳେ ଜଣେ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଚନ୍ଦ୍ରାଦେଇପୁର ପଞ୍ଚାୟତର ଆରସାହି ଗ୍ରାମର ପ୍ରମିଳା ସ୍ୱାଇଁ(୬୫) ସକାଳୁ ନିଜ ଘର ବାରିପଟକୁ ଶୌଚ ପାଇଁ ଯାଉଥିବା ବେଳେ ଏକ ପାଗଳା ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା। ଷଣ୍ଢଟି ଶିଙ୍ଘରେ ମହିଳାଙ୍କ ଜଙ୍ଘ ଓ ବେକ ସହିତ ମୁଣ୍ଡକୁ ଜୋର୍ ଆଘାତ ଦେଇଥିଲା। ଏହି ସମୟରେ ଷଣ୍ଢ ଆକ୍ରମଣରୁ ମହିଳା ଜଣଙ୍କ ନିଜକୁ ରକ୍ଷା କରିପାରି ନ ଥିଲେ। ଷଣ୍ଢଟି ବାରମ୍ବାର ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲା। ଏହାପରେ ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ପ୍ରଥମେ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଷଣ୍ଢଟିର ଆକ୍ରମଣ ଥମି ନ ଥିଲା। ଯେଉଁବାଟ ଦେଇ ଷଣ୍ଢଟି ଯାଉଥିଲା ଯାହାକୁ ଦେଖୁଥିଲା ତାହାକୁ ଆକ୍ରମଣ କରୁଥିଲା। କିଛିଦିନ ପୂର୍ବେ ଷଣ୍ଢଟିକୁ କୁକୁର କାମୁଡ଼ିବା ଫଳରେ ତାହାର ଏଭଳି ଆଚରଣ ଦେଖିବାକୁ ମିଳିଛି। ଷଣ୍ଢଟିକୁ ବହୁଚେଷ୍ଟା ପରେ ଗ୍ରାମବାସୀଙ୍କ ସହିତ ପିପିଲି ଅଗ୍ନିଶମ ବିଭାଗ, ପ୍ରାଣୀ ବିଭାଗ ପକ୍ଷରୁ ଷଣ୍ଢଧରା ଅଭିଯାନ ଆରମ୍ଭ କରାଯାଇଥିଲା। ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଆଲୋକ କୁମାର ମିଶ୍ରଙ୍କ ସମେତ ଅଗ୍ନିଶମ କର୍ମଚାରୀମାନେ ଷଣ୍ଢଟିକୁ ଧରିଥିଲେ। ମୃତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶ୍ୱେତଗଙ୍ଗାରେ ବାପାଙ୍କ ଅସ୍ଥି ବିସର୍ଜନ କଲେ ବାବୁସାନ

ପୁରୀ,୧୨।୩(ଅଜିତ୍ କୁମାର ମହାନ୍ତି):

ଓଡ଼ିଆ ଚଳଚ୍ଚିତ୍ର ଜଗତର ଭେଟେରାନ ଅଭିନେତା ଉତ୍ତମ ମହାନ୍ତିଙ୍କ ଏକାଦଶାହ କର୍ମ ଶେଷ ହେବା ପରେ ତାଙ୍କ ଅସ୍ଥିକୁ ବୁଧବାର ପୁରୀର ପବିତ୍ର ଶ୍ୱେତଗଙ୍ଗା ପୁଷ୍କରିଣୀରେ ବିସର୍ଜନ କରାଯାଇଛି। ଉତ୍ତମଙ୍କ ଏକମାତ୍ର ପୁତ୍ର ଅଭିନେତା ବାବୁସାନ ମହାନ୍ତି ଓ ପୁତ୍ରବଧୂ ତୃପ୍ତି ପୁରୀ ଆସି ପରମ୍ପରା ତଥା ରୀତିନୀତି ଅନୁସାରେ ଶ୍ୱେତଗଙ୍ଗା ତୀର୍ଥ ପୁଷ୍କରିଣୀରେ ଅସ୍ଥି ବିସର୍ଜନ କରିଛନ୍ତି। ବ୍ରାହ୍ମଣଙ୍କ ଉପସ୍ଥିତିରେ ଏହି ଦମ୍ପତି ପୁଷ୍କରିଣୀରେ ତିଳତର୍ପଣ କରିବା ସହ ଶ୍ରାଦ୍ଧପିଣ୍ଡ ଦେଇଥିଲେ। ପରେ ଶ୍ୱେତଗଙ୍ଗାରେ କିଛି ଅସ୍ଥି ବିସର୍ଜନ କରିଥିଲେ।

ଅନ୍ୟପକ୍ଷରେ ବାବୁସାନ ଲଣ୍ଡା ନ ହେବା ନେଇ ତାଙ୍କର ଜଣେ ସମ୍ପର୍କୀୟ କହିଛନ୍ତି, ବାବୁସାନଙ୍କ ଏକ ଫିଲ୍ମର ସୁଟିଂ ଚାଲିଥିବାବେଳେ ଉତ୍ତମ ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଫଳରେ ବାବୁସାନ ଅଧାରୁ ଫିଲ୍ମ ସୁଟିଂ ଛାଡ଼ି ଚାଲିଆସିଥିଲେ। ଆଉ ଏହି ସିନେମା ରଜରେ ରିଲିଜ ହେବା ନେଇ ସେ ସାଇନ କରିଛନ୍ତି। ଉତ୍ତମ ଜୀବିତ ଥିବା ସମୟରେ ବାବୁସାନଙ୍କୁ କହିଥିଲେ ଯେ, ସିନେମା ଆମର ମା'। କାରଣ ସିନେମା ଆମକୁ ଦାନା ଓ ସ୍ୱତନ୍ତ୍ର ପରିଚୟ ଦେଉଛି। ତେଣୁ ସିନେମାକୁ ଗୁରୁତ୍ୱ ଦେବୁ। ଆଗ ରାଜଧର୍ମ ଓ ପରେ ପିତୃଧର୍ମ ପାଳନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସେହି ଅନୁସାରେ ବାବୁସାନ ଲଣ୍ଡା ହୋଇନାହାନ୍ତି। ତେବେ ଫିଲ୍ମ ସୁଟିଂ ସରିବା ପରେ ତ୍ରିବେଣୀ ଯାଇ ସେଠାରେ ଲଣ୍ଡା ହୋଇ ଅସ୍ଥି ବିସର୍ଜନ କରି ଶ୍ରାଦ୍ଧକର୍ମ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଆସନ୍ତା ୧୬ ତାରିଖରେ ସେ ଉତ୍ତମଙ୍କ ପୈତୃକ ଗ୍ରାମ ବାରିପଦା ଯାଇ ସେଠାରେ ଶ୍ରାଦ୍ଧ ଦେଇ ବ୍ରାହ୍ମଣ ଭୋଜନ କରାଇବେ। ଅସ୍ଥି ବିସର୍ଜନ ସମୟରେ ବାବୁସାନଙ୍କ ପରିବାର ବର୍ଗ, ସମ୍ପର୍କୀୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଉତ୍ତମ ମହାନ୍ତିଙ୍କ ଅସ୍ଥି ବିସର୍ଜନ ଅବସରରେ ବାବୁସାନ ମହାନ୍ତି ଓ ତାଙ୍କ ସ୍ତ୍ରୀ ତୃପ୍ତି ପିଣ୍ଡଦାନ କରୁଛନ୍ତି।

# କବିତାରେ ଥାଏ ଜୀବନ ଜିଇବାର ପ୍ରକୃତ ପ୍ରତିଛବି

**ସତ୍ୟବାଦୀ ହାଇସ୍କୁଲରେ କବିତା ଆସର, ପୁସ୍ତକ ଉନ୍ମୋଚନ**

ସାକ୍ଷୀଗୋପାଳ,୧୨।୩(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

କବିର କବିତା ମଧ୍ୟରେ ଥାଏ ଜୀବନ ଜିଇବାର ପ୍ରକୃତ ପ୍ରତିଛବି। ଭୋକିଲା ପେଟର କୋହଠାରୁ ଆରମ୍ଭକରି ଦେଶର ସାର୍ବଭୌମତ୍ୱକୁ ସୁରକ୍ଷା ଦେଇ ଜୀବନକୁ ବାଜି ଲଗାଉଥିବା ଭାରତ ମା'ର ସେହି ବୀରଯବାନଙ୍କ ମାଟି ଓ ପ୍ରେମର କଥା। ବୁଧବାର ଅପରାହ୍ନରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ କବିତା ଆସର ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅବସରରେ ଉପସ୍ଥିତ ଅତିଥି, କବୟିତ୍ରୀ ଓ କବିମାନେ କବିତା ମାଧ୍ୟମରେ ସେମାନଙ୍କ ଭାବନାକୁ ସୁନ୍ଦର ଭାବେ ଚିତ୍ରଣ କରିଥିଲେ।

ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଦ୍ୱାରା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା କବି ବିଜୟ କୁମାର ପରିଡ଼ାଙ୍କ ଦ୍ୱାରା ରଚିତ 'ଗୀତରେ ଗୀତରେ ମନର କଥା' ପୁସ୍ତକ ଉନ୍ମୋଚିତ କରାଯାଇଥିଲା। ଉନ୍ମୋଚିତ ପୁସ୍ତକରେ ମା', ଗୁରୁଦିବସ, ପିଲାଦିନ, ଗାଁ ପୋଖରୀ, ଗାଁରେ ସନ୍ଧ୍ୟା, ପରିବେଶ ସୁରକ୍ଷା ଜୀବନ ରକ୍ଷା, ସୈନିକ, ସହିଦ୍, ବୋଉ, ଭାରତ ମାତା, ମାତୃତ୍ୱ, ଗୋପବନ୍ଧୁ ତୁମେ ଫେରିଆସ, ସମୟ, ଜୀବନ ଆଦି ମୂଲ୍ୟବୋଧ ତାହା ସମାଜକୁ ସଚେତନତା ବାର୍ତ୍ତା ଦେଉଥିବା ପ୍ରାୟ ୫୦ଟି ସୁନ୍ଦର କବିତା ଦ୍ୱାରା ସଙ୍କଳନ ହୋଇଛି। ଉତ୍ସବରେ ଅତିଥି ଭାବେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ପ୍ରଭାତ ଚନ୍ଦ୍ର ରଥ, ସାହିତ୍ୟିକ ତଥା ଗବେଷକ ଅଭିମନ୍ୟୁ ବରାଳ, ପୁସ୍ତକର ପ୍ରକାଶକ ରାମହରି ଭୋଳ, ସାମାଜିକ କର୍ମୀ ନବଘନ ଶତପଥୀ, ସାକ୍ଷୀଗୋପାଳ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ନବୀନ କୁମାର ସେନାପତି, ବାଉରିବନ୍ଧୁ ପ୍ରଧାନ, ବିକାଶ ପ୍ରଧାନ ଓ ଭୀମସେନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଶ୍ରେଣୀ ଛାତ୍ର କୁମାର ଶିବରାମ ଠାକୁରଙ୍କ ବନ୍ଦନା ଓ ଭକ୍ତିଜଣାଣ ଆବୃତ୍ତି କରିଥିଲେ। କବୟିତ୍ରୀ ବନ୍ଦନା ମହାପାତ୍ର, କବି ରଞ୍ଜନ ମିଶ୍ର, ବିଶାଖା ଦେବୀ, ରବୀନ୍ଦ୍ର ଷଡ଼ଙ୍ଗୀ, କବି ପ୍ରଭାକର ଜେନା, ସଂଯୁକ୍ତା ରଥ, ବିଭୂତି ହୋତା, ସୁନନ୍ଦା ମହାନ୍ତି, ହରିବନ୍ଧୁ ପ୍ରଧାନ ପ୍ରମୁଖ ସେମାନଙ୍କ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବି ପ୍ରଭାତ ଚନ୍ଦ୍ର ରଥ ଓ ରବୀନ୍ଦ୍ର ନାଥ ଷଡ଼ଙ୍ଗୀ କବିତାର ସମୀକ୍ଷା କରିଥିଲେ। କବୟିତ୍ରୀ ସୁଜାତା ଦେବୀ ସଂଯୋଜନା କରିଥିଲେ। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସୁଚିତ୍ର ଖଟେଇ ଓ ବସନ୍ତ ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ କବୟିତ୍ରୀ ଓ କବି ଯୋଗଦେଇଥିଲେ।




ଉତ୍ସବରେ ଅତିଥିଙ୍କ ଦ୍ୱାରା ପୁସ୍ତକ 'ଗୀତରେ ଗୀତରେ ମନର କଥା' ଉନ୍ମୋଚିତ।

## ବିଦ୍ୟୁତ୍ ଲାଇନ ଲାଗି ଜଳିଗଲା ଟ୍ରକ୍

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀସ୍ଥ ରାଜ ଆଠଗଡ଼ ରେଳଷ୍ଟେଶନ ନିକଟ ଟ୍ରାକ୍‌ରେ ମେଟାଲ ଖାଲି କରୁଥିବା ଏକ ଟ୍ରକ୍‌ର ଡାଲା ଟ୍ରାକ ଉପରେ ଥିବା ହାଇ ଟେନ୍‌ସନ ବିଦ୍ୟୁତ ଲାଇନରେ ଲାଗିଯିବାରୁ ଟ୍ରକ୍‌ଟି ପ୍ରଚଣ୍ଡ ଶବ୍ଦ କରି ଜଳିଯାଇଛି। ଏଥିରେ ଟ୍ରକ୍ ଚାଳକ ଟ୍ରକରୁ ଡେଇଁ ପଡ଼ିବାରୁ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ବିଦ୍ୟୁତ୍ ଝଟକାରେ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ଆଠଗଡ଼ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା। ଚାଳକଙ୍କ ଅସାବଧାନତା ଯୋଗୁ ଏପରି ଘଟିଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଜଣାପଡ଼ିଛି।

# ହାଇୱା ଧକ୍କାରେ ଭାଇ ମୃତ, ଭଉଣୀ ଗୁରୁତର

କଟକ,୧୨।୩(କାର୍ତ୍ତିକ ସାହୁ)

ଏକ ଦ୍ରୁତଗାମୀ ହାଇୱା ଧକ୍କାରେ ଘଟଣାସ୍ଥଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ସହ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳାଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ଓ ଗୁରୁତର ଆହତ ଭାଇ ଭଉଣୀ ହେବେ ବୋଲି ସୂଚନା ମିଳିଛି। କଟକ ନୂଆବଜାର ଗୋଶାଳା ରାସ୍ତାରେ ବୁଧବାର ରାତି ପ୍ରାୟ ୯ଟା ସମୟରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାରମ୍ବାର ଏହି ସ୍ଥାନରେ ଦୁର୍ଘଟଣା ଘଟୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ଶତାଧିକ ଲୋକ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକୋ କରିଥିଲେ। ମଧୁପାଟଣା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଛି। ମୃତକଙ୍କ ନାମ ସଂଗ୍ରାମ ଓ ଗୁରୁତର ମହିଳାଙ୍କ ନାମ ଜଣାପଡ଼ି ନ ଥିବା ବେଳେ ସେମାନଙ୍କ ଘର ଢେଙ୍କାନାଳ ଅଞ୍ଚଳରେ ବୋଲି କୁହାଯାଉଛି।

ସୂଚନାନୁସାରେ, ଗୋଟିଏ ସ୍କୁଟିରେ ଏହି ଭଉଣୀ ଭାଇ ବସି ନୂଆବଜାର ଆଡ଼କୁ ଯିବା ନିମନ୍ତେ ମୁଖ୍ୟ ରାସ୍ତା ସଂଲଗ୍ନ ସର୍ଭିସ ରୋଡରେ ଆସି ଗୋଶାଳା ସମ୍ମୁଖ ଓଭରବ୍ରିଜ ଉପରକୁ ଚଢୁଥିଲେ। ଏହି ସମୟରେ ହଠାତ୍ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ହାଇୱା ଭାରସାମ୍ୟ ହରାଇ ସ୍କୁଟିକୁ ଧକ୍କା ଦେଇ କିଛି ବାଟ ଘୋଷାଡ଼ି ନେଇଥିଲା।



ଦୁର୍ଘଟଣା ଘଟାଇଥିବା ହାଇୱା।

ହାଇୱାର ଦ୍ରୁତ ବେଗ ହେତୁ ଚାଳକ ଗାଡ଼ିକୁ ନିୟନ୍ତ୍ରଣରେ ରଖିପାରି ନ ଥିଲେ। ଫଳରେ ହାଇୱାଟି ସ୍କୁଟିକୁ ଘୋଷାଡ଼ି ନେଇ ବ୍ରିଜ ସୁରକ୍ଷା ବାଡ଼ା ଉପରକୁ ଚଢ଼ିଯାଇଥିଲା। ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ହାଇୱା ଚକା ତଳେ ଜଣେ ମହିଳାଙ୍କ ଚିତ୍କାର ଶୁଣି ଲୋକେ ବହୁ କଷ୍ଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ଏକ ଟାଟା ଏସିଇ ଗାଡ଼ିରେ ତାଙ୍କୁ ମେଡିକାଲ ପଠାଯାଇଥିଲା। ତାଙ୍କର ଡାହାଣ ପଟ ଗୋଡ଼ ନଷ୍ଟ ହୋଇଯାଇଛି। ଅପରପକ୍ଷେ ସ୍କୁଟି ଚଳାଉଥିବା ପୁରୁଷ ଲୋକ ଜଣକ ଟ୍ରକ ଚକା ତଳେ ଚାପି ହୋଇ ରହିଥିଲେ। ତାଙ୍କ ଶରୀର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ଟ୍ରକ ଚାଳକକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ପୋଲିସ ସେଠାରେ ପହଞ୍ଚି ଟ୍ରକ ଚାଳକକୁ ନିଜ ହେପାଜତକୁ ନେଇଥିଲା। ଉତ୍ତେଜିତ ଲୋକେ ପୋଲିସକୁ ଘେରି ରାତି ୧୦ଟା ପୂର୍ବରୁ ସହରରେ ଭାରିଯାନ ଚଳାଚଳ ଉପରେ କଟକଣା ଥିବା ବେଳେ ହାଇୱାଟି କିଭଳି ସହର ଭିତରକୁ ଆସିଲା ବୋଲି ପ୍ରଶ୍ନ କରିଥିଲେ। ଓଭରବ୍ରିଜକୁ ସଂଯୋଗ କରୁଥିବା ସର୍ଭିସ ରାସ୍ତାଟି ଅତ୍ୟନ୍ତ ଖରାପ ହେବା ସହିତ ଅନ୍ଧାକାର ଯୋଗୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ସେମାନେ ଅଭିଯୋଗ କରିଥିଲେ। ସର୍ଭିସ ରାସ୍ତାକୁ ବନ୍ଦ କରାଯିବା ସହିତ ଓଭରବ୍ରିଜକୁ ସମ୍ପୂର୍ଣ୍ଣ ଆଲୋକୀକରଣ, ମୃତକ ପରିବାରକୁ କ୍ଷତିପୂରଣ ଦାବିରେ ସେମାନେ ରାସ୍ତାରୋକୋ କରିଥିଲେ। ପୋଲିସ ଫୋର୍ସ ସହ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆଇନଶୃଙ୍ଖଳା ରକ୍ଷା କରିଥିଲେ। ଖବର ପାଇ ବିଧାୟକ ଓ ସ୍ଥାନୀୟ କର୍ପୋରେଟର ପହଞ୍ଚି ବୁଝାଶୁଝା କରିଥିଲେ। ଦାବି ପୂରଣ ପାଇ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ଦୁର୍ଘଟଣାଗ୍ରସ୍ତ ମହିଳାଙ୍କ ଫୋନ ନେଇ ସେ ତାଙ୍କ ପରିବାର ସହ ଯୋଗାଯୋଗ କରିଥିଲେ। ଏହାପରେ ମୃତକଙ୍କ ନାଁ ସଂଗ୍ରାମ ବୋଲି ଜଣାପଡ଼ିଥିଲା। ସଂଗ୍ରାମଙ୍କ ସ୍ତ୍ରୀ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ତାଙ୍କର ଅସ୍ତ୍ରୋପଚାର ହେବାର ଥିଲା। ସ୍ତ୍ରୀ ପାଖରେ ତାଙ୍କ ପୁଅ ଅଛି। ଅସ୍ତ୍ରୋପଚାର ପରେ ସ୍ତ୍ରୀଙ୍କ ପାଖରେ ରହିବା ପାଇଁ ସଂଗ୍ରାମ ନିଜ ଭଉଣୀଙ୍କୁ ଆଣିବାକୁ ଢେଙ୍କାନାଳ ଯାଇ ଫେରୁଥିଲେ ବୋଲି ପରିବାର ସଦସ୍ୟ ଜଣାଇଥିବା ସମ୍ପର୍କରେ ବ୍ୟକ୍ତି ଜଣକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

■ନୂଆବଜାର ଗୋଶାଳା ରାସ୍ତାରେ ସଡ଼କ ଦୁର୍ଘଟଣା

■କାର୍ଯ୍ୟାନୁଷ୍ଠାନ ଦାବିରେ ଅଞ୍ଚଳବାସୀଙ୍କ ରାସ୍ତାରୋକୋ



ନୂଆବଜାର ଗୋଶାଳା ଦୁର୍ଘଟଣାସ୍ଥଳରେ ଉତ୍ୟକ୍ତ ଲୋକଙ୍କ ଭିଡ଼। (ଫଟୋ: ରାଜକିଶୋର ମହାନ୍ତି)

# ଟ୍ରେନ୍ ଶୌଚାଳୟରୁ ଗଳିତ ମୃତଦେହ ଜବତ

କଟକ,୧୨।୩(କାର୍ତ୍ତିକ ସାହୁ)

**ରେଲୱେ ଟ୍ରାକ୍ ମ୍ୟାନେଜର ବୋଲି ଚିହ୍ନଟ**

ପୁରୀ-ଭଦ୍ରକ ମେମୁ ଟ୍ରେନ ଶୌଚାଳୟ ମଧ୍ୟରୁ ଏକ ଗଳିତ ମୃତଦେହକୁ ବୁଧବାର ରେଲୱେ ପୋଲିସ ଜବତ କରିଛି। ମୃତକ ହେଲେ ରେଲୱେ ଟ୍ରାକ୍ ମ୍ୟାନେଜର ଭାବେ କାର୍ଯ୍ୟରତ ପୁରୀ ସତ୍ୟବାଦୀର ଧଡ଼ି ବେହେରା(୪୫)। ସେ ଶୌଚାଳୟ ଯାଇଥିବାବେଳେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। କଟକ ଜିଆର୍‌ପି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ଅନୁଯାୟୀ, ମୃତ ଧଡ଼ି ବେହେରା ପୁରୀରେ ରେଲୱେ ଟ୍ରାକ୍ ମ୍ୟାନେଜର ଭାବେ କାମ କରୁଥିଲେ। ସେ ଗତ ସୋମବାର ପୁରୀରୁ ଭଦ୍ରକ ମେମୁ ଟ୍ରେନରେ ଆସିଥିଲେ। ସେ ଖୋର୍ଦ୍ଧାରେ ଓହ୍ଲାଇଥାନ୍ତେ। ମାତ୍ର ତା' ପୂର୍ବରୁ ସେ ବଗିର ଶୌଚାଳୟକୁ ଯାଇଥିଲେ। ସେଠାରେ ତାଙ୍କର ହୃଦଘାତ ହୋଇଥିଲା। ଶୌଚାଳୟ ଭିତରପଟୁ ବନ୍ଦ ଥିବାରୁ ତାଙ୍କ ମୃତଦେହ ଭିତରେ ପଡ଼ିରହିଥିଲା। ବୁଧବାର ଶୌଚାଳୟରୁ ଦୁର୍ଗନ୍ଧ ବାହାରିବାରୁ କଟକ ଷ୍ଟେଶନ ମାଷ୍ଟର ଏ ସଂକ୍ରାନ୍ତରେ ସୂଚନା ପାଇଥିଲେ। କଟକ ଜିଆର୍‌ପି ଏବଂ ଆର୍‌ପିଏଫ୍ ଉପସ୍ଥିତିରେ ଶୌଚାଳୟ କବାଟ ଭାଙ୍ଗି ଗଳିତ ଶବ ଉଦ୍ଧାର କରାଯାଇଥିଲା। ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ କରାଯାଇଥିଲା। ଖବର ପାଇ ମୃତକଙ୍କ ପରିବାର ସଦସ୍ୟମାନେ କଟକରେ ପହଞ୍ଚିଥିଲେ।

# ଶେଷହେଲା ଆଗ୍ରାହାଟ ଦୋଳ ମେଳଣ, ଚାଚେରିରେ ୪୪ ବିମାନ



ମେଳଣରେ ସୁସଜ୍ଜିତ ଦୋଳ ବିମାନକୁ ଲୋକେ ବୁଲି ଦେଖୁଛନ୍ତି।

ଚୌଦ୍ୱାର,୧୨।୩(ଆଶୁତୋଷ ଦାସ)

ପବିତ୍ର ଏକାଦଶୀ ତିଥିରେ ୪୪ ମଣ୍ଡଳ ରାଜଦୋଳ କମିଟିର ପ୍ରଥମ ଦୋଳ ଉତ୍ସବ ଆଗ୍ରାହାଟ ରାଜଦୋଳ ମେଳଣ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆଗ୍ରାହାଟସ୍ଥିତ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ଯାତ୍ରାରେ ମଣ୍ଡଳ ଅନ୍ତର୍ଭୁକ୍ତ ମୋଟ ୪୪ଟି ବିମାନ ଅଂଶଗ୍ରହଣ କରିଥିଲେ। ଥାନପତି ଦଧିବାମନ ଜୀଉ ଶୋଭାଯାତ୍ରାରେ ଆସି ପ୍ରଥମେ ମେଳଣ ମଣ୍ଡପରେ ଅଧିଷ୍ଠିତ ହୋଇଥିଲେ। ପରେ ଚୌଦ୍ୱାର, ପାଇକରାପୁର, ଦେବୀ ନଗର, ଯାଜଭୈରବ ନୂଆଗାଁ, ଚଷାପଡ଼ା, ଚିତ୍ରେଶ୍ୱର, ଜଗତପୁର ଆଦି ଅଞ୍ଚଳର ମଠ ଓ ମନ୍ଦିରରେ ପୂଜା ପାଉଥିବା ରାଧାକୃଷ୍ଣ ମୂର୍ତ୍ତିଙ୍କ ବିମାନ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ପହଞ୍ଚିଥିଲା। ରାଜଦୋଳ କମିଟି ପକ୍ଷରୁ ପ୍ରତ୍ୟେକ ବିମାନକୁ ଛନ୍ଦା ପ୍ରଦାନ କରାଯାଇଥିଲା। ୨ ଦିନ ଧରି ଚାଲିଥିବା ଏହି ଯାତ୍ରାର ଦ୍ୱିତୀୟ ଦିନ ଅର୍ଥାତ୍ ମଙ୍ଗଳବାର ରାତିରେ ଆୟୋଜିତ ଆତସବାଜି ପ୍ରତିଯୋଗିତା ଦେଖିବାକୁ ଯାତ୍ରାପଡ଼ିଆ ଲୋକାରଣ୍ୟ ହୋଇଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ନେତୃତ୍ୱରେ ପୋଲିସ ଅଧିକାରୀଙ୍କ ସହ ଚୌଦ୍ୱାର ଦମକଳ ବାହିନୀ ସଜାଗ ରହିଥିଲା। ରାଜଦୋଳ କମିଟି ସଭାପତି ଦୀପକ କୁମାର ମଙ୍ଗରାଜ, ନବ କୁମାର ସାହୁ, ଆଗ୍ରାହାଟ ମେଳଣ କମିଟି ସଭାପତି ପ୍ରମୋଦ କୁମାର ପଣ୍ଡା, ପର୍ଶୁରାମ ପରିଡ଼ା, ଜୟନ୍ତ ବରାଳ, ପ୍ରିୟବ୍ରତ ସ୍ୱାଇଁ, ହୃଷୀକେଶ ରାଉତ, ପ୍ରଦୀପ୍ତ ବେହେରା, ମୁକୁନ୍ଦଦେବ ବରାଳ, ଶିବ ଶଙ୍କର ସାହୁ, ରବି ନାରାୟଣ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଳିକା ଆତ୍ମରକ୍ଷା ଶିବିର

କଟକ ସଦର,୧୨।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅଧୀନ ସୁଦର୍ଶନ ଡିଗ୍ରୀ କଲେଜରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗତ ୪ ତାରିଖରୁ ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମାଷ୍ଟର ଟ୍ରେନର ପ୍ରିୟଙ୍କା ରାଉତରାୟଙ୍କ ତତ୍ତ୍ୱାବଧାନରେ ଚାଲିଥିଲା। ଶିବିରରେ ବାଳିକାଙ୍କୁ ନୂଆ ନୂଆ ଆତ୍ମରକ୍ଷା କୌଶଳ ଶିକ୍ଷା ଦିଆଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଅଧ୍ୟକ୍ଷ ଗଣେଶ୍ୱର ଦାଶ, ସଂଯୋଜକ ରୂପନନ୍ଦା କାନୁନ୍‌ଗୋ, ଅଧ୍ୟାପିକା ସଂଘମିତ୍ରା ବିଶ୍ୱାଳ, ଡ. ସ୍ମୃତି ସ୍ମିତା ବିଭୂତି ରାୟ, ସୁପ୍ରିୟା ସାହୁ, ଜ୍ୟୋତିର୍ମୟୀ ନାୟକ ଓ ଦୀପ୍ତି ଦାସଙ୍କ ସହ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ବିରଞ୍ଚି କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ତାଲିମ ପାଇଥିବା ବାଳିକାଙ୍କୁ ପ୍ରମାଣ ପତ୍ର ବଣ୍ଟା ଯାଇଥିଲା।



୩ ଦଫା ଦାବି ନେଇ ଓଡ଼ିଶା ସରକାରୀ ଆଉଟସୋର୍ସିଂ ଏମ୍ପ୍ଲୋୟିଜ ଫେଡେରେଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଟକ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଫେଡେରେଶନର ସଦସ୍ୟମାନେ। (ଫଟୋ: ରାଜକିଶୋର ମହାନ୍ତି)

# ୧୦୯ ଗୃହରକ୍ଷୀ ପଦବୀରେ ଦରଖାସ୍ତ ଆହ୍ୱାନ

କଟକ,୧୨।୩(କାର୍ତ୍ତିକ ସାହୁ)

କଟକ ସହରାଞ୍ଚଳରେ ଖାଲିପଡ଼ିଥିବା ୧୦୯ଟି ଗୃହରକ୍ଷୀ ସାଧାରଣ ପଦବୀ ଚୟନ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି। ଆବେଦନକାରୀ କଟକ ସହରାଞ୍ଚଳ ପୋଲିସ ଜିଲାର ସ୍ଥାୟୀ ବାସିନ୍ଦା ହୋଇଥିବେ। ଆବେଦନକାରୀଙ୍କ ବୟସ ୦୧.୦୧.୨୦୨୫ରିଖ ସୁଦ୍ଧା ୨୦ ବର୍ଷରୁ କମ୍ ଓ ୬୦ ବର୍ଷରୁ ଅଧିକ ହୋଇନଥିବ ଏବଂ ସେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ସେ ଓଡ଼ିଆ ଭାଷାରେ କହିବା, ପଢ଼ିବା ଲେଖିବା ଜାଣିଥିବା ଆବଶ୍ୟକ। ଆବେଦନକାରୀ କୌଣସି ଫୌଜଦାରୀ ମୋକଦ୍ଦମାରେ ସଂପୃକ୍ତ ନ ଥିବେ ଏବଂ ତାଙ୍କର କୌଣସି ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ନଥିବ । ଡ୍ରାଇଭିଂ, କମ୍ପ୍ୟୁଟର ଡାଟା ଏଣ୍ଟ୍ରି, ହାର୍ଡୱେୟାର, ଇଲେକ୍ଟ୍ରିସିଆନ, ଅଟୋମୋବାଇଲ, ମେକାନିକ୍, ରୋଷେୟା, ଭଣ୍ଡାରୀ, ସଫେଇ କର୍ମଚାରୀ, ପାଣିପାଇପ ମେକାନିକ, ମାଳି ଆଦି କାର୍ଯ୍ୟ କ୍ଷେତ୍ରରେ ଅଭିଜ୍ଞତା ଥିବା ଆବେଦନକାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ। ଏହି ପଦବୀରେ ଆବେଦନ କରିବା ନିମନ୍ତେ ଆବେଦନ ଫର୍ମ ନିକଟସ୍ଥ ଥାନା, ଫାଣ୍ଡି, ଦୁର୍ଗପତି ସହରାଞ୍ଚଳ କଟକଙ୍କ କାର୍ଯ୍ୟାଳୟରେ ଉପଲବ୍ଧ। ଆବେଦନକାରୀ ଫର୍ମ ପୂରଣ କରି ଜିଲା ଗୃହରକ୍ଷୀ ମୁଖ୍ୟ କାର୍ଯ୍ୟାଳୟ କଟକ ସହରାଞ୍ଚଳରେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି।

# ଦାତବ୍ୟ ସ୍ୱାସ୍ଥ୍ୟସେବା ନେଲେ ୪୦୦ରୁ ଉର୍ଦ୍ଧ୍ୱ ରୋଗୀ

ଚୌଦ୍ୱାର,୧୨।୩(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶଙ୍କରପୁରସ୍ଥିତ ଗାନ୍ଧୀ ନୋଡାଲ ବିଦ୍ୟାପୀଠ ପରିସରରେ ଏକ ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ। ଇଙ୍ଗା ପାୱାର ପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର, ସ୍ଥାନୀୟ ସମିତିସଭ୍ୟ ସୁକାନ୍ତ କୁମାର ରାଉତ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ସେନାପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଇଙ୍ଗା ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେଶନ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଭେଷଜ, ଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ ଆଦି ବିଭାଗର ବିଶେଷଜ୍ଞମାନେ ଯୋଗଦେଇ ୪୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟା ଯାଇଥିଲା। ଏହି ଅବସରରେ ବିଆଇପିଏଫ୍ ଆନୁକୂଲ୍ୟରେ ଉକ୍ତ ବିଦ୍ୟାଳୟ ପରିସରରେ ନିର୍ମିତ ଏକ ସାଇକେଲ ଷ୍ଟାଣ୍ଡକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରକୁ ସ୍ଥିତପ୍ରଜ୍ଞ ଦାସ, ପିଙ୍କି ସାହୁ, ମନୋଜ ମହାପାତ୍ର, ସୌଭାଗ୍ୟ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ଆସୁଛି ହୋଲି: ଜମୁଛି ରଙ୍ଗ ବେପାର
# ରଙ୍ଗରେ ଭିଜିବେ ସହରବାସୀ



ବିକ୍ରି ପାଇଁ ଦୋକାନରେ ରଖାଯାଇଥିବା ବିଭିନ୍ନ ରଙ୍ଗର ଅବିର।

କଟକ,୧୨।୩(ଶିଳ୍ପା ପ୍ରିୟଦର୍ଶିନୀ)

■ଡିମାଣ୍ଡରେ ସେଣ୍ଟେଡ୍ ଗୁଲାଲ, ମାଲିଙ୍ଗା ହେୟାର ମାସ୍କ

■ବିଭିନ୍ନ କ୍ଲବ୍‌ରେ ହୋଲି ସେଲିବ୍ରେଶନ ପାଇଁ ବ୍ୟାପକ ପ୍ରସ୍ତୁତି

ଫଗୁ ଦଶମୀଠାରୁ କଟକ ସହରରେ ଦୋଳ ମେଳଣ ଆରମ୍ଭ ହୋଇଯାଇଛି। ଦଶମୀଠାରୁ ରାଧାକୃଷ୍ଣଙ୍କ ଦୋଳ ମେଳଣ ଆରମ୍ଭ ହୋଇଥିବାବେଳେ ରଙ୍ଗର ପର୍ବ ହୋଲି ପାଳିବାକୁ ସହରବାସୀଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳିଛି। ରଙ୍ଗ ଖେଳିବାକୁ ଲୋକେ ଏବେ ଭଳି କି ଭଳି ରଙ୍ଗ ଓ ପିଚକାରି କିଣୁଛନ୍ତି। ଚୌଧୁରୀ ବଜାର, କେଉଟ ସାହି, ନୟାସଡ଼କ, ଦୋଳମୁଣ୍ଡାଇ, କଲେଜ ଛକ, ବଜ୍ରକବାଟୀ ଆଦି ସ୍ଥାନରେ ରଙ୍ଗ ଓ ଅନ୍ୟାନ୍ୟ ସାମଗ୍ରୀ କିଣିବା ପାଇଁ ଗ୍ରାହକଙ୍କ ଭିଡ଼ ଜମୁଛି। ଦୋକାନଗୁଡ଼ିକରେ ସେଣ୍ଟେଡ୍ ଗୁଲାଲ, କଲର ସ୍ମୋକ୍ ରହିଥିବା ବେଳେ ସେଣ୍ଟେଡ୍ ଗୁଲାଲ ୫ କେଜିକୁ ୫୦୦ ଟଙ୍କା, ୨୦୦ ଗ୍ରାମକୁ ୪୦ ଟଙ୍କା, କଲର ସ୍ମୋକ୍ ୧୫୦ ଟଙ୍କା ଓ ସେଣ୍ଟେଡ୍ ଗୁଲାଲ ଛୋଟ ପ୍ୟାକେଟ ଦର ୩୦ ଟଙ୍କା ରହିଛି। ଏଥିସହ ରଙ୍ଗ ଖେଳିବା ପାଇଁ ବିଭିନ୍ନ ସାମଗ୍ରୀ ମଧ୍ୟରେ କଲର ସିଲିଣ୍ଡର ଦର ୭୦୦ରୁ ୧୨୦୦ ଟଙ୍କା, ବାର୍ବି ୱାଟର ଟ୍ୟାଙ୍କର, ଗନ୍ ପିଚକାରି ଦର ୩୦୦ ଟଙ୍କା, ପେନ୍‌ସିଲ ପିଚକାରି ୨୦୦ ଟଙ୍କା, ଭଳି କି ଭଳି ମୁଖା ଦର ୨୦ରୁ ୭୦ ଟଙ୍କା, ଡିଜାଇନ ଚଷମା ଦର ୨୦ ଟଙ୍କା ରହିଥିବାବେଳେ ହେୟାର ମାସ୍କ ମଧ୍ୟରେ ମାଲିଙ୍ଗା ହେୟାର, କଲର ହେୟାର, ସ୍କେଲିଟନ ହେୟାର, ବବ୍ କଟ୍ ହେୟାର, ଲଙ୍ଗ ହେୟାର ରହିଛି। ଏହାର ଦର ୧୨୦ ଟଙ୍କାରୁ ଆରମ୍ଭ ହୋଇ ୨୧୦ ଟଙ୍କା ରହିଛି। ଏହିସବୁ ସାମଗ୍ରୀ ଦିଲ୍ଲୀ, କୋଲକାତାରୁ ଆସିଥିବାବେଳେ ସେଣ୍ଟେଡ୍ ଗୁଲାଲ, ମାଲିଙ୍ଗ ହେୟୋର ମାସ୍କ, ପେନସିଲ ପିଚକାରିର ସବୁଠୁ ଅଧିକ ଡିମାଣ୍ଡ ରହିଛି। ସେହିପରି ହୋଲି ପର୍ବକୁ ଏବେ ଅଧିକାଂଶ ଲୋକ ବାହାର ଜାଗାରେ ମନାଇବାକୁ ପସନ୍ଦ କରୁଥିବାବେଳେ କଟକରେ ଥିବା ବିଭିନ୍ନ କ୍ଲବ୍‌ରେ ହୋଲି ପାଳନ ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ସେମାନେ ଯାହା କୁହନ୍ତି



"ହୋଲି ସେଲିବ୍ରେଶନ ପାଇଁ ଲାୟନ୍ସ କ୍ଲବ ଅଫ୍ କଟକ ଭେଲ୍‌ଭେଟ ଏବଂ ଷ୍ଟାର ଇଭେଣ୍ଟର ମିଳିତ ଭାବେ ହୋଲି ଫାଏଡ୍ ଧୁମଧାମରେ ପାଳନ କରାଯିବ। ବିଜୁ ପଟ୍ଟନାୟକ ଛକସ୍ଥିତ ଜେବିଏସ୍ ଗାର୍ଡେନ୍‌ରେ ଏହା ଆୟୋଜନ ହେବ। ହୋଲି ଉତ୍ସବରେ ଲୋକେ ନୃତ୍ୟ ଓ ସଙ୍ଗୀତରେ ଝୁମିବେ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଫୁଲୋ କି ହୋଲି, ବୃନ୍ଦାବନ ୱାଲି ହୋଲି, ବଲିଉଡ୍ ମ୍ୟୁଜିକ୍ ସହ ଡିଜେ ରଷିଆନ୍‌ଙ୍କ ନନ୍‌ଷ୍ଟପ ଡିଜେ ପରିବେଷଣ କରାଯିବ। ୧୪ ତାରିଖ ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କରାଯିବ। ପ୍ରବେଶ ଦେୟ ସାଧାରଣ ଟିକେଟ ୩୩୦ ଟଙ୍କା ଏବଂ ଭିଆଇପି ଟିକେଟ ଦେୟ ୧୦୦୦ ଟଙ୍କା ରହିଛି। ଭିଆଇପି ଟିକେଟ କ୍ରୟ କରିଥିବା ଲୋକଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଭିଆଇପି ଜୋନ୍ କରାଯିବ। ଏଥିସହ ଖାଦ୍ୟ ଓ ଥଣ୍ଡା ଇଭେଣ୍ଟ ପକ୍ଷରୁ ଯୋଗାଇ ଦିଆଯିବ। ଗାର୍ଡେନ୍ ପରିସରରେ ଆସନ୍ତା ୧୪ ତାରିଖ ସକାଳେ ଟିକେଟ ବିକ୍ରି କରାଯିବ।

**ରାଜୀବ ଚୌଧୁରୀ, ମାଲିକ, ଷ୍ଟାର୍ ଇଭେଣ୍ଟ**



"୪ ଦିନ ହେବ ବେପାର ଆରମ୍ଭ କରିଛି। ପ୍ରାୟତଃ ୬୦ ପ୍ରତିଶତ କାରବାର ସରିଛି ଏବଂ ବାକି ୨ ଦିନରେ ବେପାର ଅଧିକ ଜମିବ ବୋଲି ଆଶା ରହିଛି। ଛୋଟପିଲାଙ୍କଠାରୁ ଆରମ୍ଭକରି ବଡ଼ ଲୋକଙ୍କ ମନ ପସନ୍ଦ ମୁତାବକ ଜିନିଷ ଆଣିଛୁ।

**ମନ ରାଉତ, ବ୍ୟବସାୟୀ**



"ସହରବାସୀ ହୋଲିପର୍ବକୁ ଖୁବ୍ ଧୁମଧାମରେ ପାଳିବାକୁ ଉତ୍କଣ୍ଠାର ସହ ଅପେକ୍ଷାକରି ରହିଛନ୍ତି। ଛୋଟ ପିଲାଙ୍କ ପାଇଁ ପିଚକାରି, ୱାଟର ବେଲୁନ ଭଳି ଅନେକ ନୂଆ ସାମଗ୍ରୀ ଆଣିଛୁ। ବେପାର ଜମିବାରେ ଲାଗିଛି।

**ଅବିନାଶ ନନ୍ଦୀ, ବ୍ୟବସାୟୀ**



"ଶିଖରପୁରସ୍ଥିତ ତଥାସ୍ତୁ କନ୍‌ଭେନ୍‌ଶନରେ ପ୍ରଥମଥର ପ୍ରି ହୋଲି ସେଲିବ୍ରେଶନ କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ସାଜିବେ କଣ୍ଠଶିଳ୍ପୀ ନବ୍ୟା ଜାଇତି। ବଲିଉଡ୍ ଡିଜେ ସତ୍ୟା, ଆଙ୍କର ଶୁଭମ ଏବଂ ରଙ୍ଗ ଦେ ଡ୍ୟାନ୍ସରଙ୍କ ନୃତ୍ୟରେ ଝୁମିବେ ଦର୍ଶକ। ହୋଲି ଦିନ ବଦଳରେ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସେଲିବ୍ରେଶନ କରାଯିବ। ଟିକେଟ ଦେୟ ୩୯୯ ଓ ୫୯୯ ଟଙ୍କା ରହିଛି। ୩୯୯ ଟଙ୍କା ଟିକେଟ କେତ୍ରାଙ୍କ ପାଇଁ କନ୍‌ଭେନ୍‌ଶନ ପକ୍ଷରୁ ଗୁଲାଲ, ଥଣ୍ଡା ଦିଆଯିବ। ସେହିପରି ୫୯୯ ଟଙ୍କା ଟିକେଟ କେତ୍ରାଙ୍କୁ ଖାଦ୍ୟ ଯୋଗାଇ ଦିଆଯିବ। ୧୪ ତାରିଖ ଅପରାହ୍ନରୁ କନ୍‌ଭେନ୍‌ଶନ ପରିସରରେ ଟିକେଟ ବିକ୍ରି କରାଯିବ।

**ଦାମୋଦର ପତି, ମ୍ୟାନେଜର, ତଥାସ୍ତୁ କନ୍‌ଭେନ୍‌ଶନ**

**ରେଭନ୍ତଙ୍କ ବିରୋଧରେ ପୋଷ୍ଟ, ୨ ମହିଳା ଖବରଦାତା ଗିରଫ**

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ବିରୋଧରେ ଅପମାନଜନକ କଣ୍ଟେଣ୍ଟ ପୋଷ୍ଟ କରିବା ଅଭିଯୋଗରେ ହାଇଦ୍ରାବାଦ ପୋଲିସ ବୁଧବାର ୨ ମହିଳା ଖବରଦାତାଙ୍କୁ ଗିରଫ କରିଛି। ସେମାନେ ହେଲେ ହାଇଦ୍ରାବାଦସ୍ଥିତ ଏକ ଡିଜିଟାଲ ମିଡିଆର ମ୍ୟାନେଜିଂ ଏଡିଟର ପି. ରେବତୀ ଓ ରିପୋର୍ଟର ବି. ସନ୍ଧ୍ୟା ।



## ବେଆଇନ କୋଇଲା ଖଣି ବନ୍ଦ କରିବା ଦାୟିତ୍ୱ ରାଜ୍ୟର: କେନ୍ଦ୍ର

ନୂଆଦିଲ୍ଲୀ, ୧୨।୩ (ପି.ଟି.)

ସମସ୍ତ ପ୍ରକାରର ବେଆଇନ କୋଇଲା ଖଣିଗୁଡ଼ିକୁ ବନ୍ଦ କରିବାର ଦାୟିତ୍ୱ ହେଉଛି ରାଜ୍ୟ ସରକାରଙ୍କର। ରାଜ୍ୟ ଗୁଡ଼ିକଙ୍କ ବିନା ସହଯୋଗରେ ଖଣି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସଫଳ ହୋଇପାରିବ ନାହିଁ ବୋଲି ବୁଧବାର ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତର ରଖି କେନ୍ଦ୍ର କୋଇଲା ମନ୍ତ୍ରୀ ଜି. କିଷାନ ରେଡ୍ଡୀ କହିଛନ୍ତି। ବିଭିନ୍ନ ରାଜ୍ୟରେ ହେଉଥିବା ବେଆଇନ ଖଣି ଖନନ ବିରୋଧରେ ରାଜ୍ୟର ପୋଲିସ ଏବଂ ରାଜ୍ୟ ସରକାରଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ ଏବଂ ଏହା ସେମାନଙ୍କର କାର୍ଯ୍ୟ ବୋଲି ସେ କହିଛନ୍ତି। ସେହିପରି କୋଇଲା ଖଣିରେ ଘଟୁଥିବା ଦୁର୍ଘଟଣାଗୁଡ଼ିକୁ କମାଇବା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କ ସହ ଘନିଷ୍ଠ ସମନ୍ୱୟ ରଖି କାର୍ଯ୍ୟ କରୁଥିବା ସେ କହିଛନ୍ତି।

# ଅସ୍ତ୍ରବିରତି: ହଁ କଲେ ଜେଲେନ୍‌ସ୍କି

## ଆମେରିକା ସହାୟତା ଜାରି, ରୁଷିଆ ଆଭିମୁଖ୍ୟକୁ ଅପେକ୍ଷା

କିଭ୍/ୱାଶିଂଟନ୍/ମସ୍କୋ, ୧୨।୩ (ରଏଟର୍ସ/ଏଜେନ୍ସି)



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଅସ୍ତ୍ରବିରତି ପାଇଁ ରାଜି କରାଇବାରେ ସଫଳ ହୋଇଛନ୍ତି। ଏକ ସଦ୍ୟ ଘଟଣାକ୍ରମରେ ଟ୍ରମ୍ପ କହିଛନ୍ତି, ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ରୁଷିଆ ସହ ୩୦ ଦିନ ପାଇଁ ଅସ୍ତ୍ରବିରତି କରିବାକୁ ସହମତି ପ୍ରକାଶ କରିଛନ୍ତି। ସାଉଦି ଆରବର ଜେଦ୍ଦାରେ ଏହି ଚୁକ୍ତି ନେଇ ସହମତି ହୋଇଥିବା ଟ୍ରମ୍ପ ସୂଚନା ଦେଇଛନ୍ତି।

ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ, ଜେଲେନ୍‌ସ୍କି ଆମେରିକାର ସର୍ତ୍ତ ମାନିବା ପରେ ୟୁକ୍ରେନ୍‌କୁ ସାମରିକ ଓ ଗୋଇନ୍ଦା ସହାୟତା ପ୍ରଦାନକୁ ବଳବତ୍ତର ରଖାଯାଇଛି। ଟ୍ରମ୍ପଙ୍କ ଏହି କୂଟନୈତିକ ଉଦ୍ୟମକୁ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ମାଇକ୍ ୱାଲ୍ଟଜ ସମର୍ଥନ କରିଛନ୍ତି। ଯୁଦ୍ଧକୁ ନେଇ ୟୁକ୍ରେନ୍‌ର ଆଭିମୁଖ୍ୟରେ ପରିବର୍ତ୍ତନ ଆସିବା ପରେ ଆମେରିକା ମଧ୍ୟ ସହାୟତା ପ୍ରଦାନ ଲାଗି ପ୍ରସ୍ତୁତ ହୋଇଥିବା କୁହାଯାଉଛି। ଡିଲ୍‌କୁ ନେଇ ମସ୍କୋର ପ୍ରତିକ୍ରିୟାକୁ ଅପେକ୍ଷା କରାଯାଇଛି।

୨୦୨୨ ଫେବୃଆରୀରେ ରୁଷିଆ ଆକ୍ରମଣ କରିବା ପରଠୁ ଯୁଦ୍ଧାବସାନ ଓ ଶାନ୍ତି ପ୍ରତିଷ୍ଠା ନେଇ ୟୁକ୍ରେନ୍ ଆଗ୍ରହ ପ୍ରକାଶ କରିଆସିଛି। ଭବିଷ୍ୟତରେ ଯୁଦ୍ଧ ଏଡ଼ାଇବା ପାଇଁ କିଭ୍ ଶାନ୍ତି ପ୍ରତିଷ୍ଠାକୁ ଗୁରୁତ୍ୱ ଦେଇଆସିଛି। ଜେଦ୍ଦାରେ ଆମେରିକୀୟ ଅଧିକାରୀମାନଙ୍କ ସହ ଆଲୋଚନା ବେଳେ ୟୁକ୍ରେନ୍‌ର ପ୍ରସ୍ତାବରେ ମଧ୍ୟ ଏହା ପ୍ରତିଫଳିତ ହୋଇଛି। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଜେଦ୍ଦାର ଆଲୋଚନାକୁ ବିଶେଷ ମହତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ଆମେରିକା ଓ ରୁଷିଆ ସହ ସମ୍ପର୍କ ଏବଂ ୟୁକ୍ରେନ୍‌ର ଭବିଷ୍ୟତ ଦୃଷ୍ଟିରୁ ଏହି ବୈଠକର ଫଳାଫଳ ତାତ୍ପର୍ଯ୍ୟପୂର୍ଣ୍ଣ। କୂଟନୀତି ଜରିଆରେ ବିବାଦର ସମାଧାନ କରି ଆଞ୍ଚଳିକ ସ୍ଥିରତା ସମ୍ଭବ ବୋଲି ଏଥିରୁ ପ୍ରତିପାଦିତ ହୋଇଛି। ଏହା ପୂର୍ବରୁ ଜେଲେନ୍‌ସ୍କି ଓ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ କଥା କଟାକଟି ହୋଇଥିଲେ। ତେବେ ବର୍ତ୍ତମାନ ବଲ୍ ରୁଷିଆ କୋର୍ଟରେ ରହିଥିବା ଆମେରିକା ପକ୍ଷରୁ କୁହାଯାଇଛି। କ୍ରେମ୍‌ଲିନ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି, ଆଗକୁ ବଢ଼ିବା ପାଇଁ ଏହି ଡିଲ୍ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମେରିକାଠାରୁ ଏହା ଉପରେ ବିସ୍ତୃତ ତଥ୍ୟକୁ ଆମେ ଅପେକ୍ଷା କରିଛୁ। ଇତିମଧ୍ୟରେ ରୁଷିଆ ୟୁକ୍ରେନ୍ ଉପରେ ପୁଣି ମିଶାଇଲ୍ ମାଡ଼ କରିଛି। ଏହି ଆକ୍ରମଣରେ ୫ ନିହତ ହୋଇଛନ୍ତି।

## ଭାରତ-ମରିସସ୍ ୮ ଚୁକ୍ତି



ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମରିସସ୍ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମଙ୍କ ଉପସ୍ଥିତିରେ ୨ ଦେଶ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଚୁକ୍ତି ସ୍ୱାକ୍ଷର ହେଉଛି।

ପୋର୍ଟ ଲୁଇସ୍, ୧୨।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମରିସସ୍ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମଙ୍କ ଉପସ୍ଥିତିରେ ବୁଧବାର ୨ ଦେଶ ମଧ୍ୟରେ ଆପରାଧିକ ଯାଞ୍ଚ, ସାମୁଦ୍ରିକ ଟ୍ରାଫିକ ନିରୀକ୍ଷଣ, ଭିତ୍ତିଭୂମି କୂଟନୀତି, ବାଣିଜ୍ୟ, ଦକ୍ଷତା ବୃଦ୍ଧି, ମହାସାଗର ଅର୍ଥନୀତି ଆଦି ବିଭିନ୍ନ କ୍ଷେତ୍ରରେ ୮ଟି ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି ଅବସରରେ ମୋଦି କହିଛନ୍ତି, ଭାରତ ଓ ମରିସସ୍ ମଧ୍ୟରେ ସମ୍ପର୍କ କେବଳ ଭାରତ ମହାସାଗରରେ ନୁହେଁ, ବରଂ ଉଭୟ ଦେଶର ସାଂସ୍କୃତିକ ପରମ୍ପରା ଓ ମୂଲ୍ୟବୋଧ ପରସ୍ପର ସହ ଜଡ଼ିତ। ଅର୍ଥନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଉଭୟ ପରସ୍ପରର ସାଥୀ। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଭୟ ଦେଶ ପରସ୍ପରକୁ ସହଯୋଗ କରିଥାନ୍ତି।

### ବାଜପେୟୀଙ୍କ ନାମରେ ଇନ୍‌ଷ୍ଟିଚ୍ୟୁଟ ପ୍ରତିଷ୍ଠା

ଏହାସହ ବୁଧବାର ଉଭୟ ନେତା ମରିସସ୍‌ର ରେଡୁଇଟ୍‌ଠାରେ 'ଅଟଳ ବିହାରୀ ବାଜପେୟୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ସର୍ଭିସ୍ ଆଣ୍ଡ ଇନୋଭେଶନ'ର ଉଦ୍‌ଘାଟନ କରିଥିଲେ। ଭାରତ-ମରିସସ୍ ଦ୍ୱିପାକ୍ଷିକ ବିକାଶ ଭାଗୀଦାରି ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମରିସସ୍‌ର ଦକ୍ଷତା ବୃଦ୍ଧି ଦିଗରେ ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ମୋଦି କହିଛନ୍ତି। ସେହିପରି ଉକ୍ତଦିନ ଆୟୋଜିତ ମରିସସ୍‌ର ଜାତୀୟ ଦିବସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

# ଏନ୍‌ଇପି ଏକ ଗୈରିକ ନୀତି: ଷ୍ଟାଲିନ୍



ଚେନ୍ନାଇ, ୧୨।୩

ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ହିନ୍ଦୀକୁ ପ୍ରୋତ୍ସାହନ ଦେବା ଏବଂ ତାମିଲନାଡୁର ଶୈକ୍ଷିକ ବିକାଶ ସହ ସାଲିସ ପାଇଁ ଉଦ୍ଦିଷ୍ଟ ଏକ ଗୈରିକ ନୀତି। କେନ୍ଦ୍ରର ଡିଲିମିଟେଶନ୍ ପ୍ରସ୍ତାବ ଏବଂ ଏନ୍‌ଇପିକୁ ନେଇ ମୁହାଁମୁହିଁ ଅବସ୍ଥାରେ ଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ବୁଧବାର ଏହାକୁ ଏଭଳି ଭାବେ ଅଭିହିତ କରିଛନ୍ତି।

ଡିଏମ୍‌କେ ମୁଖ୍ୟ ଷ୍ଟାଲିନ୍ ଏକ ଦଳୀୟ ସଭାକୁ ସମ୍ବୋଧିତ କରି କହିଛନ୍ତି, ଏନ୍‌ଇପିକୁ ଆମେ ବିରୋଧ କରୁଛୁ। କାରଣ ଏହା ତାମିଲନାଡୁର ଶୈକ୍ଷିକ ବିକାଶକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେବ। ଭାଜପା ଉତ୍ତର ଭାରତ ରାଜ୍ୟଗୁଡ଼ିକରେ ନିଜ କ୍ଷମତା ପ୍ରୟୋଗ ପାଇଁ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ ଯୋଜନା କରିଛି। ଏହାଦ୍ୱାରା ସାମାଜିକ ନ୍ୟାୟ ପ୍ରତି ବିପଦ ସୃଷ୍ଟି ହେବା ସହ ସଂରକ୍ଷଣକୁ ଅଣଦେଖା କରାଯିବା ଆଶଙ୍କା ପ୍ରକାଶ ପାଇଛି। ଏଭଳି ଉଦ୍ୟମକୁ ଡିଏମ୍‌କେ ବିରୋଧ କରିବ।

### ପିଲା ଜନ୍ମକୁ ଗୁରୁତ୍ୱ ଦିଅ: ଉଦୟନିଧି

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ପରେ ତାଙ୍କ ପୁଅ ତଥା ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ମଧ୍ୟ ନବଦମ୍ପତିଙ୍କୁ ପିଲା ଜନ୍ମ କରିବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଚେନ୍ନାଇରେ ବୁଧବାର ଅନୁଷ୍ଠିତ ଏକ ଗଣବିବାହ ଉତ୍ସବରେ ଯୋଗଦେବା ଅବସରରେ ଡିଏମ୍‌କେ ନେତା ଉଦୟନିଧି କହିଛନ୍ତି, ନବବିବାହିତ ଦମ୍ପତିମାନଙ୍କୁ ଏଣିକି ଯଥାଶୀଘ୍ର ସମ୍ଭବ ପିଲା ଜନ୍ମ କରିବାକୁ ପଡ଼ିବ। ତାମିଲ ପରିଚୟକୁ ସୁରକ୍ଷିତ ରଖିବା ପାଇଁ ପିଲାଙ୍କ ନାମ ତାମିଲରେ ଦେବାକୁ ସେ କହିଛନ୍ତି। ଆମ ରାଜ୍ୟ ଜନ୍ମ ନିୟନ୍ତ୍ରଣକୁ ଗୁରୁତ୍ୱ ଦେଇ ଏହାକୁ କାର୍ଯ୍ୟକାରୀ କରିଛି। ଏଥିପାଇଁ ଆମେ ସମସ୍ୟାର ସମ୍ମୁଖୀନ ହେଉଛେ। ୨୦୨୬ ବିଧାନସଭା ନିର୍ବାଚନରେ ଡିଏମ୍‌କେ ୨୦୦ରୁ ଅଧିକ ଆସନ ଦଖଲ କରିବ ବୋଲି ଉଦୟନିଧି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ ହେବାକୁ ଥିବାବେଳେ ତାମିଲନାଡୁ ସମେତ ଦକ୍ଷିଣ ଭାରତ ରାଜ୍ୟଗୁଡ଼ିକ ଅନେକ ଲୋକ ସଭା ଆସନ ହରାଇପାରନ୍ତି ବୋଲି ନେତାମାନେ ଆଶଙ୍କା କରୁଛନ୍ତି। ଏଥିଯୋଗୁ ଷ୍ଟାଲିନ୍ ବାପପୁଅ ଦମ୍ପତିଙ୍କୁ ପିଲା ଜନ୍ମ କରିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି।

## ଘର ଭଡ଼ା ଦେଇ ନ ପାରି ମା', ୨ ଝିଅଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୨।୩

ଦକ୍ଷିଣପୂର୍ବ ଦିଲ୍ଲୀର ବଦରପୁର ଅଞ୍ଚଳରେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ସହ ଘର ଭଡ଼ା ଦେଇ ପାରୁ ନ ଥିବାରୁ ଜଣେ ୪୨ ବର୍ଷୀୟା ମହିଳା ପୂଜା ନିଜର ୨ ଝିଅଙ୍କ ସହ ଆତ୍ମହତ୍ୟା କରିଛନ୍ତି। ପୂଜାଙ୍କର ଉଭୟ ଝିଅଙ୍କର ବୟସ ୧୮ ଏବଂ ୮ ବର୍ଷ ହୋଇଥିବା ପୋଲିସ କହିଛି। ପୂଜାଙ୍କ ଘରୁ ଦୁର୍ଗନ୍ଧ ଆସିବାରୁ ତାଙ୍କ ପଡ଼ୋଶୀ ବୁଧବାର ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ୩ ଗଳିତ ମୃତଦେହକୁ ଜବତ କରିଥିଲା। ତେଣୁ ପୂଜା ଓ ତାଙ୍କର ୨ ଝିଅ ୪ରୁ ୫ ଦିନ ତଳେ ଆତ୍ମହତ୍ୟା କରିଥିବା ନେଇ ପୋଲିସ ଅନୁମାନ କରୁଛି। ବିଷାକ୍ତ ପଦାର୍ଥ ଖାଇ ସେମାନେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୂଜା ଆର୍ଥିକ ସଙ୍କଟ ମଧ୍ୟରେ ଥିଲେ ଏବଂ ସେ ଗତ ୨ ମାସ ହେବ ଘର ଭଡ଼ା ଦେଇପାରୁ ନ ଥିବା ପୋଲିସ କହିଛି।

# ୧୦୦ ପାକ୍ ସୈନ୍ୟଙ୍କୁ ହତ୍ୟାକରିଛୁ: ବିଏଲ୍‌ଏ

### ବେଲୁଚିସ୍ତାନ ଟ୍ରେନ୍ ହାଇଜାକ୍: ବିସ୍ଫୋରଣର ଭିଡିଓ ଜାରି



ଇସ୍‌ଲାମାବାଦ/କ୍ୱେଟା, ୧୨।୩

ପାକିସ୍ତାନ ଅନେକ ଦଶନ୍ଧି ଧରି ଦକ୍ଷିଣପଶ୍ଚିମ ବେଲୁଚିସ୍ତାନ ପ୍ରଦେଶକୁ ଉପେକ୍ଷା କରିଥିବାରୁ ଏହାର ପ୍ରତିଶୋଧ ସ୍ୱରୂପ ବେଲୁଚିସ୍ତାନ ଲିବରେଶନ୍ ଆର୍ମି (ବିଏଲ୍‌ଏ) ବିଦ୍ରୋହୀ ମଙ୍ଗଳବାର ଜଫର ଏକ୍ସପ୍ରେସ୍‌କୁ ନାଟକୀୟ ଶୈଳୀରେ ହାଇଜାକ୍ କରିଥିବା ଜଣାପଡ଼ିଛି। ପାକିସ୍ତାନ ସେନାର ୧୦୦ ସୈନ୍ୟଙ୍କୁ ବିଏଲ୍‌ଏ ହତ୍ୟା କରିଥିବା ଦାବି କରିଛି। ସମ୍ପୃକ୍ତ ଅଞ୍ଚଳକୁ ପାକିସ୍ତାନ ସରକାର ୨୦୦ କଫିନ୍ ପଠାଇଥିବା ନେଇ କେତେକ ରିପୋର୍ଟ ପ୍ରକାଶ ପାଇଛି।

ଏହା ପୂର୍ବରୁ ବିଦ୍ରୋହୀମାନେ ପାକିସ୍ତାନ ସରକାର ବିରୋଧରେ ଅନେକ କାର୍ଯ୍ୟାନୁଷ୍ଠାନ ନେଇଥିଲେ ମଧ୍ୟ ଏତେ ବଡ଼ ଧରଣର ଆକ୍ରମଣ କରି ନ ଥିଲେ। ଏନେଇ ଇସ୍‌ଲାମାବାଦର ବିଶ୍ଳେଷକ ଅବ୍‌ଦୁଲ୍ଲା ଖାନ୍ କହିଛନ୍ତି, ଟ୍ରେନ୍ ଅପହରଣ ହେଉଛି ଅଦ୍ୟାବଧି ବିଏଲ୍‌ଏ ପକ୍ଷରୁ କରାଯାଇଥିବା ସବୁଠୁ ଘାତକ ଆକ୍ରମଣ। ମୃତାହତଙ୍କ ସଂଖ୍ୟା ସାମ୍ନାକୁ ଆସିଲେ ଦେଶ ଚକିତ ହୋଇଯିବ।

ବେଲୁଚିସ୍ତାନ ହେଉଛି ପାକିସ୍ତାନର ସର୍ବବୃହତ୍ ପ୍ରଦେଶ, ଯେଉଁଠି ଦେଶର ସବୁଠୁ କମ୍ ଜନସଂଖ୍ୟା ରହିଛି। ଏହି ପ୍ରଦେଶରେ ପ୍ରଚୁର ପ୍ରାକୃତିକ ବାଷ୍ପ, ତୈଳ ଓ ଖଣିଜ ସମ୍ପଦ ରହିଥିଲେ ମଧ୍ୟ ଏହା ଅନ୍ୟ ଅଞ୍ଚଳ ତୁଳନାରେ ଅନୁନ୍ନତ। ପାକିସ୍ତାନ ସରକାର ସେମାନଙ୍କ ପ୍ରତି କରିଆସିଥିବା ଭେଦଭାବପୂର୍ଣ୍ଣ ଆଚରଣ ପ୍ରତିବାଦରେ ୨୦୦୦ ଦଶକରୁ ଆନ୍ଦୋଳନ ଜାରି ରହିଛି। ବିଚ୍ଛିନ୍ନତାବାଦୀମାନେ ବେଲୁଚିସ୍ତାନକୁ ଭିନ୍ନ ଦେଶର ମାନ୍ୟତା ଦାବିରେ ସଶସ୍ତ୍ର ଆନ୍ଦୋଳନ କରିଆସୁଛନ୍ତି।

### ମୃତ୍ୟୁସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ

ଅପହୃତ ଟ୍ରେନ୍‌ରେ ଥିବା କେତେଜଣ ପଣବନ୍ଦୀଙ୍କୁ ବିଏଲ୍‌ଏ ବିଦ୍ରୋହୀ ହତ୍ୟା କରିଛନ୍ତି, ସେନେଇ ପ୍ରକୃତ ତଥ୍ୟ ଆସିପାରି ନାହିଁ। ବିଏଲ୍‌ଏ ବୁଧବାର ୫୦ ପଣବନ୍ଦୀଙ୍କୁ ହତ୍ୟା କରିଥିବା ଦାବି କରୁଥିବାବେଳେ ପାକିସ୍ତାନୀ ସେନା ଏହି ସଂଖ୍ୟା ୨୧ରେ ସୀମିତ ବୋଲି କହୁଛି। ବିଏଲ୍‌ଏ କହିଛି, ବେଲୁଚିସ୍ତାନ ନ୍ୟାଶନାଲ କୋର୍ଟରେ ଯୁଦ୍ଧ ଅପରାଧ ଅଭିଯୋଗରେ ଏମାନଙ୍କୁ ଦଣ୍ଡିତ କରାଯାଇଛି। ମୃତ୍ୟୁଦଣ୍ଡ ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୧୦୦ ପାକିସ୍ତାନୀ ସୈନ୍ୟ ରହିଛନ୍ତି। ଇତିମଧ୍ୟରେ ବିଏଲ୍‌ଏ ହାଇଜାକ୍ କରିଥିବା ଟ୍ରେନ୍‌ରେ ବିସ୍ଫୋରଣ ବେଳର ଭିଡିଓ ଜାରି କରିଛି। ଅନ୍ୟପକ୍ଷେ ପାକିସ୍ତାନୀ ସେନା ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ବିଏଲ୍‌ଏ ବିଦ୍ରୋହୀଙ୍କ କବଳରୁ ପାକିସ୍ତାନୀ ସେନା ୩୪୬ରୁ ଊର୍ଦ୍ଧ୍ୱ ପଣବନ୍ଦୀଙ୍କୁ ଉଦ୍ଧାର କରିଛି। ତେବେ ଅନେକ ପଣବନ୍ଦୀଙ୍କୁ ବିଦ୍ରୋହୀମାନେ ହତ୍ୟା କରିଛନ୍ତି। ଏବେ ବି ଅପରେଶନ୍ ଜାରି ରହିଛି ବୋଲି ବୁଧବାର ପାକିସ୍ତାନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଚାଲିଥିବା ଅଭିଯାନ ବେଳେ ଅପହରଣକାରୀ ୩୩ ଉଗ୍ରପନ୍ଥୀ ନିହତ ହୋଇଥିବା ସେନା କହିଛି। ପ୍ରାୟ ୪୫୦ ଯାତ୍ରୀଙ୍କୁ ନେଇ କ୍ୱେଟାରୁ ପେଶାୱରଅଭିମୁଖେ ଯାତ୍ରା କରୁଥିବା ଜଫର ଏକ୍ସପ୍ରେସ୍‌କୁ ମଙ୍ଗଳବାର ବେଲୁଚିସ୍ତାନ ପ୍ରଦେଶର ଏକ ଟନେଲ୍‌ରେ ବିଏଲ୍‌ଏ ବିଦ୍ରୋହୀ ହାଇଜାକ୍ କରିନେଇଥିଲେ। ବିଏଲ୍‌ଏ ଉଗ୍ରପନ୍ଥୀମାନଙ୍କୁ ଜେଲରୁ ମୁକ୍ତକଲେ ପଣବନ୍ଦୀଙ୍କୁ ଛାଡ଼ିବେ ବୋଲି ସର୍ତ୍ତ ରଖିଥିଲେ। ତେବେ ପାକିସ୍ତାନୀ ସେନା ସେମାନଙ୍କ ଦାବିକୁ ଅଗ୍ରାହ୍ୟ କରିଦେଇଥିଲା।

## ମଦ ଉପରେ ଭାରତର ୧୫୦% ଟାରିଫ୍‌କୁ ଆମେରିକାର ସମାଲୋଚନା

ୱାଶିଂଟନ୍, ୧୨।୩

ଆମେରିକୀୟ ମଦ ଉପରେ ଭାରତର ୧୫୦% ଟାରିଫ୍‌କୁ ବୁଧବାର ହ୍ୱାଇଟ୍ ହାଉସ୍ ସମାଲୋଚନା କରିଛି। ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି କାଥେରିନ୍ ଲେଭିଟ୍ଟ କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସବୁବେଳେ ଉପଯୁକ୍ତ ବାଣିଜ୍ୟକୁ ସମର୍ଥନ କରିଆସିଛନ୍ତି। ଏପ୍ରିଲ ୨ରେ ଟ୍ରମ୍ପଙ୍କ ନୂଆ ରେସିପ୍ରୋକାଲ୍ ଟାରିଫ୍ (ପାରସ୍ପରିକ ଶୁଳ୍କ) ଲାଗୁ ହେବାକୁ ଥିବାବେଳେ ନୂଆଦିଲ୍ଲୀ ଆମେରିକା ଉତ୍ପାଦିତ ସାମଗ୍ରୀ ଉପରେ ଅତି ଉଚ୍ଚ ଟାରିଫ୍ କଷୁଛି। ଏହା ଭାରତୀୟ ଅର୍ଥନୀତି ପାଇଁ ସହାୟକ ହେବ ନାହିଁ। କେବଳ କୃଷି ସାମଗ୍ରୀକୁ ବାଦ୍‌ଦେଲେ ଅନ୍ୟ ଉପକରଣଗୁଡ଼ିକ ଉପରୁ ଟାରିଫ୍ ହଟାଇବା ପାଇଁ ସେ ଭାରତକୁ ପରାମର୍ଶ ଦେଇଛନ୍ତି।

## କ୍ଷତି ସହୁଥିବା ବ୍ୟକ୍ତି ଆଇନଗତ ପ୍ରତିନିଧି

ନୂଆଦିଲ୍ଲୀ, ୧୨।୩

**ଗାଡ଼ି ଦୁର୍ଘଟଣା କ୍ଷତିପୂରଣ ଦାବି: ସୁପ୍ରିମ୍‌କୋର୍ଟଙ୍କ ଟିପ୍ପଣୀ**

ଯାନବାହନ ଦୁର୍ଘଟଣାଗ୍ରସ୍ତ ହେଲେ ମୋଟର ଭେହିକିଲ ଆକ୍ଟ ଅଧୀନରେ କ୍ଷତିପୂରଣ ଦାବି କରୁଥିବା ବ୍ୟକ୍ତିଙ୍କୁ ମୃତକଙ୍କ ସ୍ତ୍ରୀ, ସ୍ୱାମୀ, ମା'ବାପା କିମ୍ବା ପିଲାଛୁଆଙ୍କ ଭିତରେ ସୀମିତ ନ ରଖାଯାଉ। ମୃତକଙ୍କ ଉପରେ ନିର୍ଭରଶୀଳ ଯେକୌଣସି ବ୍ୟକ୍ତିଙ୍କୁ ଲିଗାଲ ରିପ୍ରେଜେଣ୍ଟେଟିଭ୍ ବା ଆଇନଗତ ପ୍ରତିନିଧି ଭାବେ ବିବେଚନା କରାଯାଇପାରିବ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି।

ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ପ୍ରଶାନ୍ତ କୁମାର ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଆବେଦନର ଶୁଣାଣି କରି କହିଛନ୍ତି, ଯଦି ଦାବି କରୁଥିବା ବ୍ୟକ୍ତି/ବ୍ୟକ୍ତିମାନେ ମୃତକଙ୍କ ଆୟ ଉପରେ ନିର୍ଭରଶୀଳ ଥିଲେ ତେବେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇପାରିବ। ଜଣେ ଆଇନଗତ ପ୍ରତିନିଧି ହେଉଛନ୍ତି ସିଏ, ଯିଏକି ଗାଡ଼ି ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଯୋଗୁ କ୍ଷତି ସହିଛନ୍ତି। ସେହି ବ୍ୟକ୍ତି ମୃତକଙ୍କ ସ୍ତ୍ରୀ, ସ୍ୱାମୀ କିମ୍ବା ପିଲା ହୋଇଥିବା ଜରୁରୀ ନୁହେଁ ବୋଲି ଶୀର୍ଷ ଅଦାଲତ କେତୋଟି ପୂର୍ବ ମାମଲାରେ ରାୟର ଅବତାରଣା କରି ସ୍ପଷ୍ଟ କରିଛନ୍ତି। ଆଲୋଚ୍ୟ ମାମଲାରେ ମୋଟର ଆକ୍ସିଡେଣ୍ଟ କ୍ଲେମ୍ ଟ୍ରିବ୍ୟୁନାଲ (ଏମ୍‌ଏସିଟି) କ୍ଷତିପୂରଣ ନିର୍ଦ୍ଦେଶ ଦେବାବେଳେ ମୃତକଙ୍କ ବାପା ଓ ଭଉଣୀଙ୍କ ଦାବିକୁ ବିଚାରକୁ ନେଇ ନ ଥିଲେ। ଏମ୍‌ଏସିଟି କହିଥିଲେ, ବାପା ମୃତକଙ୍କ ଆୟ ଉପରେ ନିର୍ଭରଶୀଳ ନ ଥିଲେ। ବାପା ଜୀବିତ ଥିବାରୁ ମୃତକଙ୍କ ସାନଭଉଣୀଙ୍କୁ ମଧ୍ୟ ମୃତକଙ୍କ ଉପରେ ନିର୍ଭରଶୀଳ ବୋଲି କୁହାଯାଇପାରିବ ନାହିଁ। ଏମ୍‌ଏସିଟିଙ୍କ ରାୟକୁ ହାଇକୋର୍ଟ ଗ୍ରହଣ କରିଥିଲେ। ଫଳରେ ଆପିଲେଣ୍ଟ ବାଧହୋଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଶ୍ରେଷ୍ଠ ୫୦ ବିଶ୍ୱବିଦ୍ୟାଳୟରେ ଭାରତର ୯

ନୂଆଦିଲ୍ଲୀ, ୧୨।୩(ପି.ଟି.)

**କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍ସ ୨୦୨୫**





ଉଚ୍ଚଶିକ୍ଷାକୁ ନେଇ ବିଶ୍ଳେଷଣ କରୁଥିବା ସଙ୍ଗଠନ 'କ୍ୟୁଏସ୍' ପକ୍ଷରୁ ବୁଧବାର 'କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍ସ ୨୦୨୫'ର ତାଲିକା ଜାରି କରାଯାଇଛି। କ୍ୟୁଏସ୍ ପକ୍ଷରୁ ଜାରି ଏହି ବିଷୟଭିତ୍ତିକ ବିଶ୍ୱର ଶ୍ରେଷ୍ଠ ୫୦ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍‌ରେ ଭାରତର ୯ ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନର ନାମକୁ ଅନ୍ତର୍ଭୁକ୍ତ କରାଯାଇଛି। ତେବେ ଗତବର୍ଷ ତୁଳନାରେ ଏହି ତାଲିକାରେ ରହିଥିବା ଭାରତର ୩ଟି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି), ୨ଟି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ଏବଂ ଜବାହରଲାଲ ନେହେରୁ ୟୁନିଭର୍ସିଟି(ଜେଏନ୍‌ୟୁ)ର ର୍‍ୟାଙ୍କିଙ୍ଗ୍‌ରେ ହ୍ରାସ ଘଟିଛି। କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍ସର ଏହି ୧୫ତମ ସଂସ୍କରଣରେ ବିଷୟଭିତ୍ତିକ ର୍‍ୟାଙ୍କିଙ୍ଗ୍ ଏବଂ ବ୍ୟାପକ ଅଧ୍ୟାପନା କ୍ଷେତ୍ରରେ ଭାରତ ୧୨ଶ ସ୍ଥାନ ଅଧିକାର କରିଛି। ଇଞ୍ଜିନିୟରିଂ-ମିନେରାଲ୍ସ ଏବଂ ମାଇନିଂ ବିଷୟ ପାଇଁ ଧାନବାଦ୍‌ସ୍ଥିତ ଇଣ୍ଡିଆନ୍ ସ୍କୁଲ୍ ଅଫ୍ ମାଇନିଂ(ଆଇଏସ୍‌ଏମ୍) ବିଶ୍ୱସ୍ତରରେ ୨୦ତମ ସ୍ଥାନ ହାସଲ କରିଛି। ଇଞ୍ଜିନିୟରିଂ-ମିନେରାଲ୍ସ ଏବଂ ମାଇନିଂ ବିଷୟ ପାଇଁ ଆଇଆଇଟି ବମ୍ବେ ଏବଂ ଖଡ଼ଗପୁର ଯଥାକ୍ରମେ ୨୮ତମ ଏବଂ ୪୫ତମ ସ୍ଥାନରେ ରହିଛନ୍ତି। ତେବେ ଗତବର୍ଷର ର୍‍ୟାଙ୍କିଙ୍ଗ୍ ଅନୁଯାୟୀ ଉଭୟ ଅନୁଷ୍ଠାନର ପ୍ରଦର୍ଶନରେ ସାମାନ୍ୟ ହ୍ରାସ ଘଟିଛି। ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି ବିଷୟ ପାଇଁ ଆଇଆଇଟି ଦିଲ୍ଲୀ ଏବଂ ବମ୍ବେ ଯଥାକ୍ରମେ ୨୬ତମ ଏବଂ ୨୮ତମ ସ୍ଥାନରେ ରହିଛନ୍ତି। ଗତବର୍ଷଠାରୁ ଉଭୟ ଅନୁଷ୍ଠାନର ପ୍ରଦର୍ଶନରେ ସୁଧାର ଆସିଛି। ଗତବର୍ଷ ଏହି ୨ ଉଚ୍ଚ ଶିକ୍ଷାନୁଷ୍ଠାନ ଯୁଗ୍ମ ଭାବେ ୪୫ତମ ସ୍ଥାନରେ ରହିଥିଲେ। ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଏବଂ ଇଲେକ୍ଟ୍ରୋନିକ୍ସରେ ମଧ୍ୟ ଉଭୟ ଆଇଆଇଟି ଦିଲ୍ଲୀ ଏବଂ ବମ୍ବେ ନିଜ ପ୍ରଦର୍ଶନରେ ସୁଧାର ଆଣି ଶ୍ରେଷ୍ଠ ୫୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇପାରିଛନ୍ତି। ସେହିପରି 'ବ୍ୟବସାୟ ଏବଂ ପରିଚାଳନା ଅଧ୍ୟୟନ' ବିଷୟ ପାଇଁ ଆଇଆଇଏମ୍ ଅହମଦାବାଦ ଏବଂ ବେଙ୍ଗାଲୁରୁ ଶ୍ରେଷ୍ଠ ୫୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ରହିଥିଲେ ମଧ୍ୟ ଗତବର୍ଷଠାରୁ ଉଭୟଙ୍କ ପ୍ରଦର୍ଶନରେ ହ୍ରାସ ଘଟିଛି। ଆଇଆଇଏମ୍ ଅହମଦାବାଦ୍‌ର ର୍‍ୟାଙ୍କିଙ୍ଗ୍ ୨୨ରୁ ଖସି ୨୭ରେ ପହଞ୍ଚିଥିବାବେଳେ ଆଇଆଇଏମ୍ ବେଙ୍ଗାଲୁରୁର ର୍‍ୟାଙ୍କିଙ୍ଗ୍ ୩୨ରୁ ୪୦କୁ ଖସିଆସିଛି। ସେହିପରି ପେଟ୍ରୋଲିୟମ ଇଞ୍ଜିନିୟରିଂ ବିଷୟରେ ଆଇଆଇଟି ମାଡ୍ରାସ୍ ଏବଂ ବିକାଶ ଅଧ୍ୟୟନ ବିଷୟରେ ଜେଏନ୍‌ୟୁକୁ ଶ୍ରେଷ୍ଠ ୫୦ ୟୁନିଭର୍ସିଟି ମଧ୍ୟରେ ସ୍ଥାନ ମିଳିଛି। ତେବେ ଗତବର୍ଷଠାରୁ ଉଭୟ ଅନୁଷ୍ଠାନର ପ୍ରଦର୍ଶନରେ ହ୍ରାସ ଘଟିଛି। ପ୍ରାୟ ୫୫ଟି ବିଷୟକୁ ଭିତ୍ତିକରି କ୍ୟୁଏସ୍ ପକ୍ଷରୁ ଏହି ର୍‍ୟାଙ୍କିଙ୍ଗ ତାଲିକା ଜାରି କରାଯାଇଛି।

यूनियन बैंक ऑफ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
୧ମ ମହଲା, କେ କେ ଭାୱସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଡିମାଣ୍ଡ ନୋଟିସ୍**

**ଆମର ଶର୍ମା ଛକ ତାଳଚେର ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ**

ଆମେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶର୍ମା ଛକ ତାଳଚେର ଶାଖା**ର ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା /ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଶର୍ମା ଛକ ତାଳଚେର ଶାଖା /** ଋଣଗ୍ରହୀତାମାନେ: ୧) ନବଘନ ବିଶ୍ୱାଳ, ପିତା: ସନାତନ ବିଶ୍ୱାଳ, ୨) କୃଷ୍ଣଧ୍ୱଜ ବିଶ୍ୱାଳ, ପିତା: ସନାତନ ବିଶ୍ୱାଳ, ଉଭୟଙ୍କ ଠିକଣା ସା.: ଯୋରାଗାଡିଆ, ପୋ.: ପଦ୍ମାବତୀପୁର, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା-୭୫୯୧୦୩ | ଓଭରଡ୍ରାଫ୍ଟ ଟ.୬,୦୦,୦୦୦/- | ୧୩.୦୧.୨୦୨୫ / ୨୪.୦୫.୨୦୨୩ ସୁଦ୍ଧା ଟ.୫,୩୬,୮୨୨.୧୭ ଠାରୁ ତତ୍‌ପରବର୍ତ୍ତୀ ସୁଧ | ଶ୍ରୀ ନବଘନ ବିଶ୍ୱାଳ ଏବଂ କୃଷ୍ଣଧ୍ୱଜ ବିଶ୍ୱାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୭/୭, ପ୍ଲଟ୍ ନଂ.: ୩୦୬/୮୮୬, ପରିମିତ କ୍ଷେତ୍ର: ଏକର୦.୦୩୦ଡିସିମିଲି, ସା.: ଯୋରାଗାଡିଆ, ତାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଏହାର ଚଉପାର୍ଶ୍ୱରେ ଉତ୍ତର: ପଦ୍ମନାଭ ପ୍ରଧାନ, ଦକ୍ଷିଣ: ଅଚ୍ୟୁତାନନ୍ଦ ପ୍ରଧାନ, ପୂର୍ବ: ରାସ୍ତା, ପଶ୍ଚିମ: ଦିନବନ୍ଧୁ ପ୍ରଧାନ |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। **୧)** ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ **୬୦ ଦିନ** ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବୁ। **୨)** ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: କଟକ, ତାରିଖ: ୧୨.୦୩.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 63/ET/SBP/ENGG/2024-25, ତା.06.03.2025ରିଖ

(1) ଇ-ଟେଣ୍ଡର ସଂ.55-eT-DENE-SBP-24
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ପଏଣ୍ଟ ଓ କ୍ରସିଙ୍ଗ ସ୍ଲିପରର MCI ଇନସର୍ଟ (Insert)ର In-Situ ରିକଣ୍ଡିସନିଙ୍ଗ୍ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹1,94,42,400/-, ବିଡ୍ ସିକ୍ୟୁରିଟୀ : ₹2,47,300/-

(2) ଇ-ଟେଣ୍ଡର ସଂ.54-eT-DENC-SBP-24
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ପରିସୀମା ଅଧିନରେ ବର୍ଷ ସାରା ଜଙ୍ଗଲ କାଟିବା ଏବଂ ଡ୍ରେନ୍ ସଫାକରିବା କାର୍ଯ୍ୟ ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹55,23,730/-, ବିଡ୍ ସିକ୍ୟୁରିଟୀ : ₹1,10,500/-

(3) ଇ-ଟେଣ୍ଡର ସଂ.55-eT-DENC-SBP-24
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବରଗଡ଼ ରୋଡ଼ ପରିସୀମା ଅଧିନରେ ବର୍ଷ ସାରା ଜଙ୍ଗଲ କାଟିବା ଏବଂ ଡ୍ରେନ୍ ସଫାକରିବା କାର୍ଯ୍ୟ ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹64,88,730/-, ବିଡ୍ ସିକ୍ୟୁରିଟୀ : ₹1,29,800/-

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ କ୍ରମ ସଂ. ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 01.04.2025, 1500 ଘଟିକା (ସମସ୍ତ ଟେଣ୍ଡର ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର
PR-1076/P/24-25

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଗୋପାଳକୃଷ୍ଣ



@ ଶିବାୟିକା ଶିବାନୀ



@ ଦିଲୀପ



@ ତପନ



@ ନାରାୟଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଶାରେ କିଡ୍ନୀ ରୋଗ ବ୍ୟାପୁଛି

**ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ମିଳୁ ନ ଥିବାରୁ ଜୀବନ ଯାଉଛି**

ଭୁବନେଶ୍ୱର,୧୨।୩(ସୁଚିସ୍ମିତା ସାହୁ)

କିଡ୍ନୀ ରୋଗ ବଡ଼ ବିଶ୍ୱ ସମସ୍ୟା ସୃଷ୍ଟି କରିଛି। ସଚେତନତା ଓ ଠିକ୍ ଚିକିତ୍ସା ଅଭାବରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି। ରାଜ୍ୟରେ ମଧ୍ୟ କିଡ୍ନୀ ରୋଗ ବ୍ୟାପିବାରେ ଲାଗିଛି। ଦିନକୁ ଦିନ ବିଭିନ୍ନ ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ପ୍ରତି ଗାଁରେ କିଡ୍ନୀ ରୋଗୀ ରହିଥିବା ଦେଖିବାକୁ ମିଳୁଛି। ତେବେ ଅତ୍ୟାଧୁନିକ ଜୀବନ ଶୈଳୀ, ଦୂଷିତ ପାଣି ପାଇଁ ମଣିଷ କିଡ୍ନୀ କ୍ଷତିଗ୍ରସ୍ତ ହେଉଥିବାବେଳେ ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ମିଳୁ ନ ଥିବାରୁ ଜୀବନ ଯାଉଛି। ଏ କ୍ଷେତ୍ରରେ ଆହୁରି ଅଧିକ ସଚେତନତାର ଆବଶ୍ୟକତା ରହିଥିବା ବିଶେଷଜ୍ଞମାନେ କହିଛନ୍ତି। ଗୁରୁବାର ବିଶ୍ୱ କିଡ୍ନୀ ଦିବସ ପରିପ୍ରେକ୍ଷୀରେ ବିଶେଷଜ୍ଞଙ୍କ ପରାମର୍ଶ ବେଶ୍ ଗୁରୁତ୍ୱ ବହନ କରୁଛି।

୨୦୦୬ରୁ ପ୍ରତିବର୍ଷ ମାର୍ଚ୍ଚ ଦ୍ୱିତୀୟ ଗୁରୁବାରକୁ ବିଶ୍ୱ କିଡ୍ନୀ ଦିବସ ଭାବେ ପାଳନ କରାଯାଉଛି। ଏପର୍ଯ୍ୟନ୍ତ ବିଶ୍ୱରେ ମୋଟ ୮୫୦ ମିଲିୟନରୁ ଅଧିକ ଲୋକେ କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇ ସାରିଲେଣି। ସାରା ବିଶ୍ୱର ମୋଟ ଜନସଂଖ୍ୟାଙ୍କ ମଧ୍ୟରୁ ୧୦% କ୍ରନିକ କିଡ୍ନୀ ରୋଗ(ସିକେଡି)ରେ ପ୍ରଭାବିତ ହୋଇଛନ୍ତି। ଏ କ୍ଷେତ୍ରରେ ଭାରତ ୮ମ ସ୍ଥାନରେ ରହିଥିବା ଜଣାପଡ଼ିଛି। ସେହିପରି ବିଧାନସଭା ତଥ୍ୟ ଅନୁସାରେ, ୨୦୨୩-୨୪ରେ ରାଜ୍ୟର କେବଳ ୬ ସରକାରୀ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ୯୪ ହଜାର ରୋଗୀ ଚିକିତ୍ସା ପାଇଁ ଆସିଛନ୍ତି। ଏହାକୁ ହିସାବକୁ ନେଲେ, ଏସବୁ ହସ୍ପିଟାଲରେ କିଡ୍ନୀ ରୋଗୀଙ୍କ ଦୈନିକ ହାରାହାରି ଉପସ୍ଥାନ ୨୫୭ ରହିଛି। କଟକ ଏସ୍ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ କିଡ୍ନୀଜନିତ ରୋଗୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଛି। ପ୍ରତିମାସରେ ଏଠାକୁ ୬୩୦୦ରୁ ଅଧିକ ରୋଗୀ ଆସୁଛନ୍ତି। ତଥ୍ୟାନୁସାରେ, ୨୦୨୩-୨୪ ମସିହାରେ ଏସ୍ସିବିକୁ ସର୍ବାଧିକ ୭୫,୬୯୩ଜଣ ରୋଗୀ ଚିକିତ୍ସା ପାଇଁ ଆସିଥିବାବେଳେ ଦ୍ୱିତୀୟ ସର୍ବାଧିକ ଭାବେ ବ୍ରହ୍ମପୁର ଏମ୍କେସିଜି ହସ୍ପିଟାଲରେ ୧୩,୬୭୪ଜଣ, ବୁର୍ଲା ଭିମ୍ସାରରେ ୯୪୩, ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ୧୦୪ ଓ କଳାହାଣ୍ଡିର ଶହୀଦ ରେଣ୍ଡୋ ମାଝୀ ହସ୍ପିଟାଲରେ ୧୦୩ଜଣ କିଡ୍ନୀ ରୋଗୀ ଚିକିତ୍ସିତ ହୋଇଛନ୍ତି।

## ବ୍ୟାୟାମ ସହ ଜଙ୍କ୍ ଫୁଡ୍ରୁ ଦୂରେଇରହିବାକୁ ପରାମର୍ଶ

କିଡ୍ନୀଜନିତ ରୋଗୀ ସଂଖ୍ୟା ବଢୁଥିବାରୁ ଏନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କଳିଙ୍ଗ ହସ୍ପିଟାଲର ନେଫ୍ରୋଲୋଜିଷ୍ଟ ଡାକ୍ତର ରାଜେଶ କୁମାର ପାଢ଼ୀ କହିଛନ୍ତି, ପୂର୍ବବର୍ଷ ଅପେକ୍ଷା ବର୍ତ୍ତମାନ ଅଧିକ କିଡ୍ନୀ ରୋଗୀ ଚିହ୍ନଟ ହେଉଛନ୍ତି। ଆଗରୁ ପଚାଶ ରୋଗୀ ଆସୁଥିବା ବେଳେ ଏବେ ଶହେରୁ ଅଧିକ ରୋଗୀ ଓପିଡିକୁ ଆସୁଛନ୍ତି। ବର୍ତ୍ତମାନର ପାଣି, ଜଳବାୟୁ ପରିବର୍ତ୍ତନ ଏବଂ ଅସନ୍ତୁଳିତ ଖାଦ୍ୟପେୟ ଯୋଗୁ କିଡ୍ନୀ ଖରାପ ହେଉଛି। ଏଥିସହ ଡାଇବେଟିସ୍, ବ୍ଲଡ୍‌ପ୍ରେସର ଓ ହାର୍ଟ ରୋଗୀ, ଧୂମପାନ କରୁଥିବା ଏବଂ ନିଶାଗ୍ରସ୍ତ ଲୋକେ ଅଧିକ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନୁଗୋଳ, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ଫୁଲବାଣୀ, ନୟାଗଡ ଭଳି କିଛି ଅଞ୍ଚଳରେ ଅଧିକ କିଡ୍ନୀଜନିତ ରୋଗୀ ରହିଛନ୍ତି। ଏହି ରୋଗ ବଢୁଥିବାରୁ ରାଜ୍ୟ ସରକାର ହୁଅନ୍ତୁ କିମ୍ବା ସ୍ୱେଚ୍ଛାସେବୀମାନେ ସଚେତନତା କାର୍ଯ୍ୟକ୍ରମ କରିବାର ଆବଶ୍ୟକତା ରହିଛି। ବିଶ୍ୱ କିଡ୍ନୀ ଦିବସ ପାଳନବେଳେ ଏସବୁକୁ ଗୁରୁତ୍ୱ ଦିଆଯିବା ଦରକାର। ଲୋକମାନେ ଆବଶ୍ୟକ ବ୍ୟାୟମ କରିବା ସହିତ ବିଭିନ୍ନ ପ୍ରକାର ଜଙ୍କ ଫୁଡ୍‌ରୁ ଦୂରେଇ ରହିବାକୁ ଡାକ୍ତର ପାଢ଼ୀ ପରାମର୍ଶ ଦେଇଛନ୍ତି।

# 'ନ୍ୟାୟ ଦିଅ, ନଚେତ୍ ଗୁଳିକରି ମାରିଦିଅ'




କିଡ୍ନୀ ରୋଗୀମାନେ ଭୁବନେଶ୍ୱର ସୂଚନାଭବନ ସମ୍ମୁଖରେ ଅଭିନବ ବିକ୍ଷୋଭ କରୁଛନ୍ତି।

ଭୁବନେଶ୍ୱର,୧୨।୩(ସୁଚିସ୍ମିତା ସାହୁ)

'ଆମକୁ ନ୍ୟାୟ ଦିଅ, ଆମ ପରିବାରକୁ ବଞ୍ଚିବାର ସୁଯୋଗ ଦିଅ, ନଚେତ୍ ସର୍ବସାଧାରଣରେ ଗୁଳିକରି ମାରିଦିଅ।' ରାଜ୍ୟରେ ସରକାରୀ ସ୍ତରରେ ଚିକିତ୍ସା ଅବ୍ୟବସ୍ଥାକୁ ନେଇ କିଡ୍ନୀ ରୋଗୀମାନେ ବୁଧବାର ଏଭଳି କ୍ଷୋଭ ପ୍ରକାଶ କରିବା ସହ ଅଭିନବ ଢ଼ଙ୍ଗରେ ଭୁବନେଶ୍ୱରସ୍ଥିତ ସୂଚନା ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

କିଡ୍ନୀ ଟ୍ରାନ୍ସପ୍ଲାଣ୍ଟ ଆସୋସିଏଶନ ଅଫ୍ ଓଡିଶାର ସମ୍ପାଦିକା ଜୟଶ୍ରୀ ବେହେରା ଅଭିଯୋଗ କରିଛନ୍ତି, ସରକାର ମାଗଣା ସ୍ୱାସ୍ଥ୍ୟସେବା ପାଇଁ ଅନେକ ହଜାର କୋଟି ଖର୍ଚ୍ଚ କରୁଛନ୍ତି। ଏସ୍ସିବି ଏକମାତ୍ର ସରକାରୀ କିଡ୍ନୀ ପ୍ରତିରୋପଣକାରୀ ଚିକିତ୍ସାଳୟ। ଏସ୍ସିବିରେ ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା ପାଇଁ ଯନ୍ତ୍ରପାତି ରହିଛି। ହେଲେ

### ଏସ୍ସିବି ମେଡିକାଲ ବିରୋଧରେ କିଡ୍ନୀ ରୋଗୀଙ୍କ ଅଭିନବ ବିକ୍ଷୋଭ

ଡାକ୍ତରମାନେ ଏସ୍ସିବିରେ ପରୀକ୍ଷା ନ କରି ଘରୋଇ ହସ୍ପିଟାଲକୁ ପଠାଉଛନ୍ତି। ସବୁଠାରୁ ଉଦ୍‌ବେଗର ବିଷୟ ହେଲା, ଏସ୍ସିବି ମେଡ଼ିକାଲରେ ଏହି ବିଭାଗରେ ୪ବର୍ଷ ହେଲା ଜଣେ ବି ପ୍ରଫେସର ନାହାନ୍ତି। ଜଣେ ସହକାରୀ ପ୍ରଫେସର ଓ ପିଜି ଛାତ୍ରୀଛାତ୍ର କିଡ୍ନୀ ପ୍ରତିରୋପଣ କରୁଛନ୍ତି। ଫଳରେ ବର୍ଷକ ମଧ୍ୟରେ ୧୨୫ଜଣ କିଡ୍ନୀ ରୋଗୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ବିକଳାଙ୍ଗ ଅବସ୍ଥାରେ ଓ ଆଉ କେତେଜଣ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଘରୋଇ ଡାକ୍ତରଖାନାରୁ କମିଶନ ମିଳୁଥିବାରୁ ଡାକ୍ତରମାନେ ସେହି ହସ୍ପିଟାଲକୁ ରୋଗୀଙ୍କୁ ପଠାଉଛନ୍ତି। ଜାତୀୟ ମେଡ଼ିକାଲ କାଉନସିଲ୍‌ର ଆଇନ ଅନୁସାରେ, ଜଣେ ଅଭିଜ୍ଞ ପ୍ରଫେସର ଜଣେ ସହକାରୀ ଓ ସହଯୋଗୀ ପ୍ରଫେସରଙ୍କ ଜରିଆରେ କିଡ୍ନୀ ପ୍ରତିରୋପଣ କରିବା ପାଇଁ କଡ଼ା ନିର୍ଦ୍ଦେଶ ରହିଛି। ଆମ ରାଜ୍ୟରେ ଅଭିଜ୍ଞ ପ୍ରଫେସରମାନେ କିଡ୍ନୀ ରୋଗୀଙ୍କୁ କଟକ ଏସ୍ସିବି ପଠାଉଥିବା ବେଳେ ଏସ୍ସିବିରେ ଜଣେ ଅନଭିଜ୍ଞ ସହକାରୀ ପ୍ରଫେସର କିଡ୍ନୀ ପ୍ରତିରୋପଣ କରିବା ପାଇଁ ଘରୋଇ ହସ୍ପିଟାଲକୁ ପଠାଉଛନ୍ତି। ଏ ସମ୍ପର୍କରେ ବହୁଥର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ସଚିବଙ୍କ ପାଖରେ ଗୁହାରି କରିଥିଲେ ସୁଦ୍ଧା କିଛି ସୁଫଳ ମିଳୁନାହିଁ। ଆମକୁ ଯିଏ କିଡ୍ନୀ ଦେଲା ସିଏ ମଲା, ଯିଏ କିଡ୍ନୀ ପ୍ରତିରୋପଣ କଲା ସିଏ ମଧ୍ୟ ମଲା। ଏସ୍ସିବି ପ୍ରଶାସନ ଦ୍ୱାରା ଚାଲିଥିବା କିଡ୍ନୀ ର୍ୟାକେଟର ପର୍ଦ୍ଦାଫାଶ କରି ଦୋଷୀ ବିରୋଧରେ କଠୋର ଦଣ୍ଡବିଧାନ ସହ ମୃତ ପରିବାରକୁ ଆର୍ଥିକ ସହାୟତା ଦେବାକୁ ସେ ଦାବି କରିଛନ୍ତି।

# ଏଏସ୍ଆଇ ମହାନିର୍ଦ୍ଦେଶକଙ୍କୁ ଭେଟିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ,୧୨।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ବୁଧବାର ନୂଆଦିଲ୍ଲୀରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)ର ମହାନିର୍ଦ୍ଦେଶକ ଡ. ଯଦୁବୀର ସିଂହ ରାୱତ୍‌ଙ୍କୁ ଭେଟି ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ସହ ଅନ୍ୟାନ୍ୟ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ରତ୍ନଭଣ୍ଡାର କାର୍ଯ୍ୟ ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ରତ୍ନଭଣ୍ଡାର ସଂରକ୍ଷଣ କାର୍ଯ୍ୟ ନେଇ ମୁଖ୍ୟ ପ୍ରଶାସକ ପାଢ଼ୀ ଏଏସ୍ଆଇକୁ ଧନ୍ୟବାଦ ଦେବା ସହ ଧାର୍ଯ୍ୟ ସମୟରେ କାର୍ଯ୍ୟ ସରିବ ବୋଲି ଆଶା ପ୍ରକାଶ କରିଥିଲେ। ସେହିପରି ପାର୍ଶ୍ୱ ମନ୍ଦିରଗୁଡ଼ିକର ମରାମତି ନେଇ ମଧ୍ୟ ଆଲୋଚନା ହୋଇଥିଲା। ନାଟମଣ୍ଡପରେ ଏସି ବ୍ୟବସ୍ଥା, ଶ୍ରୀମନ୍ଦିର ଆଲୋକୀକରଣ ଏବଂ ଅନ୍ୟାନ୍ୟ ମରାମତି ତଥା ରୁପା ଓ ସୁନା ଛାଉଣି କାର୍ଯ୍ୟ ସମ୍ପାଦନ ବେଳେ ସାଂସ୍କୃତିକ ବୈଶିଷ୍ଟ୍ୟ ପ୍ରତି ଧ୍ୟାନ ଦିଆଯିବା ନେଇ ଏଏସ୍ଆଇ ପକ୍ଷରୁ ପରାମର୍ଶ ଆସିଥିଲା। ଏହି ଆଲୋଚନା ବେଳେ ଏଏସ୍ଆଇ ଉପମହାନିର୍ଦ୍ଦେଶକ(ସଂରକ୍ଷଣ) ଡ. ଜାହାନ୍ୱିଜ୍ ଶର୍ମା ଉପସ୍ଥିତ ଥିଲେ। ଗସ୍ତ ସମୟରେ ମୁଖ୍ୟ ପ୍ରଶାସକ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କୁ ଭେଟି ରଥଯାତ୍ରାକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ କରିବା ସମ୍ବନ୍ଧରେ ଆଲୋଚନା କରିଥିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ବିଭାଜନ ନଂ.-୨, ବରଗଡ଼
(ବରଗଡ଼ କେନାଲ ବିଭାଜନ ପରିସର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଖ)
(ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର)
(ଇ-ମେଲ: segmlipbargarh02@gmail.com)
**No.A-1193:** ବିଜ୍ଞାପନ ସଂଖ୍ୟା ୦୨/୨୦୨୪-୨୫, ତାରିଖ ୧୧.୦୩.୨୦୨୫ରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ବିଭାଜନ ନଂ.-୨, ବରଗଡଙ୍କ ସରକାରୀ କାର୍ଯ୍ୟରେ ବ୍ୟବହାର ପାଇଁ ତା.୦୧.୦୪.୨୦୨୫ ରିଖ ଠାରୁ ତା.୩୧.୦୩.୨୦୨୬ ରିଖ ପର୍ଯ୍ୟନ୍ତ ମାସିକ ଭଡ଼ା ଭିତ୍ତିରେ ୦୩ (ତିନି ଗୋଟି) ଏସି ଡିଜେଲ କିମ୍ବା ପେଟ୍ରୋଲ ଗାଡି ଯୋଗାଇବା ପାଇଁ ଇଚ୍ଛୁକ ଖ୍ୟାତି ସମ୍ପନ୍ନ ଟ୍ରାଭେଲ ଏଜେନ୍ସି /ଟୁର ଅପରେଟର/ ବେସରକାରୀ ସଂସ୍ଥାର ମୁଦ ଦିଆ ଠିକା କାମ ଆବେଦନ ପାଇଁ ବିଜ୍ଞପ୍ତି ।
କୋଟେସନ୍ ବିକ୍ରିର ଆରମ୍ଭ ତାରିଖ: ୧୩.୦୩.୨୦୨୫ (ସକାଳ ୧୧.୦୦ ଘଟିକାଠାରୁ)
କୋଟେସନ୍ ବିକ୍ରିର ଅନ୍ତିମ ଓ ଜମା ତାରିଖ:୨୫.୦୩.୨୦୨୫ (ସନ୍ଧ୍ୟା ୦୪.୦୦ ପର୍ଯ୍ୟନ୍ତ)
କୋଟେସନ୍ ଖୋଲା ତାରିଖ: ୨୫.୦୩.୨୦୨୫ (ସନ୍ଧ୍ୟା ୦୪.୩୦ ଘଟିକା)
ସ୍ୱା./-ଅଧୀକ୍ଷଣ ଯନ୍ତ୍ରୀ
ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ବିଭାଜନ ନଂ.୨, ବରଗଡ଼
OIPR-32402/11/0003/2425

# ୪୦ ଡିଗ୍ରୀ ଟପିଲା ତାପମାତ୍ରା

ଭୁବନେଶ୍ୱର,୧୨।୩(ଅନୁରାଧା ମହାରଣା)

■ ୩୮ ଡିଗ୍ରୀ ଉପରେ ରାଜ୍ୟର ୧୨ ସହର
■ ତାତିଲା ଉପକୂଳ, ୪ଦିନ ସତର୍କ କଲେ ଏସ୍ଆର୍ସି



ମାର୍ଚ୍ଚରୁ ଅସମ୍ଭାଳ ହୋଇଛି ତାତି। ବୁଧବାର ରାଜ୍ୟରେ ତାପମାତ୍ରା ୪୦ ଡିଗ୍ରୀ ଟପିଥିବାବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ପ୍ରଭାବିତ କରିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ୪୦.୫ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ୧୨ ସହରରେ ପାରଦ ୩୮ ଡିଗ୍ରୀ ଉପରେ ରହିଥିବାବେଳେ ଏବର୍ଷ ପ୍ରଥମଥର ଉପକୂଳ ଓଡ଼ିଶାରେ ତାପମାତ୍ରା ୩୮ ଡିଗ୍ରୀ ଡେଇଁଛି। ବୌଦ୍ଧ ତଳକୁ ବଲାଙ୍ଗୀର ଦ୍ୱିତୀୟ ଉତ୍ତପ୍ତ ସହର ହୋଇଛି। ଏଠାରେ ତାପମାତ୍ରା ୩୯.୯ ରେକର୍ଡ କରାଯାଇଥିବାବେଳେ ଟିଟିଲାଗଡ଼ରେ ୩୯.୫, ଝାରସୁଗୁଡା ୩୯.୪, ସୁନ୍ଦରଗଡ଼ ୩୯.୪, ସମ୍ବଲପୁର ୩୯.୩, ବାରିପଦା ୩୯, ସୋନପୁର ୩୮.୯, ଭଦ୍ରକ ୩୮.୮, ହୀରାକୁଦ ୩୮.୭, ରାଉରକେଲା ୩୮.୪ ଓ ଭବାନୀପାଟଣାରେ ତାପମାତ୍ରା ୩୮.୪ ଡିଗ୍ରୀ ଛୁଇଁଛି। ସେହିପରି ଭୁବନେଶ୍ୱରରେ ପାରଦ ୩୬.୬ ଡିଗ୍ରୀ ଓ କଟକରେ ୩୭ ଡିଗ୍ରୀ ରହିଥିଲେ ମଧ୍ୟ ପ୍ରବଳ ଗରମ ଅନୁଭୂତ ହୋଇଛି। ତେବେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ଖରା ବଢ଼ିବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏନେଇ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର ସତର୍କ କରିଛନ୍ତି। ୧୩ ଓ ୧୪ ତାରିଖ ପାଇଁ ବୌଦ୍ଧ, ସୋନପୁର, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଓ ସମ୍ବଲପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ରହିଛି। ୧୫ ଓ ୧୬ ହିଟ୍‌ୱେଭ୍ ନେଇ ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର ଓ ବୌଦ୍ଧ ଜିଲାକୁ ଅରେଞ୍ଜ ୱାର୍ନିଂ ଏବଂ ଅନୁଗୋଳ, ସୋନପୁର, ବରଗଡ଼, ସୁନ୍ଦରଗଡ଼ ଓ ମୟୂରଭଞ୍ଜକୁ ୟେଲୋ ୱାର୍ନିଂ ରହିଛି। ସେହିପରି ରାତିରେ ଗୁଳୁଗୁଳି ନେଇ ସୁନ୍ଦରଗଡ଼, ବଲାଙ୍ଗୀର, ବରଗଡ଼ ଓ ବୌଦ୍ଧ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗ୍ରୀଷ୍ମ ପ୍ରବାହଜନିତ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ପାଇଁ ରାଜ୍ୟର ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ବୟସ୍କ, ଶିଶୁ ଓ ରୋଗୀ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ହାଲୁକା ପୋଷାକ ପରିଧାନ, ଯଥେଷ୍ଟ ପରିମାଣର ଓଆରଏସ୍ ଓ ପାଣି ପିଇବା ପାଇଁ କୁହାଯାଇଛି। ମଧ୍ୟାହ୍ନରେ ଶ୍ରମିକମାନେ ଖରାରେ କାମ କରନ୍ତୁ ନାହିଁ। ଅତ୍ୟାବଶ୍ୟକ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ମଦ, କଫି, ଚା' ଭଳି ପାନୀୟ ଗ୍ରହଣ ନ କରିବାକୁ ମଧ୍ୟ କୁହାଯାଇଛି।

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**DRAINAGE CIRCLE, BALASORE**
No.A-1195:
Email ID: sedcbls@yahoo.com
"e" PROCUREMENT NOTICE NO.-ACEDCBLS-04/2024-25

| | | |
|---|---|---|
| 1 | Name of the Work | Drainage Works (under D.I.P. Scheme) |
| 2 | Name of Project | 2 Nos. of Individual Work |
| 3 | Estimated Cost of Individual Works | Varies from Rs.2,38,04,844/- to Rs.2,87,31,280/- (Excluding G.S.T.) |
| 4 | Period of Completion | 11 (Eleven Calendar Month) |
| 5 | Bid Identification Number | ACEDC,BLS/DDBLS-01-04-2024-25) ACEDC,BLS/DDBLS-02-04-2024-25) |
| 6 | Date & Time of availability of Bid document in the portal | From 12.03.25 at: 10 hours to 27.03.25 at: 17 hours |
| 7 | Date of Opening of technical bid | Dt.28.03.2025 at: 11.30 hours. In the Office of the Additional Chief Engineer, Drainage Circle, Balasore |
| 8 | Date of Opening of Financial Bid | To be uploaded in portal |
| 9 | Date of Lottery (if required) | To be notified |
| 10 | Procurement Officer/ Name & address of the Officer Inviting Bids | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersorissa.gov.in.
Sd./- Additional Chief Engineer, Drainage Circle, Balasore
OIPR-32190/11/0006/2425

**ROURKELA SMART CITY LIMITED, Rourkela**
Udit Nagar, Rourkela-769012, Email: rourkelascl@gmail.com
BID ID : RSCL/291/2025 DATE : 11/03/2025
**NOTICE INVITING TENDER NATIONAL COMPETITIVE BIDDING**
No.C-1839 : The Chief Executive Officer, RSCL invites bids from eligible contractors for the following project :

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Design and Construction of Tribal Shrine Crafts for the Tribal Museum at Rourkela One Project in Rourkela. | 20.50 Lakhs |

The Tender Fees of Rs.7,100/- to be deposited with the bid which is Non-refundable. The complete BID documents can be viewed / downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 13.03.2025 to 02.04.2025 (up to 17:00 Hrs. IST). Pre- Bid Meeting will be held on 19.03.2025 at 12.30 P.M. in the Conference Hall of RSCL. For queries, intending bidder may contact Debasmita Mahanta, Ar. Designer vide Phone No. 7838895830 and Email Id: rourkelascl@gmail.com.
Sd./- Chief Executive Officer
Rourkela Smart City Limited
OIPR-13080/11/0014/2425

# ଆଳୁ ସଙ୍କଟ, ଡାଲି ଉତ୍ପାଦନରେ ଭଲ ସ୍ଥିତି

ଭୁବନେଶ୍ୱର,୧୨।୩(ରବିନାରାୟଣ ଜେନା)

ରାଜ୍ୟରେ ଆଳୁର ସଙ୍କଟଜନକ ସ୍ଥିତି ରହିଛି। ମାତ୍ର ଡାଲି କ୍ଷେତ୍ରରେ ଓଡ଼ିଶାର ଆବଶ୍ୟକ ତୁଳନାରେ ଅଧିକ ଉତ୍ପାଦନ ରହିଛି ବୋଲି କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି। ବୁଧବାର ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି ଯେ, ରାଜ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁର ଚାହିଦା ରହିଥିବାବେଳେ ମାତ୍ର ୪.୨୮ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦନ ହୋଇଥିଲା। ସେହିପରି ଖାଇବା ତୈଳ ଉତ୍ପାଦନରେ ରାଜ୍ୟ ପଛରେ ରହିଛି। ଉକ୍ତ ବର୍ଷ ରାଜ୍ୟରେ ୨.୭୪ ଲକ୍ଷ ମେଟ୍ରିକ୍ ଟନ୍ ଚାହିଦା ଥିବାବେଳେ ଟୋପାଟିଏ ବି ଉତ୍ପାଦନ ସମ୍ଭବ ହୋଇପାରି ନ ଥିଲା। ଅନ୍ୟପକ୍ଷରେ ରାଜ୍ୟରେ ଡାଲିଜାତୀୟ ଶସ୍ୟ ଉତ୍ପାଦନ ରାଜ୍ୟରେ ଅଧିକ ରହିଛି। ଉକ୍ତ ଅବଧି ମଧ୍ୟରେ ରାଜ୍ୟରେ ମାତ୍ର ୩.୧୨ ଲକ୍ଷ ମେଟ୍ରିକ୍ ଟନ୍ ଡାଲିଜାତୀୟ ଶସ୍ୟର ଚାହିଦା ରହିଥିବାବେଳେ ୧୩.୦୯ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଥିଲା। ସେହିପରି ପିଆଜ ଚାହିଦା ଉକ୍ତ ବର୍ଷ ୩.୭୫ ଲକ୍ଷ ମେଟ୍ରିକ୍ ଟନ୍ ରହିଥିବାବେଳେ ୪.୨୦ ଲକ୍ଷ ମେଟ୍ରିକ ଟନ୍ ଉତ୍ପାଦନ ହୋଇଥିଲା। କିନ୍ତୁ ଅଦା ୨.୫୫ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ରସୁଣ ୦.୪୫ ଲକ୍ଷ ମେଟ୍ରିକ ଟନ୍ ଉକ୍ତ ଅବଧିରେ ଉତ୍ପାଦନ ହୋଇଥିବାବେଳେ ଚାହିଦା କିଛି ନ ଥିଲା ବୋଲି ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି।

**ଜିଲ୍ଲା ପରିଷଦ, ଗଜପତି, ପାରଳାଖେମୁଣ୍ଡି**
**ZILLA PARISHAD, GAJAPATI, PARALAKHEMUNDI**
No.F-143:
ପତ୍ର ସଂଖ୍ୟା ୮୫୧ ତାରିଖ: ୦୭.୦୩.୨୦୨୫
**ବ୍ଲକସ୍ତରୀୟ ଜନଶୁଣାଣି ବିଜ୍ଞାପନ**
ଏତଦ୍ୱାରା ଗଜପତି ଜିଲ୍ଲାରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) ଓ (XVFC) କାର୍ଯ୍ୟକ୍ରମରେ ୨୦୨୪-୨୦୨୫ ଆର୍ଥିକ ବର୍ଷର ୧ ଏପ୍ରିଲ ୨୦୨୪ ମସିହା ଠାରୁ ୩୦ ସେପ୍ଟେମ୍ବର ୨୦୨୪ ମସିହା ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ରାଜ୍ୟ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଦିନ ଧାର୍ଯ୍ୟ କରାଯାଇଛି । ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ ହିତାଧିକାରୀ, ଯୋଜନା ସହିତ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରି-ସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ ।
ଗଜପତି ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଛି କି ଏହି ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦାନ କରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) ଓ (XVFC) ର କାର୍ଯ୍ୟକାରିତାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ଏବଂ ଯୋଜନାକୁ ସଫଳତାର ସହିତ ଆଗେଇ ନେବାପାଇଁ ଆପଣମାନଙ୍କର ସହଭାଗିତା ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପନା କରିବା ହେବେ ।

| କ୍ରମିକ ସଂଖ୍ୟା | ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ୧୧.୦୦ ଘଣ୍ଟା | ସ୍ଥାନ | କେଉଁ ପଦାଧିକାରୀ ଅଧକ୍ଷତା କରିବେ |
|---|---|---|---|---|
| ୧ | ରାୟଗଡ଼ା | 18.03.2025 | ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ମୋହନା | SUB COLLECTOR, PKD |
| ୨ | ଗୁମ୍ମା | 19.03.2025 | ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ନୂଆଁଗଡ | ADM, GAJAPATI |
| ୩ | ନୂଆଗଡ | 20.03.2025 | ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ରାୟଗଡା | PA, ITDA, PARALAKHEMUNDI |
| ୪ | ଆର.ଉଦୟଗିରି | 25.03.2025 | ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଗୁମ୍ମା | C.D.O.-cum-Executive Officer, ZP, GAJAPATI |
| ୫ | କାଶୀନଗର | 26.03.2025 | ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଆରଉଦୟଗିରି | SUB COLLECTOR, PKD |
| ୬ | ଗୋଷାଣି | 27.03.2025 | ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, କାଶୀନଗର | PA,ITDA, PARALAKHEMUNDI |
| ୭ | ମୋହନା | 29.03.2025 | ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଗୋଷାଣି | Additional Executive Officer (ADMIN), ZP, GAJAPATI |

ସ୍ୱା./-ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଗଜପତି
OIPR-15025/11/0001/2425

**OFFICE OF THE NOTIFIED AREA COUNCIL, NUAPADA**
At/Po/Dist.- Nuapada, Pin- 766105
Office Ph.No.06678-225045, E-mail-nuapadanac1@gmail.com
**INVITATION FOR BIDS**
Bid Reference No.-478/NPD
Tender Call Notice No.2025_ORULB_111554_1
No.C-1852: Bid documents consisting of specification the schedule of quantities and the set of terms and condition of contract and other necessary document can be seen in the Govt. Website i.e. www.tendersprossa.gov.in.

| | | | |
|---|---|---|---|
| 1 | Name of Work | : | Supply and Installation of Traffic Signal works as mentioned in website |
| 2 | Estimated Cost | : | Rs.12.71 Lakhs |
| 3 | Period of Completion | : | As per DTCN |
| 4 | Date and Time of availability of the documents in the portal | : | 10.00 AM 12.03.2025 to 5.00 PM 26.03.2025 |
| 5 | Last date/time for receipt of Bids in the portal | : | 26.03.2025 by 5.30 PM |
| 6 | Office Submission of Bid | : | 10.00 AM of 27.03.2025 to 5.30 PM of 29.03.2025 |
| 7 | Name and address of the Officer Inviting Bid | : | Executive Officer, Nuapada NAC, Dist- Nuapada |

Further the details can be seen from the "Procurement Portal- www.tendersorissa.gov.in.
Sd./- Executive Officer, NAC, Nuapada
OIPR-13158/11/0005/2425

# ଦିବ୍ୟାଂଶୀ ଯାହା ଚାହୁଁଥିଲେ...


'ପରୀ' ଫିଲ୍ମରେ (ବାମରୁ) ଦିବ୍ୟାଂଶୀ–ଜ୍ୟୋତି–ଅନୁରାଧା

ବେଳେବେଳେ ମଣିଷ ଯାହା ଚାହୁଁଥାଏ ତାହା ହାତ ପାଆନ୍ତାରେ ମିଳିଯାଏ। ଅବଶ୍ୟ ଏହାପୂର୍ବରୁ ସେ 'ଅତି ଜମା ଭଲ ନୁହେଁ', 'ପାରି କରିବେ ମୋ ଭୋଳା ଶଙ୍କର ୩', 'ଚୋରି ଚୋରି ବୋହୂ ଚୋରି' ଏବଂ 'ବାଲିଯାତ୍ରା' ସିନେମାରେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରି ନିଜ ଦକ୍ଷତାର ପରିଚୟ ଦେଇସାରିଛନ୍ତି। ହେଲେ ଏବେ ଶୁଟିଂ ଚାଲିଥିବା ନୂଆ ଓଡ଼ିଆ ସିନେମା 'ପରୀ'ର ମୁଖ୍ୟ ଭୂମିକାରେ ସେ ଅଭିନୟ କରୁଛନ୍ତି। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ସେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ହଁ, ସେ ହେଲେ ଶିଶୁ କଳାକାର ଦିବ୍ୟାଂଶୀ। ଯାଜପୁରରେ ଜନ୍ମିତା କିଶୋର ଚନ୍ଦ୍ର ଓଝା ଏବଂ ରୋହିଣୀବାଳା ଓଝାଙ୍କ ଏହି କନ୍ୟା ବର୍ତ୍ତମାନ ଷ୍ଟାଣ୍ଡାର୍ଡ–୨ରେ ପଢୁଛନ୍ତି। ଓମ୍ ଶାନ୍ତି ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି ଓ ଚନ୍ଦନ ସ୍ୱାଇଁ । ଏହି ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ତ୍ରିପତି କୁମାର ସାହୁ । ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ପ୍ରମୋଦ ପରିଡା ଗୀତ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଜାପାନୀ । ଏହାର ବିଭିନ୍ନ ଭୂମିକାରେ ଜ୍ୟୋତି ନାୟକ, ଅନୁରାଧା, ଶ୍ରୀତମ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ନୀଳମଣି ସାହୁ, ସୌମ୍ୟ ପ୍ରକାଶ ଦାସ ଅଧିକାରୀ,ସୌମ୍ୟ ରଞ୍ଜନ ମହାନ୍ତି, ଗୁଣ୍ଟୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ,ଗୋପାଳ ପଟ୍ଟନାୟକ ଏବଂ ରୋଶନ ଭରଦ୍ୱାଜ ପ୍ରମୁଖ ଅଭିନୟ କରିଛନ୍ତି। ତେବେ ଏହି ଫିଲ୍ମରେ ଦିବ୍ୟାଂଶୀ ନିଜ ଭୂମିକା ଦ୍ୱାରା ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ରିଲିଜ ପରେ ହିଁ ଜଣାପଡିବ।

# ଅପେକ୍ଷା ହୋଲିକୁ

ଶକ୍ତି ତନୟା ଶ୍ରଦ୍ଧା କପୁର ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ଆପଣ ଭାବୁଛନ୍ତି କି ତାଙ୍କର ଏବେ କୌଣସି ସିନେମା ରିଲିଜ ହେବାର ଯୋଜନା ରହିଛି। ନା। ଅସଲ କଥା ସେଇଆ ନୁହେଁ। ପ୍ରତିବର୍ଷ ଏହି ଦିନକୁ ସେ ଆଗ୍ରହର ସହ ଚାହିଁ ବସିଥାଆନ୍ତି। ତାହା କ'ଣ ଜାଣିବେନି? ହଁ, ଶ୍ରଦ୍ଧା ସବୁ ବର୍ଷ ହୋଲିକୁ ବେଶ୍ ଧୂମଧାମରେ ପାଳନ କରନ୍ତି। ବର୍ଷର ଅନ୍ୟ ପର୍ବପର୍ବାଣି ଅପେକ୍ଷା ତାଙ୍କୁ ହୋଲିର ମଜା ନିଆରା ଲାଗିଥାଏ। ଏ ନେଇ ସେ କହନ୍ତି, ''କଥା କ'ଣ କି ସ୍କୁଲ ସମୟଠାରୁ ଏ ପର୍ଯ୍ୟନ୍ତ ମୁଁ ପ୍ରାୟ ହୋଲି ଖେଳିଆସିଛି। ଏହି ଦିନ ଆମେ କେଇଜଣ ସ୍କୁଲ ସାଙ୍ଗ ଏକାଠି ହୋଇଥାଉ। ବାସ୍, ସମସ୍ତେ ମିଶି ରଙ୍ଗର ମଜା ନେଉ। ସାଙ୍ଗମାନଙ୍କ ମଧ୍ୟରୁ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ସେହିଦିନ ଯେମିତି ହେଲେ ଆସି ମୋ ପାଖରେ ପହଞ୍ଚିଯାଆନ୍ତି। ଯୋଜନା ମୁତାବକ ଆମେ ରଙ୍ଗରେ ରଙ୍ଗିନ ହୋଇ ଦିନଟିକୁ କଟାଇ ଦେଉ। କାରଣ ରଙ୍ଗ ବୋଳିବା ଆଉ ନିଜେ ରଙ୍ଗରେ ରଙ୍ଗିନ ହେବାର ମଜା ନିଆରା।'' ଶ୍ରଦ୍ଧାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ତିନ ପତି'ରୁ। ଗତବର୍ଷ ରିଲିଜ ହୋଇଥିବା 'ସ୍ତ୍ରୀ ୨' ବକ୍ସ ଅଫିସରେ ରେକର୍ଡ କରିଥିଲା। ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି–'ଆସୀକ ୨', 'ଏକ ଭିଲେନ୍', 'ହାଇଦର', 'ଉଙ୍ଗଲି', 'ଏବିସିଡି ୨', 'ବାଗୀ', 'ହାଫ ଗର୍ଲଫ୍ରେଣ୍ଡ' ଏବଂ 'ତୁ ଝୁଟି ମେଁ ମକ୍କାର'।


ଶ୍ରଦ୍ଧା

# ପୋଲିସ ଅବତାର


'ଡଷ୍ଟବିନ୍' ଫିଲ୍ମରେ ଜୀବନ

ହାସ୍ୟାଭିନେତା ଜୀବନ ପଣ୍ଡା। ଲୋକଙ୍କୁ ହସେଇ ହସେଇ ବେଦମ କରିବା ଯେମିତି ଜାଣିଛନ୍ତି ସେମିତି ଭୂମିକାଟି ଯେପରି ହେଉ ନା କାହିଁକି ତାହାକୁ ତୁଲାଇବାର କାଇଦା ମଧ୍ୟ ମାଲୁମ। ଇତିମଧ୍ୟରେ ସେ ଭିନ୍ନ ଭିନ୍ନ ଚରିତ୍ରରେ ପରଦା ଉପରକୁ ଆସିସାରିଛନ୍ତି। ହେଲେ ଖୁବ୍ ଶୀଘ୍ର ଦର୍ଶକ ତାଙ୍କୁ ପୋଲିସ ଅବତାରରେ ଦେଖିବାକୁ ପାଇବେ। ଆଉ ଏଭଳି ଏକ ମଜାଦାର ରୋଲକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ସେ। ହଁ, ଜୀବନଙ୍କୁ ଏଭଳି ଏକ ଭୂମିକା ମିଳିଛି ରିଲିଜ ଅପେକ୍ଷାରେ ରହିଥିବା ସିନେମା 'ଡଷ୍ଟବିନ୍'ରେ। ଏହି ସିନେମାର ନାୟକ ସାଜିଛନ୍ତି ପପୁ ପମପମ। ସେ ମଧ୍ୟ ଏହାର ଚିତ୍ରନାଟ୍ୟ ଲେଖିବା ସହ ସଙ୍ଗୀତ ଏବଂ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇଛନ୍ତି। କେ. କେ ସାହୁ ଫିଲ୍ମର ପ୍ରଯୋଜକ ଥିବା ବେଳେ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଦୀପ୍ତ ସ୍ୱାଇଁ। ଦୀପାନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିସ ଏବଂ ମନୋଜ ସ୍ୱାଇଁ କାଷ୍ଟିଂରେ ଅଛନ୍ତି। ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଶେଷ ହେଲା ଅପେକ୍ଷା

ଉଭୟ ପ୍ରାଣୀ ଏବଂ ଜଙ୍ଗଲ ସୁରକ୍ଷା ବିଷୟକୁ ପ୍ରାଧାନ୍ୟତା ଦିଆଯାଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଶିମ୍ଲୀ'। ଫିଲ୍ମଟି ଚଳିତ ମାସ ୧୪ ତାରିଖରେ ରିଲିଜ ହେବାକୁ ଯାଉଛି। ଶିମିଳିପାଳର ମନୋରମ ଲୋକେଶନରେ ଏହାର ଶୁଟିଂ କରାଯାଇଛି। 'ୟୁ' ସେନସର୍ ସାର୍ଟିଫିକେଟ ପାଇଥିବା ଏହି ଓଡ଼ିଆ ଚିତ୍ରର କାହାଣୀ ରଚନା ସହ ପ୍ରଯୋଜନା କରିଛନ୍ତି ନବାଗତା ପ୍ରଯୋଜିକା ସ୍ମିତା ରାଉତ। ସହ ପ୍ରଯୋଜନା କରିଛନ୍ତି ପରେଶ ଚନ୍ଦ୍ର ମହାନ୍ତ। ସୁକୁମାର ମଣି ଏହି ଫିଲ୍ମରୁ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରୁଛନ୍ତି। ସ୍ୱର୍ଗତ ବାଚୁ ମୁଖାର୍ଜୀଙ୍କ ସମେତ ବିଷ୍ଣୁ ମୋହନ କବି ଏବଂ ଏସ.ବି. ସ୍ମୃତି ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସଂଳାପ ରଚନା କରିଛନ୍ତି ଭାବବିନୋଦ ମହାପାତ୍ର । ସୂର୍ଯ୍ୟମୟୀ, ମନୋଜ ରାଉତ, ଅନୁପ ଶାହା, ଲିପିକା ସେନାପତି, ଚୌଧୁରୀ ବିକାଶ ଦାସ ଏବଂ ଐଶ୍ୱର୍ଯ୍ୟା ବେହେରା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ।


'ଶିମ୍ଲୀ' ଫିଲ୍ମର ପୋଷ୍ଟର

# ଭୁଲନ୍ତି ନାହିଁ ପରିଣିତି


ପରିଣିତି

ପରିଣିତି ଚୋପ୍ରା ଇତିମଧ୍ୟରେ ବଲିଉଡ୍‌ରେ ବେଶ୍ କେତୋଟି ସିନେମାରେ ଅଭିନୟ କରିବା ସହ ଘର ସଂସାର କରିସାରିଲେଣି। ତାଙ୍କୁ ଯେତେବେଳେ ଭୋକ ଲାଗେ ସେତେବେଳେ ସେ ଗୋଟିଏ ଜିନିଷ ଖାଇବାକୁ ଭୁଲି ନ ଥାନ୍ତି। ଯେତେ ମନଲୋଭା ଖାଦ୍ୟ ଥିଲେ ମଧ୍ୟ ଗୋଟିଏ ଖାଦ୍ୟ ପ୍ରତି ତାଙ୍କର ଦୁର୍ବଳତା ରହିଛି। ତାହା କ'ଣ ଜାଣନ୍ତି? ପିଜା। ଏପରି ଶୁଟିଂରୁ ବ୍ରେକ୍ ମିଳିଲେ ଟାଇମ୍ ପାସ୍ ପାଇଁ ପିଜା ମଗାଇ ଖାଇଥାଆନ୍ତି। ଏ ସମ୍ପର୍କରେ ପରିଣିତି କହନ୍ତି, 'ଷ୍ଟୁଡେଣ୍ଟ କ୍ୟାରିୟରରୁ ମୋର ପିଜା ଖାଇବା ଏକ ଅଭ୍ୟାସରେ ପଡିଯାଇଛି। ପ୍ରତିଦିନ ଯେମିତି ହେଲେ ମୁଁ ପିଜା ଖାଇଥାଏ। ଯଦି କେବେ ମିସ୍ କଲି ତେବେ ମୋତେ ଲାଗେ ଯେମିତି ମୁଁ କିଛି ଜିନିଷ ହଜେଇ ଦେଇଛି।' ପରିଣିତିଙ୍କର ଆଉ ଏକ ଅଭ୍ୟାସ ରହିଛି। ବଜାରରେ କୌଣସି ନୂଆ ଜୋତା ଲଞ୍ଚ ହେଲେ ତାହାକୁ କିଣିବାକୁ ଭୁଲି ନ ଥାନ୍ତି। ପ୍ରିୟଙ୍କା ଚୋପ୍ରାଙ୍କ 'ସାତ୍ ଖୁଣ୍ ମାଫ' ଦେଖିବା ପରେ ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି କରିବାକୁ ମନ ବଳାଇଥିଲେ ସେ। ପ୍ରିୟଙ୍କା ଅଭିନୀତ 'ପ୍ୟାର୍ ଇମ୍ପସିବୁଲ୍'ର ଶୁଟିଂ ସେଟ୍‌ରେ ଯଶରାଜ ଫିଲ୍ମସର ପି.ଆର. ବିଭାଗ ମୁଖ୍ୟଙ୍କ ସହ ପରିଣିତିଙ୍କର ଭେଟ ହୋଇଥିଲା। ତା'ପରେ ସେ ଏହି ବିଭାଗରେ ଯୋଗ ଦେଇଥିଲେ। କେବଳ ସେତିକି ନୁହେଁ, ଆଗଧାଡିର ଫୁଟବଲ୍ କ୍ଲବ ମାଞ୍ଚେଷ୍ଟର ୟୁନାଇଟେଡ୍‌ର କ୍ୟାଟରିଙ୍ଗ ବିଭାଗରେ ସେ ମଧ୍ୟ କିଛିଦିନ କାମ କରିଥିଲେ।

ପରଦାରେ

# ଘମାଘୋଟ

ନୂଆ ଓଡ଼ିଆ ସିନେମା 'ଘମାଘୋଟ' ଚଳିତ ମାସ ୧୩ ତାରିଖରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। କୌଶିକ ଦାସଙ୍କ ପ୍ରଯୋଜନାରେ ନିର୍ମିତ ଏହି ନୂଆ ସିନେମାଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆଗଧାଡିର ନିର୍ଦ୍ଦେଶକ ରାଜା ଡି। ସନୋଜ କୁମାର, ଅଭିଷେକ ପଣ୍ଡା, ସନ୍ଦୀପ ମିଶ୍ର, ତପି ମିଶ୍ର, ଆକାଶ ହୋତା , ଆକାଶ ରାଉତ, ଶୈଳେନ୍ଦ୍ର ସାମନ୍ତରାୟ,କେକେ, ରାଜେଶ ସାହୁ, ଜଷ୍ଟି, ଏଇମନ ପ୍ରଧାନ , ବିଭାସ ଓ ନବାଗତା ଜୟଶ୍ରୀ ଷଡ଼ଙ୍ଗୀ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ, ଅନୁରାଗ ପଟ୍ଟନାୟକ ଓ ସୂର୍ଯ୍ୟଜୀ ।


ଶୈଳେନ୍ଦ୍ର

# କରୀନାଙ୍କ ପ୍ରିୟ ଖାଦ୍ୟ

କରୀନା କପୁର ପ୍ରତିଦିନ ଯାହା ଖାଇଲେ ମଧ୍ୟ ଗୋଟିଏ ଜିନିଷକୁ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? ଆଳୁ ପରଟା। ସେ ଭାରି ଖାଇବା ପ୍ରିୟ। ଘରେ ରହିଲେ ସେ କିଛି ନା କିଛି ଖାଇବାକୁ ଭୁଲି ନ ଥାନ୍ତି। କରୀନା ପ୍ରତିଦିନ କିଛି ସମୟ ଯୋଗ–ପ୍ରାଣାୟାମ କରିବାକୁ ଭୁଲି ନ ଥାନ୍ତି। ତାଙ୍କର ପସନ୍ଦ ଡ୍ରେସ ହେଲା ଜିନ୍ସ ଏବଂ ଟି ଶାର୍ଟ। ଅଭିନୟ ଜୀବନରେ ଅନେକ ଘଟଣା ଘଟିଥାଏ। ଆଉ କରୀନା ବା ସେଥିରୁ ବାଦ୍ ପଡିବେ କିପରି ? ନିଜ ଆକ୍ଟିଂ କ୍ୟାରିୟରରେ ସେ କେତୋଟି ସିନେମାରେ ଅଭିନୟ କରିବାକୁ ମନା କରିଦେଇଥିଲେ। ସୁପରହିଟ୍ ଫିଲ୍ମ 'କହୋ ନା ପ୍ୟାର ହୈ', 'କଲ୍ ହୋ ନା ହୋ' ଏବଂ 'କୁଇନ୍'କୁ ହାତଛଡା କରିଥିବାରୁ ଏବେ ମଧ୍ୟ ସେ ଅନୁତାପ କରିଥାଆନ୍ତି।


କରୀନା

ନୂଆ ସିନେମା

# ଆଫା

ସାଧାରଣତଃ ପିଲାମାନଙ୍କ ଆଖିରେ କିଛି ପଡିଗଲେ ମା' ତାହାର ପଣତକାନିରେ ଆଖିକୁ ଥାପି ଦିଏ, ଯାହାକୁ କୁହାଯାଏ ଆଫା। ଆଉ ସେଥିରୁ ପିଲାଟିକୁ ଏକ ସ୍ୱତନ୍ତ୍ର ଉପଶମ ମିଳେ। କାହାଣୀ ଅନୁସାରେ ଗୋଟିଏ ପରିବାର ଉପରେ ହଠାତ୍ ଏକ ଅଦିନିଆ ଝଡ ମାଡିଆସେ। କିନ୍ତୁ ଏଭଳି ଏକ ଘଡିସନ୍ଧି ସମୟରେ ସେମାନେ କିପରି ଏହାକୁ ସାମନା କରନ୍ତି ଏବଂ ପରିଶେଷରେ ଏହାର ଫଳ କ'ଣ ହୁଏ ତାହାକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଆଫା'। ଏହାର କାହାଣୀରେ ଅଙ୍ଗଦାନ ବିଷୟ ମଧ୍ୟ ସ୍ଥାନୀତ ହୋଇଛି। ମିଷ୍ଟିକ କ୍ଲ କ୍ଲାପ୍‌ସ ବ୍ୟାନରରେ ଏହାର ପ୍ରଯୋଜନା କରାଯାଇଛି। ପୂର୍ବରୁ ଏହି ବ୍ୟାନରରେ ପ୍ରୀତିରାଜ–ନୈନା ଯୋଡିକୁ ନେଇ ପ୍ରସ୍ତୁତ 'ମାଇଁ ସୁଇଟ୍ ହାଉସୱାଇଫ' ସଫଳତା ହାସଲ କରିଥିଲା। ତେଣୁ ତାଙ୍କୁ 'ଆଫା'ରେ ରିପିଟ୍ କରାଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ରାଜେନ୍ଦ୍ର ମହନ୍ତ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଖାସ୍ କଥା ହେଲା ଉକ୍ତ ଚିତ୍ରର ଆସୋସିଏଟ୍ ନିର୍ଦ୍ଦେଶକ ଅଛନ୍ତି ପ୍ରୀତିରାଜ। ସଂଳାପ ରଚନା କରିଛନ୍ତି କୁନା ତ୍ରିପାଠୀ। ହର ରଥ, ଧରିତ୍ରୀ ଖଣ୍ଡୁଆଳ, କୁନା ତ୍ରିପାଠୀତ, ରବି ମିଶ୍ର ଏବଂ ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତିଙ୍କ ଝିଅ ଅନମୋଲ ଶିଶୁ କଳାକାର ଭାବରେ ଅଭିନୟ କରିଛନ୍ତି।


'ଆଫା' ଫିଲ୍ମରେ ନୈନା–ପ୍ରୀତିରାଜ

# ସୟଦ ଆବିଦ ଅଲୀଙ୍କ ପରଲୋକ

**ନୂଆଦିଲ୍ଲୀ,୧୨।୩(ପି.ଟି.):** ଭାରତର ପୂର୍ବତନ ଅଲରାଉଣ୍ଡର ସୟଦ ଆବିଦ ଅଲୀଙ୍କର ବୁଧବାର ଆମେରିକାରେ ପରଲୋକ ଘଟିଛି। ଏ ସମ୍ପର୍କରେ ନର୍ଥ ଆମେରିକା କ୍ରିକେଟ ଲିଗ (ଏନଏସିଏଲ) ପକ୍ଷରୁ ସୂଚନା ଦିଆଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା। ନିଜ ସମୟରେ ଚମତ୍କାର ଫିଲ୍ଡର ଭାବେ ଜଣାଶୁଣା ଆବିଦ ଦେଶ ପାଇଁ ୨୯ ଟେଷ୍ଟ ଖେଳିଥିଲେ। ହାଇଦ୍ରାବାଦରେ ଜନ୍ମିତ ଆବିଦ ୧୯୬୭ ଡିସେମ୍ବରରେ ଆଡିଲେଡଠାରେ ଭାରତ ପାଇଁ ପଦାର୍ପଣ କରିଥିଲେ। ମ୍ୟାଚର ପ୍ରଥମ ଇନିଂସରେ ସେ ୫୫ ରନ ବ୍ୟୟ କରି ୬ ଉଇକେଟ ନେଇଥିଲେ, ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍ପେଲ ଥିଲା। ଏହି ସିରିଜର ସିଡନୀ ଟେଷ୍ଟର ଦୁଇଟି ଇନିଂସରେ ସେ ଯଥାକ୍ରମେ ୭୮ ଓ ୮୧ ରନ କରିଥିଲେ। ୧୯୭୪ରେ ଅନ୍ତିମ ଅନ୍ତର୍ଜାତୀୟ ଟେଷ୍ଟ ମ୍ୟାଚ ଖେଳିଥିବା ଆବିଦଙ୍କ ନାମରେ ୪୭ଟି ଉଇକେଟ ଓ ୧୦୧୮ ରନ ଥିଲା। ସେ ଖେଳିଥିବା ୨୯ଟି ଟେଷ୍ଟରୁ ୭ ଟେଷ୍ଟରେ ଓପନିଂ ବ୍ୟାଟିଂ କରିଥିଲେ। ସେ ୫ଟି ଦିନିକିଆ ମ୍ୟାଚ ମଧ୍ୟ ଖେଳିଥିଲେ। ତନ୍ମଧ୍ୟରୁ ୩ଟି ମ୍ୟାଚ ୧୯୭୫ ବିଶ୍ୱକପ୍‌ରେ ଖେଳିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚରେ ସେ ୯୮ ବଲରେ ୭୦ ରନ କରିଥିଲେ। ଫାଷ୍ଟ-କ୍ଲାସ କ୍ରିକେଟରେ ୨୧୨ ମ୍ୟାଚ ଖେଳି ୩୯୭ ଉଇକେଟ ନେବା ସହ ୮,୭୩୨ ରନ କରିଥିଲେ। ଜଣେ ନୂଆ ବଲ ବୋଲର ଭାବେ ଏକ ଟେଷ୍ଟ ମ୍ୟାଚରେ ଦୁଇ ଥର ପ୍ରଥମ ବଲରେ ଉଇକେଟ ନେବାର ସ୍ୱତନ୍ତ୍ର ରେକର୍ଡ ତାଙ୍କ ନାମରେ ରହିଛି।

# ‘ବଟ୍‌ଲରଙ୍କୁ ଛାଡ଼ିବା ଚ୍ୟାଲେଞ୍ଜିଂ ଥିଲା’



ଏକ ହାଲ୍‌କା ମୁହୂର୍ତ୍ତରେ ଜୋସ ବଟଲର ଓ ସଞ୍ଜୁ ସାମସନ।

**ଜୟପୁର, ୧୨।୩**

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୮ତମ ସଂସ୍କରଣ ପାଖେଇ ଆସୁଛି। ଚଳିତ ମାସ ୨୨ରୁ କୋଲ୍‌କାତାରେ ଆରମ୍ଭ ହେବ ଏହି ବ୍ୟୟବହୁଳ କ୍ରିକେଟ ଲିଗ୍। ପ୍ରତିଯୋଗିତା ପାଇଁ ବିଭିନ୍ନ ଫ୍ରାଞ୍ଚାଇଜ୍ ଦଳର ଖେଳାଳିମାନେ ଏକାଠି ହେବାରେ ଲାଗିଛନ୍ତି। ଏଥର ଆଇପିଏଲ୍ ପାଇଁ ମେଗା ଅକ୍ସନ ହୋଇଥିବାରୁ ଅନେକ ଖେଳାଳି ଅଦଳବଦଳ ହୋଇଛନ୍ତି। କେତେଜଣ ନାମୀ ଦାମୀ ଖେଳାଳି ନିଜର ପୁରୁଣା ଦଳ ଛାଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ଜୋସ୍ ବଟ୍‌ଲରଙ୍କୁ ଦୀର୍ଘ ୭ ବର୍ଷ ପରେ ରାଜସ୍ଥାନ ରୟାଲ୍ସ ଛାଡ଼ିବାକୁ ପଡ଼ିଛି। ମାତ୍ର ବଟ୍‌ଲରଙ୍କୁ ଛାଡ଼ିବା ଏକ କଷ୍ଟସାଧ ନିଷ୍ପତ୍ତି ଏବଂ ସବୁଠାରୁ ଚ୍ୟାଲେଞ୍ଜିଂ ଥିଲା ବୋଲି ଅଧିନାୟକ ସଞ୍ଜୁ ସାମ୍‌ସନ ସ୍ୱୀକାର କରିଛନ୍ତି। ରାଜସ୍ଥାନ ଦଳରେ ବଟ୍‌ଲର ୨୦୧୮ରୁ ୨୦୨୪ ପର୍ଯ୍ୟନ୍ତ ଖେଳିଥିଲେ। ଏହି ସମୟ ମଧ୍ୟରେ ସେ ୮୩ଟି ଗେମ୍‌ରୁ ୪୧.୮୪ ଆଭରେଜ୍‌ରେ ୩୦୫୫ ରନ୍ ସ୍କୋର କରିଥିଲେ। ଷ୍ଟ୍ରାଇକ୍ ହାର ଥିଲା ୧୪୭.୭୯। ନିୟମ ଅନୁସାରେ, ଅକ୍ସନ ପୂର୍ବରୁ ରାଜସ୍ଥାନ ରୟାଲ୍ସ ୬ ଖେଳାଳିଙ୍କୁ ରିଟେନ୍ ରଖିଥିଲା। ମାତ୍ର ଏହା ମଧ୍ୟରେ ବଟ୍‌ଲର ନ ଥିଲେ। ଖେଳାଳି ନିଲାମରେ ବଟ୍‌ଲର ଗୁଜରାଟ ଟାଇଟନ୍ସ ଦଳକୁ ଯାଇଥିଲେ।

‘‘ଉଚ୍ଚସ୍ତରରେ ଖେଳିବା ସହ ଭଲ ବନ୍ଧୁ ସୃଷ୍ଟି କରିବାକୁ ଆଇପିଏଲ ସୁଯୋଗ ପ୍ରଦାନ କରିଥାଏ। ଜୋସ୍ ବଟ୍‌ଲର ହେଉଛନ୍ତି ମୋର ଅନ୍ୟତମ ଅନ୍ତରଙ୍ଗ ବନ୍ଧୁ। ଆମେ ସାଥିହୋଇ ୭ ବର୍ଷ ଖେଳିଛୁ। ଏହି ସମୟ ମଧ୍ୟରେ ଆମେ ଅନେକ ସ୍ମରଣୀୟ ପାର୍ଟନରଶିପ୍ ଗଢ଼ିଛୁ। ସେ ମୋର ବଡ଼ଭାଇ ସଦୃଶ। ମୁଁ ଯେତେବେଳେ ବି ଦ୍ୱନ୍ଦ୍ୱରେ ଥାଏ ତାଙ୍କ ପରାମର୍ଶ ନେଇଥାଏ। ମୁଁ ୨୦୨୧ରେ ଅଧିନାୟକ ହେବାବେଳେ ସେ ଉପଅଧିନାୟକ ଥିଲେ। ମୋତେ ଜଣେ ଭଲ ଅଧିନାୟକ ହେବାରେ ସେ ସହାୟକ ହୋଇଛନ୍ତି। ଅକ୍ସନ ସମୟରେ ତାଙ୍କୁ ଛାଡ଼ିବା ମୋ ପାଇଁ ସବୁଠାରୁ ଚ୍ୟାଲେଞ୍ଜିଂ ନିଷ୍ପତ୍ତି ଥିଲା। ଦୀର୍ଘବର୍ଷ ଧରି ସମ୍ପର୍କ ଥିବାରୁ ସେ ମୋ ପରିବାରର ଅଂଶଭଳି ହୋଇଯାଇଥିଲେ’’ ବୋଲି ସାମ୍‌ସନ ପ୍ରକାଶ କରିଛନ୍ତି।

ରାହୁଲ ଦ୍ରାବିଡ୍ କୋଚ୍ ଭାବେ ରାଜସ୍ଥାନ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୦୧୩ରେ ସାମ୍‌ସନ ଆଇପିଏଲ୍ ଡେବ୍ୟୁ କଲାବେଳେ ଦ୍ରାବିଡ୍ ରୟାଲ୍ସ ଦଳର ଅଧିନାୟକ ଥିଲେ। ଏହାପରେ ୨ ବର୍ଷ ମେଣ୍ଟରଭାବେ କାର୍ଯ୍ୟ କରିଛନ୍ତି। ଏବେ ଆହତ ସମସ୍ୟାରେ ଥିବା ଦ୍ରାବିଡ ଆଇପିଏଲ୍ ବେଳକୁ ସମ୍ପୂର୍ଣ୍ଣ ଫିଟ୍ ହୋଇଯାଇଥିବା ଆଶା କରାଯାଉଛି। ‘‘ଟ୍ରାଏଲ୍ସ ସମୟରେ ଦ୍ରାବିଡ୍ ମୋ ପ୍ରତିଭା ଚିହ୍ନଟ କରିଥିଲେ। ଏହାପରେ ମୋ ନିକଟକୁ ଆସି ତାଙ୍କ ଦଳରେ ଖେଳିବ କି ବୋଲି ପ୍ରଶ୍ନ କରିଥିଲେ। ସେହି ପରିସ୍ଥିତିରୁ ଫ୍ରାଞ୍ଚାଇଜ୍ ଦଳର ଅଧିନାୟକ ହେବା ମଧ୍ୟରେ ଦ୍ରାବିଡ ପୁଣି ପ୍ରତ୍ୟାବର୍ତ୍ତନ କରିଛନ୍ତି। ମୁଁ ତାଙ୍କ ନିକଟରେ ଚିରକୃତଜ୍ଞ। ରାଜସ୍ଥାନ ଦଳର ଅଧିନାୟକ ଥିବାବେଳେ ମୁଁ ତାଙ୍କ ଅଧୀନରେ ଖେଳିଛି ଏବଂ ଭାରତୀୟ ଦଳର କୋଚ୍ ଥିବାବେଳେ ମଧ୍ୟ ଖେଳିଛି। ତେବେ କ୍ୟାପ୍‌ଟେନ-କୋଚ୍ ସମ୍ପର୍କ ଅନ୍ୟଠାରୁ ସ୍ୱତନ୍ତ୍ର। ମୁଁ ତାଙ୍କଠାରୁ ଅନେକ କିଛି ଶିଖିବାକୁ ଅପେକ୍ଷା କରି ରହିଛି’’ ବୋଲି ସାମ୍‌ସନ ପ୍ରକାଶ କରିଛନ୍ତି। ବେଙ୍ଗାଲୁରୁଠାରେ ଖେଳୁଥିବାବେଳେ ଦ୍ରାବିଡ ଗୋଡ଼ରେ ଆଘାତ ପାଇଛନ୍ତି। ତେବେ ସେ ସୁସ୍ଥ ହେଉଛନ୍ତି ଏବଂ ଜୟପୁରଠାରେ ଖୁବ୍‌ଶୀଘ୍ର ଦଳରେ ଯୋଗଦେବେ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ଟୁଇଟ୍ କରାଯାଇଛି।

ସାମ୍‌ସନ ୧୮ ବର୍ଷରେ ଆଇପିଏଲ୍ ଡେବ୍ୟୁ କରିଥିଲେ। ଏବେ ରାଜସ୍ଥାନ ଦଳରେ ୧୩ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ସାମିଲ ହୋଇଛନ୍ତି। ବୈଭବ ମୋଠାରୁ ଯେପରି ସମର୍ଥନ ଆଶା କରିବେ ମୁଁ ତାହା ଯୋଗାଇଦେବି ବୋଲି ସାମ୍‌ସନ କହିଛନ୍ତି।

# ଓଡ଼ିଶାର ଜୟନ୍ତୀଙ୍କୁ ବ୍ରୋଞ୍ଜ୍



ପଦକ ସହ ଜୟନ୍ତୀ ବେହେରା।

**ଭୁବନେଶ୍ୱର, ୧୨।୩(ତପନ ସ୍ୱାଇଁ)**

### ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଗ୍ରାଁ ପ୍ରି

ନୂଆଦିଲ୍ଲୀରେ ଚାଲିଥିବା ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଗ୍ରାଁ ପ୍ରିରେ ଚମକ ଦେଖାଇଛନ୍ତି ଓଡ଼ିଆ ଝିଅ ଜୟନ୍ତୀ ବେହେରା। ମହିଳା ୧୦୦ ମିଟର ଟି-୪୭ ବର୍ଗରେ ସେ ବ୍ରୋଞ୍ଜ୍ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ୯ ଆଥ୍‌ଲେଟବିଶିଷ୍ଟ ଫାଇନାଲରେ ଜୟନ୍ତୀ ୧୩.୬୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ହାସଲ କରିଛନ୍ତି। ନାଚୁରାଲ ପାରାଲିମ୍ପିକ୍ ଆଥଲେଟ୍ (ଏନ୍‌ପିଏ) ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ରୁଷିଆର ଆନାସ୍ତାସିଆ ସୋଲୋବେଭା ୧୨.୫୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଏବଂ ଶ୍ରୀଲଙ୍କାର ଜନନୀ ବିକ୍ରମସିଙ୍ଘା ୧୩.୨୫ ସେକେଣ୍ଡ ସହ ରୌପ୍ୟ ପଦକ ହାସଲ କରିଛନ୍ତି। ଲାଇନ୍‌ଅପ୍‌ରେ ଥିବା ଭାରତର ଅନ୍ୟ ୩ ଆଥ୍‌ଲେଟ୍ ଅମୂଲ୍ୟା ଈଶ୍ୱରୀ ଉମା ଦେବୀ (୧୫.୯୩) ୬ଷ୍ଠ ସ୍ଥାନ ପାଇଥିବାବେଳେ ଅନୁରାଧା ଚୌହାନ ଓ କୀର୍ତ୍ତି ଚୌହାନ ରେସ୍ ଆରମ୍ଭ କରି ନ ଥିଲେ।

# ଶୁବମନ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍



**ଦୁବାଇ,୧୨।୩(ପି.ଟି.):** ନିକଟରେ ଚାମ୍ପିୟନ୍ସ ଟ୍ରଫିରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତୀୟ ଦଳର ଷ୍ଟାର ଓପ୍‌ନର ଶୁବମନ ଗିଲ୍‌ଙ୍କୁ ବୁଧବାର ଫେବୃଆରୀ ମାସ ପାଇଁ ଆଇସିସି ମେନ୍ସ ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ କରାଯାଇଛି। ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଓ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସଙ୍କୁ ପଛରେ ପକାଇ ଗିଲ୍ ଏହି ପୁରସ୍କାର ଜିତିଛନ୍ତି। ଗତମାସରେ ଗିଲ୍ ୮ ଦିନିକିଆ ମ୍ୟାଚ୍‌ରେ ୧୦୧.୫୦ ଆଭରେଜ୍ ଓ ୯୪.୧୯ ଷ୍ଟ୍ରାଇକ୍‌ରେଟ୍‌ରେ ୪୦୬ ରନ୍ କରିଥିଲେ। ଏଥିରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ବି ସାମିଲ ରହିଛି। ସେ ନାଗପୁରରେ ୮୭, କଟକରେ ୬୦ ଓ ଅହମ୍ମଦାବାଦରେ ୧୧୨ ରନ୍ କରିଥିଲେ। ଏହାପରେ ଚାମ୍ପିୟନ୍ସ ଟ୍ରଫିରେ ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ୧୦୧ ରନ୍‌ର ଇନିଂସ ଖେଳିଥିଲେ। ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ୪୬ ରନ୍ କରିଥିଲେ।

# ଏସିଆନ ଚାମ୍ପିୟନଶିପ୍ : ୧୫ରେ ସିଲେକ୍ସନ ଟ୍ରାଏଲ୍ସ

**ନୂଆଦିଲ୍ଲୀ,୧୨।୩(ପି.ଟି.)**

ଜାତୀୟ କ୍ରୀଡ଼ା ଫେଡେରେଶନ (ଏନ୍‌ଏସ୍‌ଏଫ୍) ମାନ୍ୟତା ଫେରିପାଇବା ପରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଆଗାମୀ ଏସିଆନ ଚାମ୍ପିୟନଶିପ୍ ଲାଗି ସିଲେକ୍ସନ ଟ୍ରାଏଲ୍ସ ତାରିଖ ଘୋଷଣା କରିଛି। ଆସନ୍ତା ୧୫ ତାରିଖରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏହି ଟ୍ରାଏଲ୍ସ ଅନୁଷ୍ଠିତ ହେବ। ଡବ୍ଲ୍ୟୁଏଫ୍‌ଆଇର ନୂଆ ପ୍ରଶାସନର ମାର୍ଗଦର୍ଶନରେ ଆୟୋଜିତ ଏହା ପ୍ରଥମ ଟ୍ରାଏଲ ହେବାକୁ ଯାଉଛି। ୨୦୨୩ ଡିସେମ୍ବରରେ ଅନୁଷ୍ଠିତ ନିର୍ବାଚନର ୩ ଦିନ ପରେ ଡବ୍ଲ୍ୟୁଏଫ୍‌ଆଇର ନୂଆ ପ୍ରଶାସନକୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ବାସନ୍ଦ କରାଯାଇଥିଲା।

ଏହି ଚୟନ ଶିବିରରେ ଆସନ୍ତା ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଜୋର୍ଡାନର ଅମ୍ମାନଠାରେ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍ ଲାଗି ଟପ୍ ରେସ୍‌ଲରଙ୍କୁ ଚୟନ କରାଯିବ। ଡବ୍ଲ୍ୟୁଏଫ୍‌ଆଇ ପକ୍ଷରୁ ଜାରି କରାଯାଇଥିବା ସର୍କୁଲାର ଅନୁଯାୟୀ, ମେନ୍ସ ଫ୍ରିଷ୍ଟାଇଲ, ମହିଳା ରେସ୍‌ଲିଂ ଓ ଗ୍ରୀକୋ ରୋମାନ୍ ଷ୍ଟାଇଲର ସମସ୍ତ କାଟାଗୋରିରେ ଟ୍ରାଏଲ୍ସ ହେବ। ସମସ୍ତ ପ୍ରତିଯୋଗୀଙ୍କ ଲାଗି ଓଜନରେ ୨ କେଜି କୋହଳ କରାଯିବ। ପ୍ରକାଶ ଯେ, ବାସନ୍ଦ ଥିବାବେଳେ ଡବ୍ଲ୍ୟୁଏଫ୍‌ଆଇ ଜାତୀୟ ଶିବିର ଆୟୋଜନ କରିପାରି ନ ଥିଲା।

# ଟପ୍-୫ ବ୍ୟାଟରଙ୍କ ମଧ୍ୟରେ ୩ ଭାରତୀୟ

**ନୂଆଦିଲ୍ଲୀ,୧୨।୩:** ଆଇସିସି ପୁରୁଷ ଦିନିକିଆ ଖେଳାଳି ର୍‍ୟାଙ୍କିଙ୍ଗ୍‌ରେ ଯୁବ ଭାରତୀୟ ଓପନର ଶୁବମନ ଗିଲ ପୂର୍ବ ଭଳି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଭାରତୀୟ ଅଧିନାୟକ ରୋହିତ ଶର୍ମା ଦୁଇଟି ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୂରା ଟୁର୍ନାମେଣ୍ଟରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ହାସଲ କରିଥିବା ବିରାଟ କୋହଲି ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିଭଳି ନ୍ୟୁଜିଲାଣ୍ଡ ବ୍ୟାଟରଙ୍କ ର୍‍ୟାଙ୍କିଙ୍ଗ୍‌ରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ଆସିଛି।

# ଭୋଟରଙ୍କ ଚୟନ ପ୍ରକ୍ରିୟାରୁ ଅନୁରାଗ ବାଦ୍

**ନୂଆଦିଲ୍ଲୀ,୧୨।୩(ପି.ଟି.)**



### ବିଏଫ୍‌ଆଇ ନିର୍ବାଚନ

ଆସନ୍ତା ୨୮ ତାରିଖରେ ବକ୍ସିଂ ଫେଡେରେଶନ ଅଫ ଇଣ୍ଡିଆ (ବିଏଫ୍‌ଆଇ)ର କାର୍ଯ୍ୟକାରୀ ପରିଷଦ ନିର୍ବାଚନ ହେବାକୁ ଯାଉଛି। ଏଥିଲାଗି ନିର୍ବାଚକ ମଣ୍ଡଳୀରେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ତଥା ବିସିସିଆଇର ପୂର୍ବତନ ମୁଖ୍ୟ ଅନୁରାଗ ଠାକୁରଙ୍କୁ ସାମିଲ କରିବା ପାଇଁ ହିମାଚଳ ପ୍ରଦେଶ ବକ୍ସିଂ ମହାସଂଘ ପକ୍ଷରୁ ନାମ ପଠାଯାଇଥିଲା। ହେଲେ ତାଙ୍କ ନାମାଙ୍କନକୁ ବୁଧବାର ବିଏଫ୍‌ଆଇ ପକ୍ଷରୁ ବାଦ ଦିଆଯାଇଛି। ଏଥିସହିତ ଫେଡେରେଶନ ପକ୍ଷରୁ ୬୦ ସଦସ୍ୟ ବିଶିଷ୍ଟ ନିର୍ବାଚକ ମଣ୍ଡଳୀ ଚୂଡ଼ାନ୍ତ କରାଯାଇଛି। ଗତ ୭ ତାରିଖରେ ବିଏଫ୍‌ଆଇ ଏହାର ସମସ୍ତ ରାଜ୍ୟ ଶାଖାକୁ ନୋଟିସ ପଠାଇଥିଲା, ଯେଉଁଥିରେ କେବଳ ବିଏଫ୍‌ଆଇ ସ୍ୱୀକୃତିପ୍ରାପ୍ତ ଏଜିଏମରେ ନିର୍ବାଚିତ ହୋଇଥିବା ସଦସ୍ୟମାନେ ନିର୍ବାଚନରେ ଭାଗ ନେଇପାରିବେ ବୋଲି କୁହାଯାଇଥିଲା।

ହିମାଚଳ ପ୍ରଦେଶ ବକ୍ସିଂ ଆସୋସିଏଶନ ପକ୍ଷରୁ ଠାକୁର ଓ ଉପ ସଭାପତି ରାଜେଶ ଭଣ୍ଡାରୀଙ୍କ ନାମ ପଠାଯାଇଥିଲା। କିନ୍ତୁ ବିଏଫ୍‌ଆଇର ନୋଟିସ ଓ ନ୍ୟାସନାଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ କୋଡ ଅଫ ଇଣ୍ଡିଆ ଉଲ୍ଲଂଘନ କରିଥିବାରୁ ଠାକୁର ଏଥିରେ ଭାଗ ନେବାକୁ ଯୋଗ୍ୟ ନୁହଁନ୍ତି। ସେ ହିମାଚଳ ପ୍ରଦେଶ ଆସୋସିଏଶନ ନିର୍ବାଚିତ ସଦସ୍ୟ ନୁହନ୍ତି। ଏଥିଯୋଗୁ ତାଙ୍କୁ ବାଦ ଦିଆଯାଇଛି। ଚୂଡ଼ାନ୍ତ ନାମ ଚୟନ କରିବା ପରେ ତାଲିକାକୁ ରିଟର୍ଣ୍ଣି ଅଧିକାରୀଙ୍କ ନିକଟକୁ ପଠାଇବା ବିଏଫ୍‌ଆଇର କାର୍ଯ୍ୟ ବୋଲି ବିଏଫ୍‌ଆଇ ପକ୍ଷରୁ କୁହାଯାଇଛି। ସମାନ କାରଣରୁ ମେଘାଳୟର ଲ୍ୟାରୀ ଖର୍ପରାନ ଓ ତ୍ରିପୁରାର ଆଶିଷ କୁମାର ସାହାଙ୍କ ନାମକୁ ବାଦ ଦିଆଯାଇଛି। ଦିଲ୍ଲୀର ରାଜ୍ୟ ଶାଖା ପକ୍ଷରୁ ପଠାଯାଇଥିବା ରୋହିତ ଜୟନେନ୍ଦ୍ର ଜୈନ ଓ ନୀରଜ କାନ୍ତ ଭଟ୍ଟଙ୍କ ନାମକୁ ମଞ୍ଜୁରୀ ଲାଗି ରିଟର୍ନିଂ ଅଧିକାରୀଙ୍କ ନିକଟକୁ ପଠାଯାଇଛି।

# ଝାଡ଼ଖଣ୍ଡ ଚାମ୍ପିୟନ

**ପଞ୍ଚକୁଲା, ୧୨।୩ (ପି.ଟି.):** ଏଠାରେ ଅନୁଷ୍ଠିତ ଜାତୀୟ ସିନିୟର ମହିଳା ହକିରେ ଝାଡ଼ଖଣ୍ଡ ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ଝାଡ଼ଖଣ୍ଡ ଶୁଟ୍‌ଆଉଟ ୪-୩ ଗୋଲରେ ହରିୟାଣାକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୧-୧ ଗୋଲରେ ବରାବର ରହିଥିଲା। ତୃତୀୟ ସ୍ଥାନ ପାଇଁ ମ୍ୟାଚରେ ମିଜୋରାମ ୨-୧ ଗୋଲରେ ମହାରାଷ୍ଟ୍ରକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି।

# ୪୫ କୋଟି କ୍ଷତି ସହିବ ଲର୍ଡ୍ସ

**ଲଣ୍ଡନ,୧୨।୩(ପି.ଟି.)**

### ଡବ୍ଲ୍ୟୁଟିସି ଫାଇନାଲରେ ଭାରତର ଅନୁପସ୍ଥିତି

ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଲାଗି ଭାରତ ଯୋଗ୍ୟତା ହାସଲ କରିବାରେ ବିଫଳ ହେବାରୁ ଲର୍ଡ୍ସ ଗ୍ରାଉଣ୍ଡକୁ ରାଜସ୍ୱରେ ୪ ନିୟୁତ ପାଉଣ୍ଡ (ପାଖାପାଖି ୪୫ କୋଟି ଟଙ୍କା) କ୍ଷତି ସହିବାକୁ ପଡ଼ିବ। ଗତ ଦୁଇ ଥରର ରନରଅପ ଭାରତୀୟ ଦଳ ଫାଇନାଲ ମ୍ୟାଚ ଲାଗି ଯୋଗ୍ୟତା ହାସଲ କରିପାରିନଥିଲା। ଆସନ୍ତା ଜୁନରେ ହେବାକୁ ଥିବା ଏହି ଫାଇନାଲ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ।

ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ (ଡବ୍ଲ୍ୟୁଟିସି) ଫାଇନାଲକୁ ଭାରତ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଥିବାରୁ ଲର୍ଡ୍ସ ପାଖାପାଖି ୪ ନିୟୁତ ପାଉଣ୍ଡ କମ ରାଜସ୍ୱ ସୃଷ୍ଟି କରିବ। ଭାରତର ଅନୁପସ୍ଥିତି ଯୋଗୁ ମାରିଲେବୋନ କ୍ରିକେଟ କ୍ଲବ (ଏମ୍‌ସିସି) ମ୍ୟାଚ ଆୟୋଜନରୁ ଯେଉଁ ପରିମାଣର ରାଜସ୍ୱ ସୃଷ୍ଟି ହେବ ବୋଲି ଆଶା ରଖିଥିଲା, ତାହା ହୋଇପାରିବ ନାହିଁ ବୋଲି ଏକ ଜାତୀୟ ଇଂରାଜୀ ଖବର କାଗଜରେ ପ୍ରକାଶ ପାଇଥିବା ରିପୋର୍ଟରେ ଦର୍ଶାଯାଇଛି। ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ତାଲିକା ଶୀର୍ଷରେ ପ୍ରାୟ ଏକ ବର୍ଷ ବିତାଇଥିବା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଘରୋଇ ଟେଷ୍ଟ ସିରିଜରେ ନ୍ୟୁଜିଲାଣ୍ଡଠାରୁ ୦-୩ ଓ ଅଷ୍ଟ୍ରେଲିଆ ବିପକ୍ଷରେ ୧-୩ରେ ବର୍ଡର-ଗାଭାସ୍କର ଟ୍ରଫି ସିରିଜରେ ପରାସ୍ତ ହେବା ପରେ ତୃତୀୟ ସ୍ଥାନକୁ ଖସି ଆସିଥିଲା। ଏଥିଯୋଗୁ ଭାରତୀୟ ଦଳ ଫାଇନାଲରୁ ବାଦ ପଡ଼ିଛି। ଭାରତ ଡବ୍ଲ୍ୟୁଟିସି ଫାଇନାଲରେ ଖେଳିବା ଆଶାରେ ଥିବା ଏମ୍‌ସିସି ଟିକେଟ ମୂଲ୍ୟରେ ବୃଦ୍ଧି କରିଥିଲା। କିନ୍ତୁ ଭାରତ ବାଦ ପଡ଼ିବା ପରେ ଏମସିସି ତା’ର ଷ୍ଟ୍ରାଟେଜୀ ବଦଳିବା ସହିତ ଟିକେଟ ମୂଲ୍ୟରେ ହ୍ରାସ କରିଛି। ଟିକେଟ ମୂଲ୍ୟରେ ବୃଦ୍ଧି କାରଣରୁ ଗତ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚର ଚତୁର୍ଥ ଦିନରେ ମାତ୍ର ୯ ହଜାର ଦର୍ଶକ ଯୋଗ ଦେଇଥିଲେ। ଏଥିଯାଗୁ ଏମ୍‌ସିସିକୁ ସମାଲୋଚିତ ହେବାକୁ ପଡ଼ିଥିଲା।

# ତମାଣ୍ଡୋ କ୍ରିକେଟ କ୍ଲବ୍ ଚାମ୍ପିୟନ

**ଯାଁଳା,୧୨।୩ (ବୁଲା ବାରିକ)**

ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ପଡ଼ିଆରେ ଚାଲିଥିବା ୭ମ ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ ତମାଣ୍ଡୋ କ୍ରିକେଟ କ୍ଲବ(ଟିସିସି) ଚାମ୍ପିୟନ ହୋଇଛି। ବୁଧବାର ଫାଇନାଲ ମ୍ୟାଚ୍ ଟିସିସି ଏବଂ ଏମ୍‌ଏମ୍‌ସିସି ସମ୍ବଲପୁର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଟିସିସି ଟିମ୍ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏମ୍‌ଏମ୍‌ସିସି ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୧୭ ରନ ସଂଗ୍ରହ କରିଥିଲା। ଜବାବରେ ଟିସିସି ଟିମ୍ ୧୭.୧ ଓଭରରେ ୭ ଉଇକେଟରେ ୧୧୮ରନ ସଂଗ୍ରହ କରି ବିଜୟୀ ହୋଇଥିଲା। କ୍ଷମାସାଗର ବଳ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଧୀରଜ ସିଂହ ଏବଂ ଦୁର୍ଗାଦତ୍ତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ସୁଶୀଲ କୁମାର ସୁନ୍ଦରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ତମାଣ୍ଡୋ କ୍ରିକେଟ କ୍ଲବର ସଭାପତି ଆଶିଷ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ମୁଖ୍ୟ ବକ୍ତାଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥିଭାବେ ବିଜେଡି ନେତା ମନ୍ମଥ ରାଉତରାୟ, କର୍ପୋରେଟର ରଶ୍ମିରଞ୍ଜନ ପାଢଶାଣୀ, ସାମାଜିକ କର୍ମୀ ଶିଶିର କୁମାର ବେହେରା, ବିଜେଡି ନେତା କୈଳାସ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ କପ୍ ସହ ୧ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ଅମୂଲ୍ୟ କୁମାର ଜେନା ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଅନିରୁଦ୍ଧ ବେହେରା ଧନ୍ୟବାଦ ଦେଇଥିଲେ।




ଚାମ୍ପିଅନ ତମାଣ୍ଡୋ କ୍ରିକେଟ କ୍ଲବ୍‌ର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଭାରତୀୟ ଦଳରେ ଓଡ଼ିଶା ଏଚ୍‌ପିସିର ୪ ଜିମ୍ନାଷ୍ଟ

**ଭୁବନେଶ୍ୱର,୧୨।୩(ଅନାଦି କର)**

ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି)ର ୪ ଜିମ୍ନାଷ୍ଟ ଏଫ୍‌ଆଇଜି ଆପାରାଟସ ୱାର୍ଲ୍ଡକପ୍ ସିରିଜରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ତପନ ମହାନ୍ତି ଓ ତାପେଶ୍ୱରନାଥ ଦାସ ସିନିୟର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ଏବଂ ପ୍ରଣତୀ ନାୟକ ଓ କରିସ୍ମା ରାଜପୁତା ସିନିୟର ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି।

ଆଜରବଇଜାନର ବକୁଠାରେ ଅନୁଷ୍ଠିତ ସିନିୟର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି) କାଟେଗୋରିରେ ତପନ ମହାନ୍ତି ଯୋଗ୍ୟତା ପର୍ଯ୍ୟାୟ ଅତିକ୍ରମ କରି ଫ୍ଲୋର ଏକ୍ସରସାଇଜ/ଷ୍ଟିଲ ରିଙ୍ଗ ଫାଇନାଲରେ ୮.୯୩୩ ସ୍କୋର ସହ ଅଷ୍ଟମ ସ୍ଥାନରେ ରହିଥିଲେ। ସିନିୟର ଓମେନ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ କାଟେଗୋରି ପ୍ରତିଯୋଗିତା ତୁର୍କୀର ଆଣ୍ଟାଲ୍ୟାଠାରେ ଆସନ୍ତା ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବ। ଏଥିରେ ପ୍ରଣତୀ ନାୟକ ଓ କରିସ୍ମା ରାଜପୁତ ଯଥାକ୍ରମେ ଭଲ୍ଟ

### ଏଫ୍‌ଆଇଜି ଆପାରାଟସ ୱାର୍ଲ୍ଡକପ୍

ଓ ବାଲାନ୍ସ ବିମ୍‌ରେ ପ୍ରତିନିଧିତ୍ୱ କରିବେ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ଗତ ମାସରେ ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଜାତୀୟ ଜିମ୍ନାଷ୍ଟିକ୍ସ କୋଚିଂ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ମୁଖ୍ୟ କୋଚ ଅଶୋକ ମିଶ୍ରଙ୍କୁ ଏମ୍‌ଏଜି ଲାଗି ମୁଖ୍ୟ କୋଚ ନିଯୁକ୍ତ କରାଯାଇଥିଲା।



କୋଚ୍‌ଙ୍କ ସହ ଓଡ଼ିଶା ଏଚ୍‌ପିସିର ଜିମ୍ନାଷ୍ଟମାନେ।

# ଫାଇନାଲରେ ଗଣ୍ଡରପୁର

**ପୁରୁଣା ଭୁବନେଶ୍ୱର, ୧୨।୩**

**(ସୁବାସ ପ୍ରଧାନ)**

ପୋଖରୀପୁଟ ଖେଳପଡ଼ିଆରେ ବିଳାସ ରାଉତରାୟ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ କରଡ଼ାପଲୀକୁ ଗଣ୍ଡରପୁର ୧-୦ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଡାଇନାମିକ୍‌କୁ ଘାଟିକିଆ ୧-୦ ଗୋଲରେ ପରାସ୍ତ କରିଛି। ପରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଘାଟିକିଆକୁ ୨-୧ ଗୋଲରେ ହରାଇ ଗଣ୍ଡରପୁର ଦଳ ଫାଇନାଲରେ ପ୍ରବେଶ କରିଛି। ରେଫରି ବାପି ଦାସ, ବିଜୟ ମଙ୍ଗରାଜ, ଶେଖାୱତ ଅଲ୍ଲୀ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ପୋଖରୀପୁଟ ଗ୍ରାମର ଚତୁର୍ଭୁଜ ଜେନା, କୃଷ୍ଣ ସାମନ୍ତରାୟ ଓ ମାନ ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ